

'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ


▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-111 •FRIDAY •17 OCTOBER 2025 •PAGE-12 •₹ 6.00

SAMBALPUR

•ବର୍ଷ-୪୩ •ସଂଖ୍ୟା-୧୧୧ •ଶୁକ୍ରବାର •୧୭ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦







## ମହଙ୍ଗା ଭତ୍ତା ୩ % ବଢ଼ିଲା

■ ଭୁବନେଶ୍ୱର, ୧୬।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

**ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ**

### ଜନସମ୍ପର୍କ ପଦଯାତ୍ରାରେ ନବୀନ

# ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି



**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ**

**ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା**

**ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ**

■ ଭୁବନେଶ୍ୱର, ୧୬।୧୦ (ସମିସ): ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ବାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

## ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ



**ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ**

**ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

**ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି**

■ ଭୁବନେଶ୍ୱର, ୧୬।୧୦ (ସମିସ): ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେନମାନଙ୍କ ଗହଣରେ ▶ପୃଷ୍ଠା-୭

## ବିଦାୟ ନେଲା ମୌସୁମୀ

■ ଭୁବନେଶ୍ୱର, ୧୬।୧୦ (ସମିସ): ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ସାରା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ହେବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ।

**୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ**









# ଲକ୍ଷେ ଟଙ୍କା ସୁପାରି ଦେଇ ସ୍ୱାମୀଙ୍କୁ ମାରିଲା ସ୍ତ୍ରୀ

**ମା'ର ମୁଖା ଖୋଲିଲା ପୁଅ**

ବାରାବାଙ୍କୀ, ୧୬ ।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରେ ଜଣେ ମହିଳା ସୁପାରି ଦେଇ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ମହିଳାଙ୍କ ୮ ବର୍ଷର ପୁଅ ଏହି ହତ୍ୟାକାଣ୍ଡର ଗୁମର ଖୋଲିବା ସହ ସହ ମା'ଙ୍କ ମୁଖା ଖୋଲିଦେଇଛି । ସ୍ୱାମୀଙ୍କୁ ହତ୍ୟା କରିବାକୁ ମହିଳା ଜଣେ ଇ- ଅଟୋ ରିକ୍ସା ଡ୍ରାଇଭରକୁ ଲକ୍ଷେ ଟଙ୍କା ଦେଇଥିଲେ । କିନ୍ତୁ ୮ ବର୍ଷର ଶିଶୁ ଏହି ଅପରାଧ ଘଟଣା ପୁଲିସକୁ କହିବା ପରେ ସତ ପଦାକୁ ଆସିଛି । ଏହି ମହିଳା ହେଉଛନ୍ତି ବାରାବାଙ୍କୀ ଘୁଙ୍ଗେଟ ଅଞ୍ଚଳର ପୂଜା ଗୌତମ । ସ୍ୱାମୀ ହନୁମନ୍ତଲାଲ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ପୂଜା ପ୍ରଥମେ କହୁଥିଲେ । କିନ୍ତୁ ତାଙ୍କ ଉପରେ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା । ଫଳର ପୁଲିସ ତଦନ୍ତ ଆଗକୁ ବଢ଼ାଇବା ସହ ଅଧିକ ପଚରାଉଚରା କରିଥିଲା । ନିଜ ପୁତୁରାଙ୍କ ସହ ପୂଜାର ଅବୈଧ ସମ୍ପର୍କ ଥିଲା । ଏହା ଜଣାପଡ଼ିବା ପରେ ସ୍ୱାମୀଙ୍କ ସହ ପୂଜାଙ୍କର ଝଗଡ଼ା ହୋଇଥିଲା । ଶେଷରେ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ସେ ଲକ୍ଷ୍ନୌର ଜଣେ ଇ- ରିକ୍ସା ଅଟୋ ଡ୍ରାଇଭର କମଳେଶଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ । ସୋମବାର ସନ୍ଧ୍ୟାରେ ଏକ ମେଳା ବୁଲିବାକୁ ଯାଇ ଫେରିବା ବେଳେ ପୂଜା କମଳେଶର ଇ- ରିକ୍ସା ବୁକ୍ କରିଥିଲେ । ଫେରିବା ବେଳେ ହନୁମନ୍ତଲାଲ୍‌ଙ୍କୁ ଲୁହା ରଡ଼ରେ ପିଟି କମଳେଶ ହତ୍ୟା କରିଥିଲେ । ଏହାକୁ ଏକ ଦୁର୍ଘଟଣା ରୂପ ଦେବାକୁ ପୂଜା ଓ କମଳେଶ ପ୍ରୟାସ କରିଥିଲେ ମଧ୍ୟ ପୁଅ ପୁଲିସକୁ ସତକଥା କହି ଦେଇଥିଲା ।

# ଜାତିଗତ ଜନଗଣନାରେ ସାମିଲ ହେଲେନି ସୁଧା ମୂର୍ତ୍ତି

ବେଙ୍ଗାଲୁରୁ, ୧୬।୧୦ (ଏଜେନ୍ସି): ଇନ୍‌ଫୋସିସ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କର୍ଣ୍ଣାଟକରେ ଚାଲିଥିବା ଜାତିଗତ ଜନଗଣନାରେ ସାମିଲ ହେବାକୁ ମନା କରିଦେଇଛନ୍ତି । କିଛି ଦିନ ତଳେ ସର୍ଭେ ଟିମ୍ ତାଙ୍କ ଘରକୁ ଯାଇଥିଲା । ସେତେବେଳେ ସେ ନିଜ ଘରର ସର୍ବେକ୍ଷଣ କରାଇବାକୁ ମନା କରିଦେଇଥିଲେ । ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣ ଫର୍ମ ପୂରଣ କରିବା ପରିବର୍ତ୍ତେ ସୁଧା ମୂର୍ତ୍ତି ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏଥିରେ ସୁଧା ଲେଖିଥିଲେ ଯେ ସେ କୌଣସି ପଛୁଆ ସମ୍ପ୍ରଦାୟର ନୁହଁନ୍ତି । ତେଣୁ ସେହି ସମ୍ପ୍ରଦାୟ ପାଇଁ ସରକାର କରୁଥିବା ସର୍ବେକ୍ଷଣରେ ସେ ଭାଗ ନେବେ ନାହିଁ । କିଛି ବ୍ୟକ୍ତିଗତ କାରଣ ପାଇଁ ରାଜ୍ୟର ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ହେଉଥିବା ଏହି ସାମାଜିକ ଏବଂ ଶିକ୍ଷାଗତ ସର୍ବେକ୍ଷଣରେ ନିଜ ସୂଚନା ଦେବାକୁ ମନା କରିଦେଇଥିଲେ ବୋଲି ସୁଧା କହିଛନ୍ତି ।

ଏହାକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ସର୍ବେକ୍ଷଣରେ ଭାଗ ନେବା ନ ନେବା ଇଚ୍ଛାଧୀନ ପ୍ରସଙ୍ଗ । ଯଦି କେହି ସୂଚନା ଦେବାକୁ ଚାହୁଁନାହାନ୍ତି ତେବେ ତାଙ୍କୁ ଏଥିରେ ଭାଗନେବାକୁ ବାଧ୍ୟ କରାଯାଇପାରିବ ନାହିଁ । ସୂଚନା ଅନୁଯାୟୀ କର୍ଣ୍ଣାଟକରେ ଗତ ୨୨ ତାରିଖରେ ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା । ଏହାର ସମୟସୀମାକୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏହି ସର୍ବେକ୍ଷଣ ପାଇଁ ସରକାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି । ଏଥିପାଇଁ ମାସେ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି । ସରକାରୀ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ଲଗାଯାଇଛି ।

# ଆଉ କେତେ ମିଛ କହିବେ ଟ୍ରମ୍ପ

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହେବା ପରେ ବିବ୍ରତ ହୋଇପଡ଼ିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତ ସମେତ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରି ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଥିବା ଟ୍ରମ୍ପ ଭାରତକୁ ଟାର୍ଗେଟ କରିବାରେ ଲାଗିଛନ୍ତି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଅନ୍ୟପଟେ ଭାରତକୁ ଅଡୁଆରେ

## ରୁଷରୁ ଆଉ ତେଲ କିଣିବ ନାହିଁ ଭାରତ: ଟ୍ରମ୍ପ

## ସ୍ପଷ୍ଟ କଲା ବୈଦେଶିକ ବିଭାଗ: ଭାରତ ଏଭଳି କୌଣସି ପ୍ରତିଶ୍ରୁତି ଦେଇନି

ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି । ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ସେ ମଧ୍ୟସ୍ଥତା କରିଥିଲେ । ତାଙ୍କର ଶୁଳ୍କ ଧମକ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିବା କହିଥିଲେ । କିନ୍ତୁ ଭାରତ ଏଭଳି ମନ୍ତବ୍ୟକୁ ଖଣ୍ଡନ କରିବା ପରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ ହୋଇ ଅତ୍ୟଧିକ ଶୁଳ୍କ ଲଗାଇଛନ୍ତି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଚଳାବସ୍ଥା ଲାଗି



ରହିଥିବା ବେଳେ ଟ୍ରମ୍ପ ଆଜି ପୁଣି ଆଉ ଏକ ମିଛ କହିଛନ୍ତି । ରୁଷଠାରୁ ଭାରତ ଆଉ ତେଲ କିଣିବ ନାହିଁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି । କିନ୍ତୁ ଭାରତ ତାଙ୍କର ଏହି ମନ୍ତବ୍ୟକୁ ଖଣ୍ଡନ କରିଛି । ପ୍ରଧାନମନ୍ତ୍ରୀ ଏଭଳି କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଭାରତ ସରକାର କହିବା ପରେ ଟ୍ରମ୍ପଙ୍କ ଆଉ ଏକ ମିଛ ଧରାପଡ଼ିଛି ।

ରୁଷ ତେଲକୁ ନେଇ ଭାରତ ସଂପର୍କରେ ଟ୍ରମ୍ପଙ୍କ ବିବୃତି ଉପରେ ଭାରତୀୟ ରାଜନୀତି ଆଜି ଦିନସାରା ସରଗରମ ରହିଥିଲା । ଟ୍ରମ୍ପଙ୍କ ଧମକ ଆଗରେ ସରକାର ମୁଣ୍ଡ ନୁଆଁଇଛନ୍ତି ବୋଲି କହି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରିଥିଲେ । ରୁଷରେ ମଧ୍ୟ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା । କିନ୍ତୁ ସନ୍ଧ୍ୟାରେ ଭାରତ ସରକାର ଏକ ସ୍ପଷ୍ଟୀକରଣ ଦେବାପରେ ଏହି ବିବାଦରେ ବିରାମ ଲାଗିଛି । ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ଯେ ରୁଷ ତେଲ ନେଇ ଟ୍ରମ୍ପଙ୍କୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ । ଆଜି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ । ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଗତକାଲି କୌଣସି ଟେଲିଫୋନ୍ ଆଲୋଚନା ହୋଇନାହିଁ । ରୁଷ ଠାରୁ ଭାରତ ତେଲ କିଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କେବେହେଲେ କହି ନାହାନ୍ତି । ସେ କହିଲେ ଯେ ତେଲ କିଣିବା ସମୟରେ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ । ଯେଉଁ ବଜାରରେ ତେଲ ଶସ୍ତା ମିଳିବ, ଭାରତ ସେହିଠାରୁ ହିଁ କିଣିବ ବୋଲି ସେ ପରୋକ୍ଷରେ ବୁଝାଇ ଦେଇଥିଲେ । ଏହାପୂର୍ବରୁ ଆଜି ତାଙ୍କର ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ରୁଷ ଠାରୁ ଭାର ତ ତେଲ କିଣୁଥିବାରୁ ସେ କ୍ଷୁବ୍ଧ ଅଛନ୍ତି । ତେବେ ଭାରତ ଏହି ତେଲ କିଣିବା ବନ୍ଦ କରିଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଟିକିଏ ସମୟ ଲାଗିବ । ମୋଦୀଙ୍କ ଏହି ପ୍ରତିଶ୍ରୁତିକୁ ମୁଁ ସ୍ୱାଗତ କରୁଛି ବୋଲି ଟ୍ରମ୍ପ କହିଥିଲେ ।

## ୫ ଲକ୍ଷ ଲାଞ୍ଚ ନେଇ ଗିରଫ ଡିଆଇଜିଙ୍କ ଘରୁ ୫ କୋଟି ଜବତ

ଅମୃତସର, ୧୬।୧୦ (ଏଜେନ୍ସି): ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପଞ୍ଜାବ ରୋପଡ ରେଞ୍ଜର ଡିଆଇଜି ହରଚରନ ସିଂହ ଭୁଲ୍ଲରଙ୍କୁ ସିବିଆଇ ଗିରଫ କରିଛି । ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ ବ୍ୟବସାୟୀଙ୍କଠୁ ଏହି ଲାଞ୍ଚ ମାଗିଥିଲେ । ବ୍ୟବସାୟୀ ଏ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ । ପରେ ଡିଆଇଜିଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇ ଥିଲା । ବ୍ୟବସାୟୀ ଗୁରୁବାର ଟଙ୍କା ନେଇ ମୋହାଲି ସ୍ଥିତ ଅଫିସରେ ପହଞ୍ଚି ଥିଲେ । ଏଠାରୁ ସିବିଆଇ ଭୁଲ୍ଲରଙ୍କୁ ଧରିଥିଲା । ଏହା ପରେ ଚଣ୍ଡିଗଡ଼ର ସେକ୍ଟର ୪୦ ସ୍ଥିତି ଡିଆଇଜିଙ୍କ ବାସଭବନ ଏବଂ ମୋହାଲି ଅଫିସରେ ସିବିଆଇର ୪୨ ଜଣିଆ ଟିମ୍ ଚଢ଼ଉ କରିଥିଲା । ତାଙ୍କ କୋଠାରୁ ୫ କୋଟି ଟଙ୍କା ମିଳିଛି । ୩ଟି ବ୍ୟାଗ ଏବଂ ଗୋଟିଏ ଆଟାଚରେ ଏହି ଟଙ୍କା ରଖାଯାଇଥିଲା । ଏହାକୁ ଗଣିବା ପାଇଁ ମେସିନ ମଗା ଯାଇଥିଲା । ଏହା ବ୍ୟତୀତ ବିପୁଳ ଗହଣା, ୧୫ଟି ସମ୍ପତ୍ତି ଏବଂ ବିଳାଶପୂର୍ଣ୍ଣ ଗାଡ଼ିର କାଗଜପତ୍ର ମିଳିଛି । ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଧିକାରୀ ରୋପଡ ରେଞ୍ଜରେ କାର୍ଯ୍ୟରତ ଥିବା ସମୟରେ ଏକ ବେଆଇନ କାର୍ ବ୍ୟବସାୟ ସାମ୍ନାକୁ ଆସିଥିଲା । ଏଠାରେ ଚେଚିସ୍ ନମ୍ବର ବଦଳାଇ ସ୍କ୍ରାପ୍ ଗାଡ଼ି ବିକ୍ରି କରାଯାଉଥିଲା । ଏହି ମାମଲାକୁ ଚପାଇବା ପାଇଁ ସେ ବ୍ୟବସାୟୀଙ୍କୁ ମାସକୁ ୨ ଲକ୍ଷ ଏବଂ ପରେ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ ।

## ଚୀନ୍‌ଠାରୁ ଲଢୁଆ ଜେଟ୍ ନେବ ଇଣ୍ଡୋନେସିଆ

ଜାକର୍ତ୍ତା, ୧୬ ।୧୦(ଏଜେନ୍ସି): ଇଣ୍ଡୋନେସିଆ ନିଜର ସାମରିକ କ୍ଷମତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଚୀନ୍‌ଠାରୁ ଜେ-୧୦ସି ଲଢୁଆ ବିମାନ କ୍ରୟ କରିବ ଇଣ୍ଡୋନେସିଆ । ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି ଅଣ-ପାଶ୍ଚାତ୍ୟ ଦେଶଠାରୁ ବିମାନ କିଣିବ ବୋଲି ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ସଜଫ୍ରି ସଜମସୁଦ୍ଦିନ କହିଛନ୍ତି । ପୂର୍ବରୁ ଚୀନ୍ କେବଳ ଏହି ବିମାନ ନିଜ ପାଇଁ ନିର୍ମାଣ କରୁଥିଲା । ଏବେ କିନ୍ତୁ ଚୀନ୍ ଏହା ବିମାନକୁ ଅନ୍ୟ ଦେଶକୁ ବିକିବ । ଏହିକ୍ରମରେ ଇଣ୍ଡୋନେସିଆ ୭୫ ହଜାର କୋଟି ଟଙ୍କା ବିନିମୟରେ ମୋଟ୍ ୪୨ଟି ବିମାନ କ୍ରୟ କରିବ । ତେବେ ଏହି ବିମାନ ଚୀନ୍‌ଠାରୁ କେବେ ମିଳିବ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ଏହି ବିମାନ ପାକିସ୍ତାନ ପାଖରେ ମଧ୍ୟ ରହିଛି । ଗତ ମେ'ରେ ହୋଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନ ଏହି ବିମାନ ଭାରତ ବିପକ୍ଷରେ ବ୍ୟବହାର କରିଥିଲା । ଇଣ୍ଡୋନେସିଆ ନିଜର ଲଢୁଆ ବିମାନଗୁଡ଼ିକୁ ଅପଗ୍ରେଡ କରାଉଛି । କେବଳ ଚୀନ୍‌ରୁ ନୁହେଁ, ଫ୍ରାନ୍ସ ଓ ତୁର୍କୀ ଭଳି ୟୁରୋପୀୟ ଦେଶଗୁଡ଼ିକ ଠାରୁ ଇଣ୍ଡୋନେସିଆ ଫାଇଟର ଜେଟ୍ କ୍ରୟ କରିବ ।

## ଗୁଜରାଟର ସବୁ ମନ୍ତ୍ରୀଙ୍କ ଇସ୍ତଫା

ଅହମଦାବାଦ୍, ୧୬ ।୧୦(ଏଜେନ୍ସି): ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ଣ ୧୧.୩୦ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିବେ । ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଉଛି ବୋଲି କୁହାଯାଉଛି । ମନ୍ତ୍ରିମଣ୍ଡଳରେ ନୂଆ ଚେହେରାଙ୍କୁ ସାମିଲ କରାଯାଇପାରେ ଓ ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି କୁହାଯାଇଛି । ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ମନ୍ତ୍ରୀଥିଲେ । ଏଥିରେ ୮ ଜଣ ଲେଖାଏ କ୍ୟାବିନେଟ ଓ ରାଜ୍ୟପାହ୍ୟା ମନ୍ତ୍ରୀ ରହିଥିଲେ । ଏବେ ଏହି ସଂଖ୍ୟ ବୃଦ୍ଧି ପାଇ ୨୨-୨୩ ହୋଇପାରେ ବୋଲି କୁହାଯାଉଛି । କଂଗ୍ରେସରୁ ବିଜେପିକୁ ଆସିଥିବା ବିଧାୟକଙ୍କୁ ଏହି ମନ୍ତ୍ରିମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି ।

## ଅହମଦାବାଦ ବିମାନ ଦୁର୍ଘଟଣା ମାମଲା ପାଇଲଟ ସଭରୱାଲଙ୍କ ବାପା ଓ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ (ଏଆଇ-୧୭୧) ଦୁର୍ଘଟଣାକୁ ନେଇ ବିବାଦ ଥମିବାର ନା ଧରୁନି । ବିମାନ ନିର୍ମାତା କମ୍ପାନୀର ଦୋଷ ଘୋଡ଼ାଇବାପାଇଁ ପାଇଲଟ୍ ସୁମିତ ସଭରୱାଲଙ୍କ ଉପରେ ଦୋଷ ଲଦାଯାଉଛି । ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ତଦନ୍ତ ମଧ୍ୟ ଏ ଦିଗରେ ସଙ୍କେତ ଦେଉଛି । ଏହି ରିପୋର୍ଟ ଜାରିହେବା ପରେ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଥିଲା । ଏପରି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ ସୁମିତଙ୍କ ବାପା ପୁଷ୍କରାଜ ସଭରୱାଲ ଏବଂ ଭାରତୀୟ ପାଇଲଟ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ଆବେଦନରେ ଏଏଆଇବିର ଯାଞ୍ଚ ଉପରେ ଭରସା ନାହିଁ ବୋଲି କୁହାଯାଇଛି । ତେଣୁ ସ୍ୱାଧୀନୀ ଯାଞ୍ଚ ଦାବି କରାଯାଇଛି । କୋର୍ଟଙ୍କ ଅନୁଧ୍ୟାନରେ କିମ୍ବା କୋର୍ଟ ଅଫ୍ ଇନକ୍ୱାରୀ ହେଉ ବୋଲି ନିବେଦନ କରାଯାଇଛି ।

# କଂଗ୍ରେସ-ଆର୍‌ଜେଡି ଅଡୁଆ ଛିଡୁନି

ପାଟନା, ୧୬।୧୦ (ଏଜେନ୍ସି): ବିହାରରେ ନିର୍ବାଚନୀ ପାରା ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟରେ ଟିକଟ ବଣ୍ଟନକୁ କଳି ଛିଡ଼ିବାର ନା ଧରୁନି । ତେବେ ବିଦ୍ରୋହ କରୁଥିବା ଏନ୍‌ଡିଏର ସହଯୋଗୀ ଦଳ ନିଜ ଆଭିମୁଖ୍ୟକୁ ନରମ କରିଛନ୍ତି । କିନ୍ତୁ ଇଣ୍ଡିଆରେ ଅଙ୍କ ଛିଡ଼ିପାରୁ ନାହିଁ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଥିବାବେଳେ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଏ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଚୂଡ଼ାନ୍ତ ହୋଇନାହିଁ । ବୁଧବାର ଆରଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ଥିଲେ ବି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଭେଟିପାରି ନ ଥିଲେ । ପରେ ସେ ଦିଲ୍ଲୀରୁ ଫେରି ରାଘୋପୁର ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । କଂଗ୍ରେସ ମଧ୍ୟ ଆସନ ବୁଝାମଣା ନ କରି ପ୍ରାର୍ଥୀଙ୍କୁ ଟିକଟ ବାଣ୍ଟି ଥିଲା । ମାମଲା ଜଟିଳ ହେଉଥିବା ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏହି ଅଡୁଆ ଛିଡ଼ାଇବାକୁ ଗୁରୁବାର ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଫୋନ କରିଥିଲେ । କିନ୍ତୁ ଏହି ଚର୍ଚ୍ଚାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗୋଟିଏ ଦିନ ବାକିଥିବାବେଳେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବା ମହାମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସକୁ ଦିଆଯାଇଥିବା ସିଟ୍ ଏବଂ କିଛି ମଜବୁତ କ୍ଷେତ୍ରକୁ ନେଇ ଦୁଇ ଦଳ ଭିତରେ ଅଙ୍କ ଛିଡୁନି । ପ୍ରଥମେ ୫୨ଟି ଆସନରେ ଲଢିବା ପାଇଁ ଆରଜେଡି କହିବାରୁ କଂଗ୍ରେସ ଏହାକୁ ଖାରଜ କରି ଅତିକମରେ ୬୦ ସିଟ୍ ମାଗିଥିଲା । ଏହାକୁ ନେଇ ରାଜ୍ୟସ୍ତରରେ ଆରଜେଡି ଏବଂ କଂଗ୍ରେସ ନେତାଙ୍କ ବୈଠକକୁ ମଧ୍ୟ ବିଳମ୍ବିତ କରିଦିଆଯାଇଥିଲା । ପରେ ମାମଲା ଦିଲ୍ଲୀ ଦରବାରକୁ ଯାଇଥିଲା । କିନ୍ତୁ ଏଠାରେ ବି କିଛି ନିଷ୍କର୍ଷ ବାହାରି ପାରି ନ ଥିଲା ।

ପରେ କଂଗ୍ରେସକୁ ୬୧ଟି ସିଟ୍ ଦେବା ପାଇଁ ଆରଜେଡି ରାଜି ହୋଇଥିଲେ । କିନ୍ତୁ କଂଗ୍ରେସ ଚାହୁଁଥିବା କିଛି ଆସନ ଛାଡ଼ିବା ପାଇଁ ଲାଲୁଙ୍କ ଦଳ ମନା କରିଦେଇଥିଲା । ପୂର୍ବରୁ ରାହୁଲଙ୍କ ଭୋଟ ଅଧିକାର ଯାତ୍ରାର ସଫଳତା ପାଇଁ କଂଗ୍ରେସ ନିଜ ଆଭିମୁଖ୍ୟକୁ ଜୋରଦାର କରିବ ବୋଲି କୁହାଯାଉଥିଲା । କିନ୍ତୁ ଏହା ସେତେ ପ୍ରଭାବି ନ ହେବୁ ଦଳ ନରମ ଆଭିମୁଖ୍ୟ ପୋଷଣ କରିଥିଲା । ଏବେ କଂଗ୍ରେସ ୬୧ ଆସନରେ, ଆରଜେଡି ପୂର୍ବାପେକ୍ଷା କମ୍ ଆସନରେ ଲଢ଼ିବ ବୋଲି କୁହାଯାଉଛି । କିନ୍ତୁ କାହାକୁ କେତେ ଆସନ ମିଳିବ ତାହା ଆସନ ଘୋଷଣା ପରେ ହିଁ ଜଣାପଡ଼ିବ ।

# ତାଲିବାନ ଆକ୍ରମଣ ପଛରେ ଭାରତ: ପାକିସ୍ତାନ

## ଭାରତ ପାଇଁ ଛାମୁଆ ଯୁଦ୍ଧ ଲଢୁଛି ତାଲିବାନ

## ଉସୁକାଇଲେ ସାମରିକ କାର୍ଯ୍ୟାନୁଷ୍ଠାନ

ଇସଲାମାବାଦ, ୧୬।୧୦ (ଏଜେନ୍ସି): ଆଫଗାନିସ୍ତାନ ସହ ସଂଘର୍ଷରେ ଲିପ୍ତ ପାକିସ୍ତାନ ଭୋକ ବିକଳରେ ତାଟିଆ କାମୁଡିବାରେ ଲାଗିଛି । ପଡୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ତାଲିବାନ ସହ ସଂଘର୍ଷକୁ ନେଇ ଭାରତ ଉପରେ ଦୋଷ ଲଦିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ତାଲିବାନର ନିଷ୍ପତ୍ତି ଦିଲ୍ଲୀରେ ନିଆଯାଉଛି । ଭାରତ ପାଇଁ ଆଫଗାନିସ୍ତାନ ଛାମୁଆ ଯୁଦ୍ଧ ଲଢୁଛି । ତେଣୁ ତାଲିବାନ ସହ ହୋଇଥିବା ଅସ୍ତ୍ରବିରତି ବେଶୀ ଦିନ ତିଷ୍ଠିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି । କାରଣ ଆଫଗାନ ତାଲିବାନକୁ ଦିଲ୍ଲୀରୁ ସହଯୋଗ ମିଳୁଛି । ଆସିଫ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନକୁ ଉସୁକାଇବେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ । ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି । ଯଦି ସେମାନେ ଯୁଦ୍ଧର ପରିସର ବୃଦ୍ଧି କରିବେ ତେବେ ଆମେ ଆକ୍ରମଣ କରିବୁ । ମାତ୍ର ଆଲୋଚନା ପାଇଁ ମଧ୍ୟ ପାକିସ୍ତାନ ପ୍ରସ୍ତୁତ ଅଛି ।

ତାଲିବାନ ଟ୍ୟାଙ୍କ ଲୁଟିନେବା ଖବରକୁ ଆସିଫ ଅପପ୍ରଚାର ବୋଲି କହିଛନ୍ତି । ତାଲିବାନ ସଦସ୍ୟ ଯେଉଁ ମଡେଲ ଟ୍ୟାଙ୍କରେ ଯାଉଥିବା ଦେଖାଯାଉଛି ତାହା ପାକିସ୍ତାନର ନୁହେଁ । ଏହି ଟ୍ୟାଙ୍କ ସେମାନେ କେଉଁଠୁ ଆଣିଲେ ତାହା ଜଣାନାହିଁ । କେଉଁ କବାଡିବାଲାଠାରୁ ନେଇଥିବେ କିମ୍ବା ପୁରୁଣା କାଳର ଟ୍ୟାଙ୍କ ଚଳାଉ ଥିଲେ । ଜାଲ୍ ଫଟୋ କିମ୍ବା ଭିଡିଓ କରି ଜୋରସୋରରେ ପ୍ରଚାରପ୍ରସାର କରାଯାଉଛି । କାବୁଲ ପକ୍ଷରୁ କ୍ରମାଗତ ଭାବେ ମିଥ୍ୟା କୁହାଯାଉଛି । ସେମାନେ ଛାମୁଆ ଯୁଦ୍ଧ ଲଢୁଛନ୍ତି । ବିବାଦ ମଧ୍ୟରେ ଆଫଗାନିସ୍ତାନକୁ 'ଟ୍ରାଞ୍ଜିଟ ଟ୍ରେଡ' ସୁବିଧା ଉପରେ ପାକିସ୍ତାନ କଟକଣା ଲଗାଇ ଦିଆଯାଇଛି । ଏଥିଯୋଗୁଁ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଜମିକୁ ଆଉ ତାଲିବାନ ବ୍ୟବହାର କରିପାରିବ ନାହିଁ । ଏହି ନିଷ୍ପତ୍ତି ପରେ କରାଚି ଏବଂ ପୋର୍ଟ କାସିମରେ ଆଫଗାନିସ୍ତାନ ଯାଉଥିବା ଅନେକ ଟ୍ରକ ଛିଡ଼ା ହୋଇ ରହିଛି । ଲୋଡ୍ ହୋଇସାରିଥିବା କଣ୍ଟେନରକୁ ମଧ୍ୟ ବନ୍ଦରରେ ଓହ୍ଲାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନରେ ସମୁଦ୍ର ନାହିଁ । ତେଣୁ ବାଣିଜ୍ୟ କାରବାର ପାଇଁ ଏହି ଦେଶ ପାକିସ୍ତାନ ଉପରେ ନିର୍ଭରଶୀଳ ।

## ସିଜେଆଇଙ୍କୁ ଜୋତା ଫିଙ୍ଗିବା ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ, ୧୬ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତ ବିଆର ଗଭାଇଙ୍କ ଉପରକୁ ଜୋତା ଫୋପାଡିଥିବା ବରିଷ୍ଠ ଓକିଲ ରାକେଶ କିଶୋରଙ୍କ ସମସ୍ୟା ଏବେ ବଢ଼ିବାରେ ଲାଗିଛି । ଏବେ ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଚାଲିବ । ଏ ନେଇ ଦେଶର ଆଟର୍ଣ୍ଣି ଜେନେରାଲ ତୁଷାର ମେହେଟା ରାକେଶଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ସହମିତ ପ୍ରଦାନ କରିଛନ୍ତି । ତୁଷାର ଓ ସୁପ୍ରିମକୋର୍ଟ ବାର ଆସୋସିଏସନ (ଏସ୍‌ସିବିଏ) ମୁଖ୍ୟ ତଥା ବରିଷ୍ଠ ଓକିଲ ବିକାଶ ସିଂ ଏ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠକୁ ଅନୁରୋଧ କରିଛନ୍ତି । ରାକେଶ କିଶୋରଙ୍କ କାର୍ଯ୍ୟ ଓ କଥା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକାଶ ସିଂ କହିଛନ୍ତି । ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ସେ କହିଛନ୍ତି । ଏହି ଘଟଣା ଅକ୍ଷମଣୀୟ ବୋଲି ତୁଷାର କହିଛନ୍ତି । ଗତ ଅକ୍ଟୋବର ୬ରେ ଏକ ଶୁଣାଣି ବେଳେ ରାକେଶ ସିଜେଆଇ ଗଭାଇଙ୍କ ଉପରେକୁ ଜୋତା ଫୋପାଡିବାକୁ ପ୍ରୟାସ କରିଥିଲେ । ଏହି ଘଟଣା ଘଟିଥିଲେ ମଧ୍ୟ ସିଜେଆଇ ଶାନ୍ତ ରହିବା ସହ ନିଜର କାର୍ଯ୍ୟ ଜାରି ରଖିଥିଲେ ।

## ୨୪ କିନ୍ନରଙ୍କ ଆତ୍ମହତ୍ୟା ଉଦ୍ୟମ

ଇନ୍ଦୋର, ୧୬ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ନନ୍ଦଲାପୁର ଅଞ୍ଚଳରେ ୨୪ କିନ୍ନର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଏମାନଙ୍କୁ ତୁରନ୍ତୁ ମହାରାଜ ଯଶୋବନ୍ତ ରାଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ କିନ୍ନର ବିପଦମୁକ୍ତ ଅଛନ୍ତି । ମାତ୍ର ପରେ ହସ୍ପିଟାଲରେ ଆଉ ଜଣେ କିନ୍ନର ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । କିନ୍ତୁ ସେଠାରେ ଥିବା ପୁଲିସ ଅଧିକାରୀ ତାଙ୍କୁ ଏପରି କରିବାକୁ ଦେଇ ନ ଥିଲେ । ଗୁରୁବାର ପୁଲିସ ଏହି ମାମଲାରେ କିନ୍ନର ଗୋଷ୍ଠୀର ମୁଖ୍ୟ ସ୍ୱପ୍ନା ଗୁରୁ ଓରଫ ସ୍ୱପ୍ନା ହାଜିକୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଏକ ସମ୍ମିଳନୀ ପାଇଁ ଆଦାୟ କରାଯାଇଥିବା ସୁରକ୍ଷା ଟଙ୍କାକୁ ନେଇ ବିବାଦ ହୋଇଥିଲା । ଏହାକୁ ନେଇ ସ୍ୱପ୍ନା ଗୋଷ୍ଠୀର କିନ୍ନର ଉକ୍ତ ୨୪ କିନ୍ନରଙ୍କୁ ଉତ୍ପୀଡ଼ନ ଦେଇଥିଲେ । ଜୀବନରେ ମାରିଦେବେ ବୋଲି କହିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ୨୪ ଜଣ ଯାକ ଫିନାଇଲ ପି ଆତ୍ମହତ୍ୟା ଉଦ୍ୟମ କରିଥିଲେ ।

## ଶିଶୁ ବିରୋଧୀ ଯୌନ ଅପରାଧ ୯୪% ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଦେଶରେ ଶିଶୁ ବିରୋଧୀ ଯୌନ ଅପରାଧ ମାମଲା ହୁ ହୁ ହୋଇ ବଢିବାରେ ଲାଗିଛି । ୨୦୧୭ରୁ ୨୦୨୨ ମଧ୍ୟରେ ଏଭଳି ମାମଲା ୯୪ ପ୍ରତିଶତ ବୃଦ୍ଧି ପାଇଛି । ପୋକ୍ସୋ ଆଇନ ଅଧିନରେ ରୁଜୁ ଏଭଳି ମାମଲା ୩୩,୨୧୦ରୁ ବୃଦ୍ଧି ପାଇ ୬୪, ୪୬୯ରେ ପହଞ୍ଚି ଯାଇଛି । ଅପରାଧ ବୃଦ୍ଧି ପାଉଥିବା ସତ୍ତ୍ୱେ ଦଣ୍ଡ ଦେବା ହାର ୯୦ ପ୍ରତିଶତରୁ ଅଧିକ ରହିଛି । ଚାଇଲ୍ଡଲାଇଟ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନଷ୍ଟିଚ୍ୟୁଟର ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ଏହି ତଥ୍ୟ ଶିଶୁର ସୁରକ୍ଷା ପ୍ରତି ଥିବା ବିପଦକୁ ଦର୍ଶାଉଛି ।

# ସିକ୍ୟୁରିଟି ଗାର୍ଡରୁ ୪୦୦ କୋଟିର ବ୍ୟବସାୟିକ ସାମ୍ରାଜ୍ୟ

ପାଟନା, ୧୬ ।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସବୁ ଦଳଗୁଡିକ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ଏଥିରେ ପଛରେ ପଡ଼ିନାହିଁ । ଏହି ପାର୍ଟି ଟିକଟରୁ ଲଢ଼ିବାକୁ ଯାଉଥିବା ଜଣେ ପ୍ରାର୍ଥୀଙ୍କ ରୋଚକ ତଥା ପ୍ରେରଣାଦାୟୀ କାହାଣୀକୁ ନେଇ ବିହାରରେ ଚର୍ଚ୍ଚା ଚାଲିଛି । ଏହି ପ୍ରାର୍ଥୀଜଣକ ହେଲେ ୩୮ ବର୍ଷୀୟ ନୀରଜ ସିଂ । ଶେଓହର ନିର୍ବାଚନ ମଣ୍ଡଳୀରୁ ସେ ଅବତୀର୍ଣ୍ଣ ହେବେ । ଜଣେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି ଆରମ୍ଭ କରିଥିବା ନୀରଜ ଏବେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି । ଏବେ ସେ ୪୦୦ କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି ଓ ଜଣେ ସଫଳ ବ୍ୟବସାୟୀ ଭାବେ ପରିଗଣିତ ହେଉଛନ୍ତି ।

ଶେଓହର ଜିଲ୍ଲାର ମଧୁରାପୁର ଗାଁରେ ନୀରଜ ଜନ୍ମ ନେଇଥିଲେ । ଏକ ସାଧାରଣ ପରିବାରରୁ ଆସିଥିବା ନୀରଜ ୧୩ ବର୍ଷରେ ମାଟ୍ରିକ ପାସ୍ କରିଥିଲେ । ପରିବାରର ଆର୍ଥିକସ୍ଥିତ ସୁଧାରିବା ପାଇଁ ସେ ଚାକିରି ଖୋଜିବା ଆରମ୍ଭ କରିଥିଲେ । କିନ୍ତୁ ନାବାଳକ ହୋଇଥିବାରୁ ତାଙ୍କୁ କେହି ଚାକିରି ଦେଇ ନ ଥିଲେ । ଫଳରେ ସେ ନିଜ ଗାଁରେ ପେଟ୍ରୋଲ- ଡିଜେଲ ବିକ୍ରି ଆରମ୍ଭ କରିଥିଲେ । ଏହାର ୩ ବର୍ଷ ପରେ ସେ ରୋଜଗାର ପାଇଁ ଦିଲ୍ଲୀ ପହଞ୍ଚି ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିଥିଲେ । ଏହା ପରବର୍ଷ ସେ ପୁନେ ଯାଇଥିଲେ ଓ ସେଠାରେ କ ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟାରମ୍ଭ କରିଥିଲେ । ନିଜର ପରିଶ୍ରମ ଓ



ଅଧ୍ୟବସାୟ ବଳରେ ସେ ଜଣେ ଏଚ୍‌ଆର ପ୍ରଫେସନାଲ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ । ୨୦୧୦ରେ ନୀରଜ ନିଜର ଶସ୍ୟ ବ୍ୟବସାୟ ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରିବା ସହ ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ । ଏହା ପରେ ସେ ପଛକୁ ଚାହିଁ ନଥିଲେ । 'ଉଷା ଇଣ୍ଡଷ୍ଟ୍ରୀ' ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲେ । ଏହି କମ୍ପାନୀରେ ସେ ଇଟା, ବିଲ୍ଡିଂ ବ୍ଲକ, ଟାଇଲ ଓ ଅନ୍ୟ ସେରାମିକ ଜିନିଷ ଉତ୍ପାଦନ କରୁଥିଲେ । ଧୀରେ ଧୀରେ ସେ ସଡ଼କ ନିର୍ମାଣ ଓ ପେଟ୍ରୋଲ ପମ୍ପ ବ୍ୟବସାୟରେ ପାଦ ଦେଇଥିଲେ । ମୋତିହାରୀସ୍ଥିତ ତାଙ୍କ କମ୍ପାନୀ ବର୍ଷକୁ ୪୦୦ କୋଟି ଟଙ୍କାର ଟର୍ଣ୍ଣ ଓଭର କରୁଛି ଓ ଏଥିରେ ୨, ୦୦୦ରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି । ଏକଦା ସାଇକେଲ ଚଢ଼ିବାକୁ ପଇସା ପାଉ ନଥିବା ନୀରଜ ଏବେ ରେଞ୍ଜ ରୋଭର କାର ଚଢୁଛନ୍ତି । ତାଙ୍କ ପାଖରେ ଅଧା ଡଜନ କାର ରହିଛି । ସେ ଏବେ ନିଜର ପିତାମାତା, ପତ୍ନୀ ଓ ଦୁଇ ପୁଅଙ୍କ ସହ ଏକାଠି ରହୁଛନ୍ତି ଓ ତାଙ୍କ ପାଖରେ ଆଇନ୍‌ର ଡିଗ୍ରୀ ରହିଛି । କେବଳ ବ୍ୟବସାୟ ନୁହଁ ସେ ସମାଜ ମଙ୍ଗଳ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି । ସେ ଗରିବ ପରିବାରର ଝିଅମାନଙ୍କ ବିବାହ, ମାଗଣା ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରାର ବ୍ୟବସ୍ଥା କରାଇବାରେ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି । ସେ ଆଗାମୀ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା କରାଯାଉଛି ।





ଭୁବନେଶ୍ୱର 'ଏସ୍‌ଓଏସ୍ ଭିଲେଜ୍'ରେ ଗୁରୁବାର ଶିଶୁମାନଙ୍କ ସହ ନିଜର ୭୯ତମ ଜନ୍ମଦିନ ପାଳନ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

## ଚାକିରି ବେପାର: 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ଦଶପଲ୍ଲାରୁ ଗିରଫ

ଭୁବନେଶ୍ୱର,୧୬।୧୦(ସମିସ): ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲାରେ ଦୁଇ ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ସହ ଖସିଯିବାକୁ ଉଦ୍ୟମ କରିଥିବା ଅନ୍ୟତମ ଦଲାଲ 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ମହାନ୍ତିକୁ ଶେଷରେ ଦଶପଲ୍ଲାରୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ମୁନ୍ନା ସହିତ ଶ୍ରୀକାନ୍ତ ଓ ସୁକାନ୍ତଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଜଣାପଡ଼ିଛି। ଆସନ୍ତାକାଲି ୩ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯିବ। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବା ପାଇଁ କ୍ରାଇମବ୍ରାଞ୍ଚ ଅଦାଲତରେ ରିମାଣ୍ଡ ଆବେଦନ କରିବ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।



ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା ପଦାକୁ ଆସିବା ପରେ ମୁନା ଫେରାର ହୋଇଯାଇଥିଲା ଏବଂ ଦୁଇ ସହଯୋଗୀ ଶ୍ରୀକାନ୍ତ ଏବଂ ସୁକାନ୍ତଙ୍କ ସହାୟତାରେ ଦଶପଲ୍ଲାରେ ଥିବା ଏକ ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିଥିଲା। ଏହି ହାଉସ୍ ଜଙ୍ଗଲ ମଝିରେ ଥିବା ଏଠାକୁ ସାଧାରଣ ଲୋକ ଯାଉ ନ ଥିଲେ। ବିନା ଭୟରେ ମୁନା ଏବଂ ତାର ସହଯୋଗୀମାନେ ସେଠାରେ ରହୁଥିଲେ। କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ଏ ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ଉ ପାଇଁ ବାହାରିଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୁଇ ସହଯୋଗୀଙ୍କ ସହ ମୁନ୍ନା ସେଠାରୁ ଚମ୍ପଟ ମାରିଥିଲା। ତେବେ ଶେଷରେ ଦଶପଲ୍ଲାର ଏକ ଗାଁ ଭିତରୁ କ୍ରାଇମ୍‌ବ୍ରାଞ୍ଚ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ସହ ଅନେକ ବ୍ୟକ୍ତିଙ୍କ ସମ୍ପର୍କ ରହିଛି । ମାତ୍ର ଏହା ମଧ୍ୟରୁ ରେଡ୍ଡି ନାମକ ଜଣେ ବ୍ୟକ୍ତି ସବୁଠୁ ବଳଶାଳୀ ବୋଲି କୁହାଯାଉଛି। ଓଡ଼ିଶାରେ ଚାକିରି ବିକ୍ରି ଘଟଣା ପଛରେ ରେଡ୍ଡିକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଅନେକ ପୁଲିସ ଅଧିକାରୀ, ରାଜନୈତିକ ନେତାଙ୍କ ସହ ରେଡ୍ଡିର ସୁସମ୍ପର୍କ ରହିଛି ବୋଲି ମଧ୍ୟ ସୂଚନା ମିଳିଛି। ତେବେ ଏହି ରେଡ୍ଡି

- ଦଶପଲ୍ଲା ଫାର୍ମ ହାଉସରେ ଲୁଚିଥିଲେ ୩ ଅଭିଯୁକ୍ତ
- ଆଜି ବ୍ରହ୍ମପୁର କୋର୍ଟରେ ହାଜର କରାଯିବ
- ବିଗ୍ ବସ୍ ରେଡ୍ଡି ପର୍ଯ୍ୟନ୍ତ ପାଉନି କ୍ରାଇମବ୍ରାଞ୍ଚ ହାତ

କିଏ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ତେବେ ଏହି ରେଡ୍ଡି ବାସ୍ତବରେ କିଙ୍ଗପିନ୍ ନା ତାକୁ ମୁଖା ଭାବରେ ରଖି ଆଉ କେହି ଏହି ଚାକିରି ବେପାର ଚଳାଉଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ସେ କହିଛନ୍ତି ଯେ ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାରେ ୧୧୯ ଗିରଫ ଘଟଣାରେ ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ପୂର୍ବରୁ ଜାମିନ ନାମଞ୍ଜୁର ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଦୌରା ଜଜ୍ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି।

ପୁଲିସ ଏସ୍‌ଆଇ ପରୀକ୍ଷା ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ଭୁବନେଶ୍ୱରର ସିଲିକନ୍ ଟେକ୍ନୋଲାବ୍‌କୁ ଓ ସିଲିକନ୍ ପକ୍ଷରୁ ଏହି କାମ ପଞ୍ଚସଫ୍ଟକୁ ଦିଆଯାଇଥିଲା। ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା। ଯେଉଁଠାରେ ଯାବତୀୟ କେଲେଙ୍କାରୀ ହୋଇଥିବା ଜଣାପଡ଼ିଛି। ବଡ଼ କଥା ହେଲା କ୍ରାଇମ୍‌ବ୍ରାଞ୍ଚ ଶଙ୍କର ପୃଷ୍ଟିର ରଘୁନାଥପୁର ଏବଂ ଅନ୍ୟ ଅଫିସରେ ଚଢଉ କରିଥିଲେ ମଧ୍ୟ ସତ୍ୟନଗରରେ ଥିବା ଶଙ୍କରର ଅଫିସ୍‌କୁ ଚଢଉ ନ କରିବାକୁ ନେଇ ସନ୍ଦେହ ବଢିଛି। କଣ ପାଇଁ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଚଢଉ କଲାନାହିଁ ବୋଲି ପ୍ରଶ୍ନ ଉଠିଛି।

## ଚାକିରି ବିକ୍ରି ତଦନ୍ତ ବାଟବଣା
## 'ବଡ଼ ଅଧିକାରୀଙ୍କୁ ସୁରକ୍ଷା ଦେଉଛି କ୍ରାଇମ୍‌ବ୍ରାଞ୍ଚ'

ଭୁବନେଶ୍ୱର, ୧୬।୧୦(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ ଅଧିକାରୀ ସାମିଲ୍ ଅଛନ୍ତି। ତଦନ୍ତ ହେଲେ ସେମାନେ ମଧ୍ୟ କାଠ ଗଡ଼ାକୁ ଟାଣିହେବାର ଆଶଙ୍କା ଥିବାରୁ ତଦନ୍ତକୁ ଜାଣିଶୁଣି କ୍ରାଇମ୍‌ବ୍ରାଞ୍ଚ ବାଟବଣା କରୁଛି। ଘଟଣାକୁ ୧୭ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂର କଥା, ନାମ ମଧ୍ୟ ପ୍ରକାଶ କରିବାରେ ବିଫଳ ହୋଇଛି। ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି



ଓ ମୁନ୍ନା ମହାନ୍ତିକୁ ଗଣମାଧ୍ୟମରେ ମାଷ୍ଟରମାଇଣ୍ଡ ସଜାଇ ପ୍ରକୃତ ମାଷ୍ଟରମାଇଣ୍ଡକୁ କ୍ରାଇମ୍‌ବ୍ରାଞ୍ଚ ହିଁ ସୁରକ୍ଷା ଦେଉଛି। ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇବା ପାଇଁ ଶଙ୍କର ଓ ମୁନାକୁ ଦାୟିତ୍ୱ ଦେଇଥିବା ବ୍ୟକ୍ତି କିଏ ବୋଲି ପ୍ରଶ୍ନ କରିବା ସହ ତାଙ୍କ ନାମ ପ୍ରକାଶ କରିବାକୁ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ବଡ଼ବଡ଼ିଆଙ୍କୁ ସୁରକ୍ଷା ଦେବାକୁ ଯାଇ ଲକ୍ଷଲକ୍ଷ ଆଶାୟୀଙ୍କ କ୍ୟାରିଅର୍ ସହ କ୍ରାଇମ୍‌ବ୍ରାଞ୍ଚ ଖେଳୁଥିବାରୁ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ବା ସିବିଆଇକୁ ତଦନ୍ତଭାର ଦେବାକୁ ଦୋହରାଇଛନ୍ତି।

ସେ କହିଛନ୍ତି ଯେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦିନକୁ ଦିନ ସନ୍ଦେହ ଘେରକୁ ଆସୁଛି। ଯେଉଁ ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ରେଡ୍ କରୁଥିଲା, ଠିକ୍ ତା ପୂର୍ବରୁ ସମସ୍ତ କାଗଜପତ୍ର ନେଇ ଦଲାଲ୍‌ମାନେ ସେଠାରୁ ପଳାଇ ଯାଉଥିଲେ। ପ୍ରଥମେ ସେମାନଙ୍କୁ ଖସିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ପରେ, ଲୋକଦେଖାଣିଆ ଭାବେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା କେବଳ ତଦନ୍ତକୁ ବାଟବଣା କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ ଅଭିଯୋଗ କରିଛନ୍ତି। ଶଙ୍କର ଓ ମୁନା ସମେତ ପଞ୍ଚସଫ୍ଟର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା ଓ

### ଶଙ୍କର ଓ ମୁନା ପାଖରେ ଅସାଧୁ ଅଧିକାରୀଙ୍କ ଗୁମର

ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ଗତ ୮ ତାରିଖରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେଣି। ହାଇକୋର୍ଟରୁ ଜାମିନ୍ ପାଇବା ମଧ୍ୟରେ ସେମାନଙ୍କୁ ଗିରଫ ନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। କାରଣ ଶଙ୍କର ଧରାପଡ଼ିଲେ, ବଡ ଅଧିକାରୀ ଧରାପଡିଯିବାର ଭୟ ସରକାରଙ୍କୁ ଘାରିଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

ଏହି କେଲେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ପାତାଳରେ ଲୁଚିଥିଲେ ମଧ୍ୟ ସେମାନଙ୍କୁ କାଢ଼ି ଆଣିବୁ ବୋଲି ସରକାର କହୁଛନ୍ତି। ଏପରିକି ପୁଲିସ୍ ଡିଜି ମଧ୍ୟ ପ୍ରଥମ ଥର ପାଇଁ ମୁହଁ ଖୋଲି ସମସ୍ତଙ୍କୁ ଧରାଯିବ ବୋଲି କହିଛନ୍ତି। ହେଲେ କେବେ ଧରିବେ ଓ କିଏ ସେ ପ୍ରକୃତ ମାଷ୍ଟମାଇଣ୍ଡ ସେନେଇ ପଦୁଟିଏ ମଧ୍ୟ କହୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଭିଜିଲାନ୍ସ କୋର୍ଟକୁ ଗଲା ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

ବ୍ରହ୍ମପୁର,୧୬।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା ଏବେ ଭିଜିଲାନ୍ସ କୋର୍ଟକୁ ଯାଇଛି। ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରୁ ଭିଜିଲାନ୍ସ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଗିରଫ ୧୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଏ ଭିତରେ ଜାମିନ ଆବେଦନ କରିଥିଲେ। ଆଜି ଏହାର ଶୁଣାଣି ଥିଲା। ଜିଲ୍ଲା

- ୨୩ରେ ୧୩ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
- କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ

ଦୌରାଜଜ୍ ଏହାକୁ ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରିବା ପରେ ସେଠାରେ ଶୁଣାଣି ହୋଇଥିଲା। ତେବେ କ୍ରାଇମବ୍ରାଞ୍ଚ ମାମଲାର କେସ୍ ଡାଏରି ଓ ଅନ୍ୟ ଦସ୍ତାବିଜ୍ ଦାଖଲ କରିନଥିବାରୁ ଶୁଣାଣି ହୋଇପାରିନଥିଲା। ଆସନ୍ତା ୨୩ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ମାମଲାର ଶୁଣାଣି ହେବ। ତେଣୁ, ୨୩ ତାରିଖ ସୁଦ୍ଧା ମାମଲାର କେସ୍ ଡାଏରି ଓ ଅନ୍ୟ ପ୍ରମାଣପତ୍ର ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ୧୧୪ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ ବ୍ରହ୍ମପୁର ଗୋଳନ୍ଥରା ପୁଲିସ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୨ଜଣ ଦଲାଲ ଅରବିନ୍ଦ ଦାସ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଏଯାବତ୍ ୧୧୯ଜଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

## ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ କଲେ ହାଇକୋର୍ଟ

କଟକ, ୧୬।୧୦ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଂଘନ ହୋଇଥିବା ନେଇ ୭୧୧ଟି ହିନ୍ଦୀ ଶିକ୍ଷକ ପଦବି ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି) ପକ୍ଷରୁ ଅନୁଷ୍ଠିତ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ଆଜି ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ହିନ୍ଦୀ ଶିକ୍ଷକ ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା କରିବା

### ପ୍ରିଲିମିନାରୀ ପରୀକ୍ଷା କରିବାକୁ ଓଏସଏସସିକୁ ନିର୍ଦ୍ଦେଶ

ପାଇଁ ଓଏସ୍‌ଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିରୋଜ କୁମାର ମହାପାତ୍ର, ରାକେଶ କୁମାର ବାରିକ ଓ ଅନ୍ୟମାନଙ୍କ ତରଫରୁ ଦାୟର୍ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଉପରୋକ୍ତ ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରିବା ପାଇଁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ ଓ ପ୍ରିଲିମିନାରି ପ୍ରରୀକ୍ଷାରେ ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ଲିଖିତ ପରୀକ୍ଷା ଦେବେ। ଏଥିସହ ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ପରୀକ୍ଷାରେ ଦ୍ୱିଭାଷୀ (ହିନ୍ଦୀ ଓ ଇଂରାଜୀ) ସୁବିଧା ପ୍ରାର୍ଥୀଙ୍କୁ କମିସନ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ମାଧ୍ୟମିକ ସ୍କୁଲରେ ହିନ୍ଦୀ ସହ ଅନ୍ୟ ବିଭାଗରେ ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ୨୦୨୪, ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦି ପୂରଣ ହେବାକୁ ଥିବା ପଦ ସଂଖ୍ୟାର ୫ଗୁଣ ବା ତା'ଠାରୁ ଅଧିକ ପ୍ରାର୍ଥୀଙ୍କ ସଂଖ୍ୟା ହୁଏ, ତେବେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା କରାଯିବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା।

ପ୍ରିଲିମିନାରି ପରୀକ୍ଷାର ଫଳ ଆଧାରରେ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥିସହ ପରୀକ୍ଷାରେ ଉଭୟ ଇଂରାଜୀ ଓ ହିନ୍ଦୀରେ ପ୍ରଶ୍ନ ପଡ଼ିବ ବୋଲି ମଧ୍ୟ କୁହାଯାଇଥିଲା। ପୂରଣ ହେବାକୁ ଥିବା ପଦ ସଂଖ୍ୟାଠାରୁ ୫ଗୁଣରୁ ଅଧିକ ପ୍ରାର୍ଥୀ ଥିବା ବେଳେ ପ୍ରିଲିମିନାରି ପରୀକ୍ଷା ନକରି ସିଧାସଳଖ ଲିଖିତ ପରୀକ୍ଷା କରାଯାଇଥିଲା। ସେହିଭଳି ଦ୍ୱିଭାଷୀ ସୁବିଧା ପ୍ରଦାନ କରାନଯାଇ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଡ଼ିଥିଲା। ମୂଳ ନିଯୁକ୍ତି ବିଜ୍ଞପ୍ତିର ଉଲ୍ଲଂଘନ କରି ହୋଇଥିବା ନିଯୁକ୍ତି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ହାଇକୋର୍ଟ ମତ ଦେବା ସହ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଶ୍ୱବିହାରୀ ମହାନ୍ତି ଓ ଜ୍ଞାନରଂଜନ ସେଠୀ ମାମଲା ପରିଚାଳନା କରୁଥିଲେ।

## ଏସ୍‌ସିବିରେ ଶବ ଅଦଳବଦଳ

ସାଲେପୁର, ୧୬।୧୦ (ସମିସ): ଗାଁ ଦାଣ୍ଡରେ କାନ୍ଦବୋବାଳି ପଡ଼ିଥିଲା। ସ୍ୱର୍ଣ୍ଣଲତାଙ୍କ ଶବ ଅଣାଯାଉଛି ଖବର ପାଇ ବନ୍ଧୁ, ପରିଜନ ଏକାଠି ହୋଇଥିଲେ। ମଶାଣିକୁ ମୃତଦେହ ବୋହି ନେବା ପାଇଁ କୋକେଇ ବନ୍ଧା ସରିଥିଲା। କିଛି ସମୟ ପରେ ଘର ମୁହଁରେ ଲାଗିଥିଲା ଶବବାହକ ଗାଡ଼ି। ପରିବାର, ଆତ୍ମୀୟସ୍ୱଜନ କାନ୍ଦକାନ୍ଦ ହୋଇ କଳା ପଲିଥିନ୍‌ରେ ଘୋଡ଼ା ଯାଇଥିବା ଶବକୁ ଅଗଣାକୁ ଟେକି ନେଇଥିଲେ। ହେଲେ ପଲିଥିନ୍ ଖୋଲିବା ବେଳକୁ ଜଣାପଡ଼ିଥିଲା ଏହା ସ୍ୱର୍ଣ୍ଣଲତାଙ୍କ ମୃତଦେହ ନୁହେଁ। ଏହା ସମସ୍ତଙ୍କୁ ଅବାକ୍ କରିଦେଇଥିଲା। ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ କାହାର ଶବ ଦିଆଯାଇଛି ବୋଲି ଅଭିଯୋଗ କରି ପରିବାରଲୋକେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଘଟଣା ବାବଦରେ ସ୍ପଷ୍ଟ ଚିତ୍ର ମିଳିଥିଲା। ଏସ୍‌ସିବି ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ଅଦଳବଦଳ ହୋଇଛି ବୋଲି ଜଣାପଡ଼ିଥିଲା। ସାଲେପୁରରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ(୬୨) ଗତକାଲି ରାତିରେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇଥିଲେ।

ତାଙ୍କୁ ସଙ୍ଗେସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ।

ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ମୃତ ସ୍ୱର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ

- ଶେଷକୃତ୍ୟ ପୂର୍ବରୁ ଜଣାପଡ଼ିଲା
- କେନ୍ଦୁଝର ମହିଳାଙ୍କ ଶବ ସାଲେପୁର ନିଆଯାଇଥିଲା

କରାଯାଇଥିଲା। ବ୍ୟବଚ୍ଛେଦ ପରେ ଏକ ଜରିରେ ଶବକୁ ପ୍ୟାକ୍ କରି ତାଙ୍କ ପୁଅ କୈଳାସ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। କୈଳାସ ମା'ଙ୍କର ଶବ ଧରି ଘରେ ପହଞ୍ଚି ଶେଷକୃତ୍ୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଚୂଡ଼ାନ୍ତ ସମୟ ବେଳକୁ ଜରି ପ୍ୟାକିଂ ଖୋଲି ଦେଖିଲା ବେଳକୁ ସେଥିରେ ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ ଜଣେ ମହିଳାଙ୍କ ଶବ ଥିଲା। ଏ ସଂପର୍କରେ ସେ ସଙ୍ଗେସଙ୍ଗେ କଟକ ବଡ଼ ମେଡ଼ିକାଲ ସହ ଯୋଗାଯୋଗ କରିବାରୁ ଶବଟି ଭୁଲ୍‌ରେ ବଦଳ ହୋଇଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ କୈଳାସ ଓ ଗ୍ରାମବାସୀମାନେ ପୁନର୍ବାର ଶବଟିକୁ ପ୍ୟାକ୍ କରି କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଉକ୍ତ ଶବଟି କେନ୍ଦୁଝର ଅଞ୍ଚଳର ଜଣେ




ମହିଳାଙ୍କର ବୋଲି ଜଣାଯାଇଛି। ଅଜଣା ଶବଟିକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପରେ କୈଳାସଙ୍କୁ ତାଙ୍କ ମା'ଙ୍କ ଶବ ଫେରସ୍ତ କରିଥିଲେ। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ଶବ ବଦଳ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଯୋଗ୍ୟ, ମୃତ ସ୍ୱର୍ଣ୍ଣଲତା ଲୁଣାହାର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ।

## ବିଜେଡିକୁ ଫେରିଲେ ନୂଆପଡ଼ାର ବରିଷ୍ଠ ଆଦିବାସୀ ନେତା

ଭୁବନେଶ୍ୱର,୧୬।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡ଼ା ଜିଲ୍ଲା ପରିଷଦ

- ଭାନୁ ପ୍ରତାପ ସିଂହ ମାଝୀଙ୍କ ପ୍ରତ୍ୟାବର୍ତ୍ତନ, ବିଜେଡିର ଶକ୍ତି ବୃଦ୍ଧି
- ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ: ଭାନୁପ୍ରତାପ

ସଦସ୍ୟ ଭାନୁପ୍ରତାପ ସିଂହ ମାଝୀଙ୍କର ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ



ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁପ୍ରତାପ ସିଂହ ମାଝୀ। ଶ୍ରୀ ମାଝୀ ତିନି ତିନିଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି।

ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ। ବିଜେଡିର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ନିଜ ଘରୁ ଫେରି ଆନନ୍ଦିତ। ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ।

## ବିଜେଡିର ୫୨ ନେତାଙ୍କୁ ନୂଆପଡ଼ା ପ୍ରଚାର ମଙ୍ଗ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମକୁ ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ବଡ଼ ଟିମ୍ ଘୋଷଣା କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ

- ନୂଆପଡ଼ା ଓ କୋମନାରେ ୩୬ ନେତାଙ୍କୁ ଦାୟିତ୍ୱ
- ଖରିଆର ରୋଡ ଓ ନୂଆପଡ଼ା ଏନଏସି ପାଇଁ ୧୬

ପାଇଁ ମୋଟ ୩୬ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖରିଆର୍ ରୋଡ ଏନଏସି ଓ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ନୂଆପଡ଼ା ବ୍ଲକ ପାଇଁ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ପ୍ରତାପ ଜେନା, କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, ପ୍ରୀତିରଞ୍ଜନ ଘଡ଼ାଇ, ଧ୍ରୁବଚରଣ ସାହୁ, ମନୋହର ରାନ୍ଧାରୀ, ପ୍ରଦୀପ ଦିଶାରୀ, ବ୍ରଜକିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରସାନ୍ତ କୁମାର ବେହେରା, ଦେବୀରଞ୍ଜନ ତ୍ରିପାଠୀ ଓ ନିହାର ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ମିଳିଛି। ନୂଆପଡ଼ା ଏନଏସି ପାଇଁ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦୀପାଳି ଦାସ, ଆୟୁବ ଖାନ୍, ରୀତା ସାହୁ, ସ୍ୱରୂପ ଦାସଙ୍କୁ ନବୀନ ପ୍ରଚାର ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧିରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାୟ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ରୋହିତ୍ ଯୋଶେଫ ତିର୍କୀ ଓ ଉମାକାନ୍ତ ସାମନ୍ତରାୟ ପ୍ରଚାର ମଙ୍ଗ ସମ୍ଭାଳିବେ। ସେହିପରି ଖରିଆର୍ ରୋଡ ଏନଏସି ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଗୌତମବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି, ରୁଦ୍ରପ୍ରତାପ ମହାରଥୀ ପ୍ରଚାର କାର୍ଯ୍ୟ ତୁଲାଇବେ ବୋଲି ଦଳୀୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବିରେ ଦେଓଗାଁ ବନ୍ଦ

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଦେଓଗାଁ, ୧୬ ।୧୦(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ କଛାରପାଲିରେ ୪ ଦିନତଳେ ମାରଣାସ୍ତ୍ରଧରି ୧୨ଜଣ ଦୁର୍ବୃତ୍ତଙ୍କ ଆତଙ୍କ ପରେ ଗାଁରେ ଉତ୍ତେଜନା ଲାଗିରହିଛି। ବାହାର ରାଜ୍ୟର ଅନୁପ୍ରବେଶକାରୀମାନେ ଦେଓଗାଁରେ ବସତି ସ୍ଥାପନ କରି ଏହି ଆତଙ୍କ ଖେଳାଉଥିବା ପ୍ରତିବାଦ କରି ଗାଁବାସୀ ଗୁରୁବାର ଦେଓଗାଁ ବନ୍ଦ ଡାକରା ଦେଇଥିଲେ। ଏହି ବନ୍ଦକୁ ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ପାଳନ କରିଥିଲେ। ଦେଓଗାଁ, କଛାରପାଲି ତଥା ବଙ୍ଗଳା ଛକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହା ଫଳରେ ଅନେକ ଯାତ୍ରୀ, କଲେଜ ଛାତ୍ରଛାତ୍ରୀ ତଥା ଅନ୍ୟମାନେ ହନ୍ତସନ୍ତ ହେବାର ନଜରକୁ ଆସିଥିଲା। ତେବେ ଅପରାହ୍ଣ ୩ଟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ




ଗ୍ରାମବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ ଗାଁକୁ ଆସି ରହୁଥିବା ଅନୁପ୍ରବେଶକାରୀଙ୍କୁ ଗାଁରୁ ହଟାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏନେଇ ଏକ ରିଜୋଲ୍ୟୁସନ କରାଯିବା ସହ ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରାଯାଇଥିଲା। ଏହି ସମୟରେ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁବାସୀଙ୍କୁ ଅଣଦେଖା କରିଥିଲେ। ଥାନା ବାହାରକୁ ଚାଲିଯିବା ପାଇଁ କହିଥିଲେ। ଏଣୁ ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମସ୍ତେ

### ଥାନା ବାହାରକୁ ଚାଲିଯିବାକୁ ଆଇଆଇସିଙ୍କ ନାଲିଆଖି

ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟା, ପରେ ପୁଣି ଥାନା ଅଧିକାରୀ ଆସି ଗାଁବାସୀଙ୍କୁ ବୁଝାସୁଝା କରିଥିଲେ। କମ୍ ସମୟ ମଧ୍ୟରେ ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଫଟାମୁଣ୍ଡା ଯାତ୍ରା ପଡ଼ିଆରେ ପେଟି ପେଟି ଥଣ୍ଡା ପାନୀୟ ବୋତଲ ପଡ଼ିଛି।

## ରାଷ୍ଟ୍ରୀୟ ପୋଷଣ ମାସ

ମୁରିବାହାଲ, ୧୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ସିଡିପିଓ ସୁଶ୍ରୀ ପୂର୍ଣ୍ଣିମା ବୈଠରୁ, ସମ୍ମାନିତ ଅତିଥି ଭାବେ ଡା. ରାଜେଶ ଅଗ୍ରୱାଲ, ଡା. ରଶ୍ମିରେଖା ଟାଲି, ଇଂରାଜୀ ଅଧାପକ ସୋମେଶଦତ୍ତ ହୋତା, ଓଡ଼ିଆ ଅଧାପକ ଦିଲ୍ଲୀପ ପଶାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଅଧାପକ ଘନଶ୍ୟାମ ଖମାରି ସଭା ପରିଚାଳନା କରିଥିଲେ।

## ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ଖପ୍ରାଖୋଲ, ୧୬ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗ୍ରାମର ଈଶ୍ୱର ରାୟ (୨୩)ଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ମାସେ ତଳେ ସେଠାକୁ ସେ ଏକ କମ୍ପାନୀରେ କାମ ପାଇଁ ଯାଇଥଲେ। ତେବେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଅବିବାହିତ ଥିଲେ। ତାଙ୍କ ଅକାଳ ବିୟୋଗରେ ମା’ ଭାଙ୍ଗି ପଡ଼ିଛନ୍ତି।

## କଲେଜ ଛାତ୍ରୀଙ୍କ ରାସ୍ତା ଅବରୋଧ



ଡୁଙ୍ଗୁରିପାଲି, ୧୬ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱତୀୟ ବର୍ଷର ଛାତ୍ରୀ ରାସ୍ତା ଅବରୋଧ କରିଥିଲେ। ଏମାନଙ୍କ ପାଖରୁ ୧ ହଜାର ଟଙ୍କା ବଦଳରେ କଲେଜ କର୍ତ୍ତୃପକ୍ଷ ଫର୍ମ ପୂରଣ ପାଇଁ ୧୨ ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କଲେଜ ଛାତ୍ରୀମାନେ ବିନିକା-ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତାକୁ କଲେଜ ସମ୍ମୁଖରେ ଅବରୋଧ କରିଥିଲେ। ଏହାଫଳରେ ରାସ୍ତା ଉପରେ ଗାଡି ମଟର ଅଟକି ରହିଥିଲା। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଧ୍ୟକ୍ଷା କଳ୍ପନା ଦାସ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

## କୁଟାସିଂହାରେ ‘ସିନ୍ଦୂର ପିନ୍ଧିଲି ଦିନକ ପାଇଁ’ ମଞ୍ଚସ୍ଥ

ବଲାଙ୍ଗିର, ୧୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକର କୁଟାସିଂହାଠାରେ ସିନ୍ଦୂର ପିନ୍ଧିଲି ଦିନକ ପାଇଁ ପରିବେଷିତ ହୋଇଛି। ଦିନେଶ ଦାସଙ୍କ ତତ୍ତ୍ୱାବଧାନରେ ଭଜମନ କଳା ପରିଷଦ ତଥା କୁଟାସିଂହା ଦୁର୍ଗା ପୂଜା କମିଟିର ପିଲାଙ୍କୁ ନେଇ ଯାତ୍ରା ଶ୍ରୀ ମା ଅଭୟା ଦ୍ୱାରା ଏହି ସାମାଜିକ ପ୍ରେମ ଓ ଦୁଃଖ ଭରା ନାଟକ ପରିବେଷିତ ହୋଇଛି। ଭାଗବତ ପ୍ରଧାନ, ଡକ୍ଟର ସୁବାସ ପାତ୍ର, ରାମଜୀ ପ୍ରଧାନ ଓ ପ୍ରଦୀପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦ ଚନ୍ଦ୍ର ପଶାୟତ ନିର୍ଦ୍ଦେଶନା ଦେଇଥିଲେ। ସରପଞ୍ଚ ଡିଗ୍ରୀ ମେହେର, ପୂର୍ବତନ ସମିତି ସଭ୍ୟ ପ୍ରକାଶ ବେହେରାଙ୍କ ପରିଚାଳନାରେ ଏହି ନାଟକ ମଞ୍ଚସ୍ଥ ହୋଇଥଲା।

# ୨୭ ଶ୍ରମିକ ଉଦ୍ଧାର ; ସର୍ଦ୍ଦାର ଫେରାର

କଣ୍ଟାବାଞ୍ଜି, ୧୬ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରୁ ବାହାର ରାଜ୍ୟକୁ ବେଆଇନ ଭାବେ ଦାଦନ ଶ୍ରମିକଙ୍କୁ ଚାଲାଣ କରାଯାଉଥିବା ବେଳେ ୨୭ ଜଣଙ୍କୁ କଣ୍ଟାବାଞ୍ଜି ପୁଲିସ ଉଦ୍ଧାର କରିଛି। କଣ୍ଟାବାଞ୍ଜି ରେଳଷ୍ଟେସନ ନିକଟରୁ ୧୧ ଶିଶୁ ସମେତ ୧୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ହାଇଦ୍ରାବାଦକୁ ଇଟା ଗଡିବା ପାଇଁ ଯାଉଥିବା ବେଳେ ଏହି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଦାଦନ ଶ୍ରମିକମାନେ



କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ, କରଲାବାହାଲି ତଥା ଖଡ଼ିଆଳ ଥାନା ବୋଡେନ ଅଞ୍ଚଳର ବୋଲି ସୂଚନା ମିଳିଛି। ଏମାନଙ୍କୁ କଣ୍ଟାବାଞ୍ଜିର ଦାଦନ ସର୍ଦ୍ଦାର ବିନୋଦ କୁମାର ଅଗ୍ରିମ ଟଙ୍କା ଦେଇ ଚାଲାଣ କରୁଥିଲା। ସେ କିନ୍ତୁ ଫେରାର ମାରିଛି। ତା’ ନାଁରେ ମାମଲା ରୁଜୁ କରି ତାକୁ ଧରିବାକୁ ପୁଲିସ ଏକ ଟିମ୍ ଗଠନ କରିଛି। ତେବେ ବାରମ୍ବାର ଶ୍ରମିକ ଉଦ୍ଧାର ହେଉଥିବା ବେଳେ ବଡ଼ବଡ଼ିଆ ଦାଦନ ସର୍ଦ୍ଦାର ଫେରାର ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କାର୍‌ରୁ ୨୫ କେଜି ଗଞ୍ଜେଇ ଜବତ



ଖପ୍ରାଖୋଲ, ୧୬ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ଏକ କାରରୁ ୨୫ କେଜି ଗଞ୍ଜେଇ ଜବତ କରିଛି। ଛତିଶଗଡ଼ ଅଞ୍ଚଳକୁ ଏହା ଚୋରା ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ସୂଚନା ପାଇ ଖପ୍ରାଖୋଲ ଅବକାରୀ ବିଭାଗର ଅଧିକାରୀ ଜୟନ୍ତୀ ଲାଲ ପାଣ୍ଡେ, ଜିତେନ୍ଦ୍ର ମଲ୍ଲିକ ଓ ମୋତିଲାଲ ସାଗର ଗାଡ଼ିକୁ ଧରିବାକୁ ଯୋଜନା କରିଥିଲେ। ରେଙ୍ଗାଲି ଗ୍ରାମରେ ଉଭୟ ପଟରୁ ଘେରିଯିବାରୁ ଅନ୍ୟ ଉପାୟ ନ ପାଇ ଗାଡ଼ିରେ ଥିବା ୨ ଜଣ ଗାଡି ଛାଡ଼ି ଫେରାର ହୋଇ ଯାଇଥିଲେ। ଅବକାରୀ ବିଭାଗ ଗଞ୍ଜେଇ ଭର୍ତ୍ତି କାରକୁ ଖପ୍ରାଖୋଲ ଆଣିଥିଲା। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରିହର ଧଳଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। କାରରୁ ଏକ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର କାଗଜ ପତ୍ର ସହିତ ନଗଦ ୧୦୦୦ ଟଙ୍କା ଜବତ ହୋଇଛି।

■ ହରଭଙ୍ଗା ବ୍ଲକ୍‌ରେ ସାମାଜିକ ସୁରକ୍ଷା ଆଇନ୍ ବାଟବଣା

# ୯୦ ପ୍ରତିଶ୍ରତ ଦିବ୍ୟାଙ୍ଗ ସତ୍ତ୍ୱେ ମିଳୁନି ବର୍ଦ୍ଧିତ ଭତ୍ତା



ହରଭଙ୍ଗା, ୧୬ ।୧୦(ସମିସ): ପିଲାଟି ବେଳୁ ସେ ଦିବ୍ୟାଙ୍ଗ। ଗୋଡ ଦୁଇଟି ଅଚଳ। ଏଥି ଯୋଗୁଁ ହାତ ସାହାରାରେ ସେ ସବୁ କାମ କରନ୍ତି। ଏବେ ତାଙ୍କୁ ବୟସ ୭୫ ହେଲାଣି। ବୟସର ଅପରାହ୍ଣ ସାଙ୍ଗକୁ ପରିଣତ ବୟସରେ ପାଖରେ ସାହା ଭରସା କେହି ନାହାନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା କେତେ କେଜି ଚାଉଳ ଏବଂ ଭତ୍ତା ହେଉଛି ତାଙ୍କର ସମ୍ବଳ। ସେଥିରେ ସେ କଷ୍ଟେମଷ୍ଟେ ଚଳନ୍ତି; ମାତ୍ର ସରକାରଙ୍କ ବର୍ଦ୍ଧିତ ଭତ୍ତାରୁ ତାଙ୍କ ଭଳି ୯୦ ପ୍ରତିଶ୍ରତ ଦିବ୍ୟାଙ୍ଗ ବ୍ୟକ୍ତି ବଞ୍ଚିତ। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଖରଶଙ୍କୁଲେଇ ଗ୍ରାମର ସୋମନାଥ ମହାକୁଡ(୭୫)ଙ୍କ ଏହି କାହାଣୀ। ବର୍ଦ୍ଧିତ ଭତାରୁ ସୋମନାଥ ବଞ୍ଚିତ। ପୁରୁଣା ଭତ୍ତା ହିସାବରେସେ ମାସିକ ୧୨ଶହ ଟଙ୍କା ଭତ୍ତା ପାଉଛନ୍ତି। ୮୦ ପ୍ରତିଶ୍ରତରୁ ଅଧିକ ଦିବ୍ୟାଙ୍ଗଙ୍କୁ ସରକାର ୩୫ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ ପାଇଁ କହି ବୁଲୁଛନ୍ତି। ହରଭଙ୍ଗା ବ୍ଲକରେ ସୋମନାଥଙ୍କ ଭଳି ଅନେକ ଦିବ୍ୟାଙ୍ଗ ବ୍ୟକ୍ତି କିନ୍ତୁ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ। ତୁରନ୍ତ ସୋମନାଥଙ୍କୁ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ସମାଜସେବୀ ପ୍ରମିଳ ଦନ୍ତା ଦାବୀ କରିଛନ୍ତି।

# ରେଳ ଉପଭୋକ୍ତା ସଂଘର ବୈଠକ

ବଲାଙ୍ଗିର, ୧୬ ।୧୦(ସମିସ): ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିରରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ତରୁଣ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ବିବରଣୀ




ପାଠ କରିଥିଲେ। ଗୋପବନ୍ଧୁ ପୁରୋହିତ, ରତ୍ନରାଜ ସିଂହ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ, ଶିବ ନାରାୟଣ ରଥ, ଦିବାକର ହୋତା, ପଙ୍କଜିନି ପଣ୍ଡା, ମୋତିଲାଲ ସାହୁ, ବାଲୁଲାଲ ଖେଡିଆ, ମନୋରଞ୍ଜନ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ବ୍ରଜକିଶୋର ପଣ୍ଡା, ସଲିମ ଖାନ, ସୁବ୍ରତ ବହିଦାର, ଅତୁଳ ଅଗ୍ରୱାଲ, ଅଦିତ୍ୟ ନାରାୟଣ ସାହୁ, ଶତ୍ରୁଘ୍ନ ସିଂହ, ସୁବାଷ ଶତପଥୀ, ଅଶୋକ ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ରାମ ପ୍ରସାଦ ସେଠ, ପ୍ରଦୀପ ନେପାକ, ମହେଶ ମାଲାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ହିତେଶ ସାହୁ ସହଯୋଗ କରିଥିଲେ। ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।





# ତୁରେକେଲା କ୍ଲଷ୍ଟରସ୍ତରୀୟ ସୁରଭି

ତୁରେକେଲା, ୧୬ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଡିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ନୃତ୍ୟ, ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସଭାରେ ପ୍ରଫୁଲ୍ଲ ମାଝୀ





ସଭାପତିତ୍ୱ କରିଥିଲେ। ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ବିଆରସିସି ଫକୀର ଚରଣ ବିଶି, ସିଆରସିସି ଧନସିଂ ମାଝୀ, ରବୀନ୍ଦ୍ର ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାନସ ରଞ୍ଜନ ଜାଲ ସଭା ପରିଚାଳନା କରିଥିଲେ। ରଜନୀ ମେହେର, ସୁଦୀପ୍ତା ଜେନା, ରାଜେଶ ସିଂଦେଓ, ସୁଭଦ୍ରା ମେହେର, ସୁକାନ୍ତି ମାଝୀ, ରାଜୀବ ଦାସ ବିଚାରକ ଥିଲେ। ଶିକ୍ଷକ ଶୁଭାଶିଷ ରାଉତ, ବିମଳ ଧରୁଆ, ପ୍ରଦୀପ ମେହେର, ରାଜକିଶୋର ନାଗ, ନେହେରୁ ତାଣ୍ଡି ସହଯୋଗ କରିଥିଲେ।










## ପାୱାର ହାଉସ୍ ବାଣ ଦୋକାନକୁ ନେଇ ଅସନ୍ତୋଷ

**ରାଉରକେଲା, ୧୬।୧୦(ସମିସ):** ଦୀପାବଳି ପୂର୍ବରୁ ପାୱାର ହାଉସ୍ ଅଞ୍ଚଳରେ ବାଣ ବଜାରକୁ ନେଇ ପୁଣି ଥରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର ପୁରୁଣା ନିରାପତ୍ତା ଅଞ୍ଚଳରୁ ଦୋକାନକୁ ଏକ ଅସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବାର ନିଷ୍ପତ୍ତି ବାଣ ବ୍ୟବସାୟୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ମୁତାବକ, ଗତ ଦଶନ୍ଧି ଧରି ପାୱାର ହାଉସ୍ ପାର୍କିଂ ଲଟ୍, ଆରଏସପି ଜମି ଏବଂ ବାଲ୍ ଗଣେଶ ପୂଜା ଗ୍ରାଉଣ୍ଡ ଅଞ୍ଚଳରେ ବାଣ ଦୋକାନ ପ୍ରତିଷ୍ଠା କରାଯାଇଛି। ଯାହାକୁ ସୁରକ୍ଷିତ ଅଞ୍ଚଳ ଭାବରେ ଘୋଷଣା କରାଯାଇ ଥିଲା। କିନ୍ତୁ ଗତ ବର୍ଷରୁ ଉକ୍ତ ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ ସମାନ ଅଭିଯୋଗ ହୋଇଛି। ପ୍ରଶାସନ ପ୍ରାରମ୍ଭରେ ପୁରୁଣା ନିରାପତ୍ତା ଅଞ୍ଚଳରେ ଦୋକାନ କରିବାକୁ ଅନୁମତି ଦେଇଥିଲା। ଦୋକାନ ନିର୍ମାଣ ମଧ୍ୟ ଶେଷ ହୋଇଥିଲା, କିନ୍ତୁ ପରେ ପ୍ରଶାସନ ହଠାତ୍ ୟୁ-ଟର୍ଣ୍ଣ ନେଇ ସେହି ବଜାରକୁ ପ୍ରତ୍ୟାଖ୍ୟାନ କରି ମ୍ୟୁନିସିପାଲ କଲେଜ ଏବଂ ଘନ ଜନବସତି ସଂଲଗ୍ନ ଅସୁରକ୍ଷିତ ଅଞ୍ଚଳରେ ଏକ ନୂତନ ବାଣ ବଜାର ପ୍ରସ୍ତୁତ କରିବା ଆରମ୍ଭ କରିଥିଲା। ଏହି ନୂତନ ସ୍ଥାନର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି ଯାହାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍ ଦ୍ୱାରା ଏସ୍‌ଓପି ଓ ଏସ୍‌ଏମ୍‌ପିର ଡିଜିଟାଲ ରୂପାନ୍ତରଣ



**ରାଉରକେଲା, ୧୬।୧୦(ସମିସ):** କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଡିଜିଟାଲ୍ ରୂପାନ୍ତରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ନୂତନ ପ୍ଲେଟ୍ ମିଲ୍ ବିଭାଗର ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଏବଂ ମାନକ ରକ୍ଷଣାବେକ୍ଷଣ ପ୍ରକ୍ରିୟା (ଏସଏମପି)ର ଡିଜିଟାଇଜେସନ୍‌କୁ କାର୍ଯ୍ୟକାରୀ କରି ଏକ ଅଗ୍ରଣୀ ପଦକ୍ଷେପ ଗ୍ରହଣ କରିଛି। ଏହି ସ୍ୱତନ୍ତ୍ର ଡିଜିଟାଲ୍ ପଦକ୍ଷେପକୁ ଅକ୍ଟୋବର ୧୦ ତାରିଖ ଦିନ ନୂତନ ପ୍ଲେଟ ମିଲ ଏବଂ ଏସପିପି ବିଭାଗର ତତ୍କାଳୀନ ସିଜିଏମ ଆର. କେ. ବିସାରେ ଉଦ୍‌ଘାଟନ କରିଥିଲେ। ସେଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଙ୍କ ଦୁରଦୃଷ୍ଟି ସମ୍ପନ୍ନ ନିର୍ଦ୍ଦେଶନାମାରେ ଅନୁପ୍ରାଣିତ, ଏହି ଅଭିନବ ପ୍ରକଳ୍ପରେ ଏକ ଅତ୍ୟାଧୁନିକ ୨ ଫୁଟ ଘ ୪ ଫୁଟ ଡିଜିଟାଲ୍ ଡିସ୍‌ପ୍ଲେ ସ୍ଥାପନ କରାଯାଇଛି। ଡିଜିଟାଇଜ୍ ହୋଇଥିବା ଏସଓପି ଏବଂ ଏସଏମ୍‌ପି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ସହ ରକ୍ଷଣାବେକ୍ଷଣ ନିର୍ଦ୍ଦେଶାବଳୀ ଶୀଘ୍ର ଏବଂ ସହଜରେ ଉପଲବ୍ଧ ହୋଇପାରିବ, ଯାହା ଦ୍ୱାରା କାର୍ଯ୍ୟକ୍ଷେତ୍ରର ସୁରକ୍ଷା, ଦକ୍ଷତା ସହ ଉକ୍ତ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧିରେ ସହାୟକ ହେବ। ଏହି ପଦକ୍ଷେପ ଆରଏସପିର ଡିଜିଟାଲ୍ ପରିବର୍ତ୍ତନ ଯାତ୍ରାରେ ଆଉ ଏକ ନୂତନ ଅଧ୍ୟାୟ ଭାବେ ଯୋଡ଼ି ହୋଇ ଯାଇଥିବା କୁହାଯାଉଛି।

### ଓମ୍ବାଡସି ଓଭରସାଇଟ୍ ଅଥରିଟିଙ୍କ ବଣାଇଁ ଗସ୍ତ

## ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା



**ବଣାଇ, ୧୬ ।୧୦(ସମିସ)**

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ର ତଦାରଖ ପ୍ରାଧୀକରଣ ଭାବେ ଜଷ୍ଟିସ୍ ଏକେ ପଟ୍ଟନାୟକ ଆଜି ଦିନିକିଆ ବଣାଇଁ ଗସ୍ତରେ ଆସିଛନ୍ତି। ଏହି ଗସ୍ତରେ ସେ ଓମ୍ବାଡସି ପାଣ୍ଠି ବିନିଯୋଗରେ ଖଣି ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ ଆଦିର ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଏହାର ସମୀକ୍ଷା କରିଛନ୍ତି। ପ୍ରଥମେ ବଣାଇ ବ୍ଲକ ଅଧୀନ ସରସରା ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବା ବିଷୟ ଅନୁଧ୍ୟାନ କରିବା ସହ ସମନ୍ୱିତ ଭୌତିକ ସେବା ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାଦ୍ୱାରା ଉକ୍ତ ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ବିଷୟରେ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ପଚାରି ବୁଝିଥିଲେ। ସେହିପରି ଭାବେ ଝିରଡାପାଲି ଠାରେ ଥିବା ଡ୍ରାଇଭିଙ୍ଗ ଟ୍ରେନିଂ ସ୍କୁଲରେ ମିଳୁଥିବା ଶିକ୍ଷା ଓ ସୁବିଧା ବିଷୟରେ ପଚାରି ବୁଝିଥିଲେ। ପରେ ରୁଗୁଡ଼ାସ୍ଥିତ ଦୁଗ୍ଧ ଉତ୍ପାଦନ କେନ୍ଦ୍ରକୁ ଯାଇ ଦୁଗ୍ଧଚାଷୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରିବେଶର ସୁରକ୍ଷା ପାଇଁ ବଣାଇଁ ବନବିଭାଗ ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟଦେଖି ଖୁସିବ୍ୟକ୍ତ କରିଥିଲେ। ଏହିଗସ୍ତରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ଜିଲ୍ଲା ଡିଏମ୍‌ଏଫ୍ ସହ ବଣାଇଁ ଉପଖଣ୍ଡର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

## ରାମ୍‌କୋ କାରଖାନାରେ ଦୁର୍ଘଟଣାରେ ଶ୍ରମିକ ମୃତ

**ରାଉରକେଲା, ୧୬।୧୦ (ସମିସ) :** ବୀରମିତ୍ରପୁର ଥାନା ଅଧୀନ ରାମପାଲ ଛକରେ ଥିବା ରାମ୍‌କୋ କାରଖାନାରେ ଆଜି ଏକ ଦୁର୍ଘଟଣାରେ ଜଣେ କାର୍ଯ୍ୟରତ ଶ୍ରମିକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଶ୍ରମିକ ହେଉଛନ୍ତି ରାଜେଶ ଲାକ୍ରା (୪୩)। ତାଙ୍କଘର ନିକଟବର୍ତ୍ତୀ ରତାଖଣ୍ଡି ଗାଁରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ରାଜେଶ ଲାକ୍ରା ସହ କିଛି ଶ୍ରମିକ ରାମକୋ କାରଖାନା ପରିସରରେ ନିର୍ମାଣାଧୀନ ଏକ ଘରର ଛାତ ଉପରେ ଚଢି ଆଜବେଷ୍ଟସ୍ ପକାଉଥିଲେ। ତେବେ ଅସାବଧାନତା ଯୋଗୁଁ ହଠାତ୍ ରାଜେଶ ତଳେ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ସଞ୍ଜୟ କୁମାର ଲାକ୍ରା ନାମକ ଆଉ ଜଣେ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସେପଟେ ଗୁରୁତର ରାଜେଶକୁ ହସ୍ପିଟାଲ ନେବା ରାସ୍ତାରେ ତାର ମୃତ୍ୟୁ ଘଟିଥିଲା। ପୁଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ପତ୍ନୀକୁ ତଣ୍ଟିଚିପି ହତ୍ୟା : ସ୍ୱାମୀ ଗିରଫ



**ରାଉରକେଲା, ୧୬।୧୦(ସମିସ):** କିଞ୍ଜିରକେଲା ଥାନା ବନ୍ଧବାହାଲ ଗାଁରେ ଜଣେ ଯୁବକ ତାଙ୍କ ପତ୍ନୀକୁ ତଣ୍ଟି ଚିପି ହତ୍ୟା କରିଥିବା ସୂଚନା ମିଳିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ଅର୍ଜୁନ ସିଂହ(୩୬)। ସୂଚନା ମୁତାବକ ଅଭିଯୁକ୍ତ ହେଉଛି ଅର୍ଜୁନ କୌଣସି କାମଧନ୍ଦା ନ କରି ବେକାର ବୁଲିବା ସହ ମଦ୍ୟପାନ କରୁଥିଲା। ଏହାକୁ ନେଇ ପତ୍ନୀ ସଂଯୁକ୍ତା ସହ ସବୁବେଳେ ତାର ପାଟିତୁଣ୍ଡ ହେଉଥିଲା। ଗତକାଲି ପୁନର୍ବାର ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇ ଉଗ୍ରରୂପ ଧାରଣ କରିଥିଲା। ଶେଷରେ କ୍ଷୁବ୍ଧ ହୋଇ ସ୍ୱାମୀ ଅର୍ଜୁନ ପତ୍ନୀ ସଂଯୁକ୍ତାର ତଣ୍ଟିଚିପି ଅତ୍ୟନ୍ତ ନିର୍ମମଭାବେ ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ସେ ଫେରାର ହୋଇଯାଇଥିଲା। ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୁଲିସ ଆଜି ଅଭିଯୁକ୍ତ ହତ୍ୟାକାରୀ ଅର୍ଜୁନ ସିଂହକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିରେ ସୁରକ୍ଷା ସର୍କଲ୍ ପୁରସ୍କାର ସମାରୋହ

**ରାଉରକେଲା, ୧୬।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟସ୍ଥିତ 'ସମାଗମ' ସମ୍ମିଳନୀ କକ୍ଷରେ ସେଫ୍ଟି ସର୍କଲ୍ ପ୍ରତିଯୋଗିତାରେ ଉତ୍କର୍ଷତା ନିମନ୍ତେ ସେଫ୍ଟି ସର୍କଲ୍ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଛି। ଏହି ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା ଏସ୍ କାର୍ଥା ମଞ୍ଚାସୀନ ଥିଲେ। ଉଲ୍ଲେଖନୀୟ ଯେ ଏହି ପ୍ରତିଯୋଗିତା ଗତ ସେପ୍ଟେମ୍ବର ୩୦ ତାରିଖରେ ସେଫ୍ଟି ଇଞ୍ଜିନିୟରିଂ ବିଭାଗ (ଏସଇଡି) ଦ୍ୱାରା ଆୟୋଜିତ ହୋଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସେସ୍ ବିଭାଗର 'ଉତ୍କର୍ଷ' ସୁରକ୍ଷା ସର୍କଲର ବିଜେତା ଦଳକୁ ୨୫୦୦୦/- ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ନୂତନ ପ୍ଲେଟ୍ ମିଲ୍ ବିଭାଗର 'ସମ୍ପୂର୍ଣ୍ଣ' ସୁରକ୍ଷା ସର୍କଲ୍ ଦଳ ପ୍ରଥମ ରନର୍ସ ଅପ୍ ପୁରସ୍କାର ଭାବେ ୧୫୦୦୦/- ଟଙ୍କା ପୁରସ୍କାର ପାଇଥିବାବେଳେ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଏବଂ ଅଟୋମେସନ ବିଭାଗର 'ପ୍ରଗତି' ସେଫ୍ଟି ସର୍କଲ୍ ଦଳକୁ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ଭାବେ ୧୦, ୦୦୦/- ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲିଷ୍ଟ ବିଭାଗର ଶ୍ରେଷ୍ଠ ରାଙ୍କିଂ ଥିବା ପ୍ରତ୍ୟେକ ଦଳକୁ ମଧ୍ୟ ୫୦୦୦/- ଟଙ୍କା ପୁରସ୍କାର ମିଳିଥିଲା। ଏହି ଅବସରରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଲାଇ କର୍ମକ୍ଷେତ୍ରର ସୁରକ୍ଷା ବୃଦ୍ଧି କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ କାରଖାନାର ବିଭିନ୍ନ ବିଭାଗୀୟ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଆରଏସପିରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇଥିବା ସେଫ୍ଟି ସର୍କଲ୍ ଧାରଣା, ଅସୁରକ୍ଷିତ ପରିସ୍ଥିତିକୁ ସଠିକ ଭାବେ ଚିହ୍ନଟ କରିବା ସହିତ ବିପଦ ହ୍ରାସ କରିବା ପାଇଁ ବ୍ୟବହାରିକ ସମାଧାନ ପରାମର୍ଶ ସହିତ ସପ୍ ବିଭାଗ କର୍ମଚାରୀମାନଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ନିୟମିତ ବୈଠକ, ମାନସ ମନ୍ଥନ ଅଧିବେଶନ ଏବଂ ସାଥୀ କର୍ମଚାରୀଙ୍କ ମଧ୍ୟରେ ଶିକ୍ଷା ସହଭାଗିତା ମାଧ୍ୟମରେ, ଏହିସବୁ ଟିମ୍ ଗୁଡ଼ିକ ତୃଣମୂଳସ୍ତରରେ ସୁରକ୍ଷା ଅଭ୍ୟାସକୁ ଆହୁରି ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

## ସାମାନ୍ୟ ଦୁର୍ଘଟଣାରୁ ମାରପିଟ୍

**ରାଉରକେଲା, ୧୬।୧୦(ସମିସ):** ଦୁଇ ଗାଡ଼ି ମଧ୍ୟରେ ସାମାନ୍ୟ ଦୁର୍ଘଟଣାରୁ ମାର୍‌ପିଟ ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟ ରାସ୍ତାର ମଙ୍ଗଳଭବନ ଛକ ଠାରେ ଗୁରୁବାର ରାତିରେ ଏହି ଘଟଣା ଘଟିଥିଲା। ମୁଖ୍ୟ ରାସ୍ତାରୁ ଏକ ଅଟୋ ପାୱାର ହାଉସ ପାର୍କିଂ ଆଡ଼କୁ ଯାଉଥିଲା। ହଠାତ୍ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣାକୁ ନେଇ ଉଭୟ ଗାଡ଼ିର ଚାଳକ ମଧ୍ୟରେ ପାଟିତୁଣ୍ଡ ହୋଇ ମାର୍‌ପିଟ ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା।

## ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳିତ



**ବଣାଇଁ, ୧୬ ।୧୦(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମ ଦିନ ଅବସରରେ ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ରକ୍ତ ଦାନ ଶିବିର ଲହୁଣୀପଡ଼ା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିଷାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସଭ୍ୟା ଜୁଲିଆଣୀ କାନ୍ଦିର, ସୁଶୀଳା ନାୟକ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, ବଣାଇଁ ବ୍ଲକ ସଭାପତି ବାଣେଶ୍ୱର ସାହୁ, ପୂର୍ବତନ ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କେଦାର ମହାନ୍ତ, ପପୁ ମହାନ୍ତି, ସରୋଜ ମଲ୍ଲିକ, ଅଜୟ ନାୟକ, ଉମେଶ ରାୟ, ଅଶୋକ ବେହେରା, କାନ୍ଦୁରୁ କିସାନ, ସୁମିତ୍ରା ଛଦିଆ, ଭୁବନାନନ୍ଦ କିସାନ, ସିଂରାୟ ମୁଣ୍ଡା, ମାଳତୀ କିସାନ, ଦେବାକାନ୍ତ ଯଇଶ୍ୱାଲ, ହରି ମହାନ୍ତ, ଦ୍ରୋପଦୀ କିସାନ, ସତୀନ ମହାନ୍ତ, ସିପୁନ ମିଶ୍ର, ରଞ୍ଜିତ ପାତ୍ର, ହେମନ୍ତ ମହାନ୍ତ, ସରୋଜ ମିଶ୍ର, ଅଜୟ କୁମ୍ଭାର, ଅମିତ ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇଥିଲେ। ଶିବିରରେ ସମୁଦାୟ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ରକ୍ତଦାନ ଶିବିର; ୧୦୦ ୟୁନିଟ୍ ସଂଗ୍ରହ



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ତମ ଜନ୍ମ ଦିନରେ ଏକ ରକ୍ତଦାନ ଶିବିରର ଆୟୋଜନ ଆରଜିଏଚର ବ୍ଲଡ୍ ବ୍ୟାଙ୍କରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ଲଡ୍‌ବ୍ୟାଙ୍କ ଡାକ୍ତର, କର୍ମଚାରୀ ଯୋଗଦାନ ଥିଲା। ବିଜେଡିର ନଗର ସଭାପତି ଗଗନ ପଣ୍ଡା, ପ୍ରବକ୍ତା ଜୟନ୍ତ କୁମାର ମିଶ୍ର, ସୁଶନ୍ତ ରାଉତ, ଆଶିଷ ମହାନ୍ତି, ବ୍ରିଜେଶ ମେହେତୋ, ଛବିରାଣୀ ମହାନ୍ତି, ବିଭୂତି ଭୂଷଣ ପୁହାଣ, ଅଭିକ କୁମାର, ମୀନତି ବିଶ୍ୱାଳ, ପିଙ୍କୁ ଜେଶୱାଲ ଏ. ମହାନ୍ତିଙ୍କ ସହ ବିଜେଡିର ବହୁ ନେତା ଓ ସଭ୍ୟ ଯୋଗ ଦେଇଥିଲେ।

### ଉଦିତନଗରରେ ଖୋଲିଲା 'ତନିଷ୍କ'ର ନୂଆ ଶୋ' ରୁମ୍

## ଧନ୍‌ତରେସ ପାଇଁ ବମ୍ପର ଅଫର ଘୋଷଣା



**ରାଉରକେଲା, ୧୬।୧୦(ସମିସ):** ରାଉରକେଲା ସହରର ଉଦିତନଗର ନିକଟ ଉପ ଶ୍ରମ କମିଶନ କାର୍ଯ୍ୟାଳୟ ସମ୍ମୁଖରେ 'ତନିଷ୍କ'ର ନୂଆ ଶୋ' ରୁମ୍ ଆଜି ଉଦଘାଟିତ ହୋଇଯାଇଛି। ୧୦, ୦୦୦ ବର୍ଗ ଫୁଟ ଆକାର ବିଶିଷ୍ଟ ଏହି ରିଟେଲ ଶୋ ରୁମ୍ କୁ ଟାଇଟନ୍ କମ୍ପାନୀ ଲିମିଟେଡର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହା ଗୌରବ କ୍ରିଷ୍ଣା ଉଦଘାଟନ କରିଛନ୍ତି। ଏହି ଅବସରରେ ତନିଷ୍କର ସର୍କଲ ବ୍ୟବସାୟ ପ୍ରବନ୍ଧକ ଅରିନ୍ଦମ ପରମାଣିକ, ରାଉରକେଲା ତନିଷ୍କ ଶୋ'ରୁମର ମାଲିକ ମଞ୍ଜିତ ସିଂହ, ନବପ୍ରିତ୍ ସିଂହ, ବିଶେନ୍ ସିଂହ ଉପସ୍ଥିତ ଥିଲେ। ଧନ୍‌ତରେସର ଅବ୍ୟବହିତ ପୂର୍ବରୁ ରାଉରକେଲା ମେନରୋଡ କଚେରୀ ରୋଡରେ ଖୋଲା ଯାଇଥିବା ଓଡ଼ିଶାର ସର୍ବବୃହତ ତନିଷ୍କ ଶୋରୁମରେ ସୁନା ଓ ହୀରାର ବହୁ ଅତ୍ୟାଧୁନିକ ମନଲୋଭା ଡିଜାଇନର ଅଳଙ୍କାର, ମ୍ରିଗାଙ୍କା, ଗ୍ଲାମଡେଏସ୍, କଲାଇ ଆଦି ଉପଲବ୍ଧ ରହିଛି। ସେପଟେ ଆଉ ଦୁଇ ଦିନ ପରେ ଧନତରେସ ପର୍ବ ଥିବାରୁ ତନିଷ୍କର କର୍ତ୍ତୃପକ୍ଷ ଗ୍ରାହକଙ୍କ ପାଇଁ ଏକ ଆକର୍ଷଣୀୟ ବମ୍ପର ଅଫର ଘୋଷଣା କରିଛନ୍ତି। ପୁରୁଣା ସୁନା ଅଳଙ୍କାର ଏକ୍ସଚେଞ୍ଜ କରି ବିନା କୌଣସି ଡିଡକ୍ସନରେ ପୁରା ଶତ ପ୍ରତିଶତ ସୁନାର ଅଳଙ୍କାର ନେଇ ଯିବାକୁ ଗ୍ରାହକମାନଙ୍କ ପାଇଁ ଘୋଷଣା କରାଯାଇଛି। ଏହାସହ ପ୍ରତି ୧୦ ଗ୍ରାମ୍ ସୁନାଅଳଙ୍କାର କ୍ରୟ କଲେ ୪୫୦ ଟଙ୍କା କ୍ୟାସ ଅଫର ମଧ୍ୟ ଘୋଷଣା କରାଯାଇଛି। ଏହି ଆକର୍ଷଣୀୟ ଅଫର ଆସନ୍ତା ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ସୀମିତ ରହିଛି ବୋଲି ଆଜି ଶୋ ରୁମ୍‌ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହା ଗୌରବ କ୍ରିଷ୍ଣା ଘୋଷଣା କରିଛନ୍ତି। ଏହି ଅବସରରେ ତନିଷ୍କର ସର୍କଲ ବ୍ୟବସାୟ ପ୍ରବନ୍ଧକ ଅରିନ୍ଦମ ପରମାଣିକ କହିଲେ ମାତ୍ର ୧୦୦୦ ବର୍ଗ ଫୁଟର ଏକ ଛୋଟ ଶୋରୁମରୁ ରାଉରକେଲାରେ ଆରମ୍ଭ ହୋଇଥିବା ଏହି ତନିଷ୍କ ଶୋରୁମ ଦୀର୍ଘ ୧୮ ବର୍ଷ ଧରି କେବଳ ରାଉରକେଲା କାହିଁକି ସମଗ୍ର ପଶ୍ଚିମ ଓଡ଼ିଶାରେ ତାର ଗୁଣବତ୍ତା ଓ ବିଶ୍ୱସନୀୟତା ପାଇଁ ଗ୍ରାହକମାନଙ୍କ ପାଖରେ ବେଶ୍ ପ୍ରିୟଭାଜନ ହୋଇପାରିଛି। ରାଉରକେଲା ତନିଷ୍କ ଶୋରୁମର ମାଲିକ ମଞ୍ଜିତ ସିଂହ କହିଲେ ସୁନାଦର ଯେପରି ପ୍ରତିଦିନ ହୁ ହୁ କରି ବଢ଼ିବାରେ ଲାଗିଛି ସେପରିସ୍ଥଳେ ଏକ ସାଧାରଣ ପରିବାର ବାହାଘର ବେଳେ ମନ ଇଚ୍ଛା ଅନୁଯାୟୀ ସୁନା ଅଳଙ୍କାର କ୍ରୟ କରିବା ସମ୍ଭବ ନୁହେଁ। ଏପରି ସ୍ଥଳେ ତନିଷ୍କ ସେହି ବର୍ଗର ଲୋକଙ୍କ ପାଇଁ ଏକ ସୁନ୍ଦର ଅଫର ଭେଟି ଦେବାକୁ ଯାଉଛି। ଜଣେ ବ୍ୟକ୍ତି ମାସକୁ ମାସ ତାଙ୍କର ସାମର୍ଥ୍ୟ ଅନୁଯାୟୀ ସୁନା କ୍ରୟକରି ଶୋ' ରୁମରେ ଜମା କରିପାରିବେ। ୧୦ ମାସ ସୁନା ଜମା କରିବା ପରେ ସମସ୍ତ ସୁନାକୁ ଅଳଙ୍କାର ଭାବେ ନେଇ ପାରିବେ। ଏତଦବ୍ୟତୀତ ୧୦ ମାସର ମୋଟ ଜମା ଅର୍ଥର ୭୫ ପ୍ରତିଶତ ଟଙ୍କା ଗହଣା ନିର୍ମାଣ ବାବଦକୁ ମଧ୍ୟ ପାଇବେ ବୋଲି ରାଉରକେଲା ତନିଷ୍କ'ର ଅଧ୍ୟକ୍ଷ ମଞ୍ଜିତ ସିଂହ ସୂଚନା ଦେଇଛନ୍ତି। ଏହି ଅବସରରେ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ବୁଦ୍ଧାଦିତ୍ୟ ଭୌମିକ, ତନିଷ୍କ ରାଉରକେଲା ଶୋରୁମର ମ୍ୟାନେଜର ବିକ୍ରମ କେଶରୀ ପଟେଲ, ମିଡିଆ ସଂଯୋଜକ ସୁବୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**

**Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025**

**Name of the State: ODISHA**

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-Bailable ii. Non-Bailable<br>iii. Non-Bailable iv. Non-Bailable |
| | b. | Case No. | i. Bargarh Town PS Case No-36/25<br>ii. Bargarh Town PS Case No-37/25<br>iii. Bargarh Town PS Case No-38/25<br>iv. Bargarh Rural PS Case No-11/25 |
| | c. | Name of the Court | All cases are pending in SDJM Bargarh, District Bargarh |
| | d. | Whether charges have been framed or not (Yes/No) | i. No ii. No<br>iii. No iv. No |
| | e. | Date of Conviction, if any | Not Applicable |
| | f. | Details of punishment undergone, if any | Not Applicable |
| | g. | Any other information required to be given | All cases posted for appearance |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents. |

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.................................................................................................................................. and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

**Sd/-**
**DEBIPRASAD MISHRA**
**SENIOR VICE-PRESIDENT,**
**BIJU JANATA DAL, ODISHA**

ସକାଳ
THE SAKALA

# ସମ୍ପାଦକୀୟ



ଗରିବ ଲୋକମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ସେମାନଙ୍କଠାରେ ଉଚ୍ଚାକାଂକ୍ଷାର ଅଭାବ।
-ଆଦାମ୍ ସ୍ମିଥ୍

## ବିକାଶର ଗତି ଅଭିବୃଦ୍ଧି

ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିର ନିରନ୍ତର ବିକାଶ ସଂପର୍କରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ନୋବେଲ ପୁରସ୍କାର ପାଇଥିବା ତିନିଜଣ ଅର୍ଥଶାସ୍ତ୍ରୀଙ୍କ ସଂପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ବା ଆଲୋଚନା ଦାବି କରେ। ସେମାନେ ହେଲେ ଜୋଏଲ୍ ମୋକିର, ପିଟର ହାୱିଟ୍ ଓ ବ୍ରିଟେନର ଫିଲିପ୍ ଆଘିଅାନ୍। ସେମାନଙ୍କୁ ଡିସେମ୍ବର ୧୦ ରେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମୋକିର ଦୁଇଶହ ବର୍ଷର ଇତିହାସ ଉତ୍ସକୁ ଗବେଷଣାର ଆଧାର କରି ନିରନ୍ତର ଅଭିବୃଦ୍ଧି କିଭଳି ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପରିବେଶ ଓ ପରିସ୍ଥିତି ଏଥିସକାଶେ ସୁଯୋଗ ସୃଷ୍ଟି କରିଆସିଛି ତାହା ଦର୍ଶାଇଛନ୍ତି। ଶିଳ୍ପ ବିପ୍ଳବ ପୂର୍ବରୁ ପ୍ରଚଳିତ ପ୍ରଥା ଓ ବିଧି ବ୍ୟବସ୍ଥାରେ ବିଶ୍ୱାସୀ ଜନସମୁଦାୟ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରିନଥିଲେ। ତତ୍କାଳୀନ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଆବିଷ୍କାରର ପ୍ରୟୋଗ ଓ ସଠିକ୍ ବ୍ୟବହାରରେ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମୁକ୍ତ ଚିନ୍ତନ ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ ନୂଆ ବିଚାର ଓ ପରିବର୍ତ୍ତନକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଫିଲିପ ଓ ପିଟର ନିରନ୍ତର ଅଭିବୃଦ୍ଧି ଓ ବିକାଶର ପୃଷ୍ଠଭାଗରେ ଥିବା ପଦ୍ଧତି ଓ ପ୍ରୟୋଗ ଉପରେ ଅନୁଶୀଳନ କରିଛନ୍ତି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଥିବା ଏହି ତିନି ଅର୍ଥଶାସ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ପରସ୍ପରର ପରିପୂରକ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲରେ ସହାୟକ। ୧୯୯୧ ରେ ସେମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧରେ ଯେଉଁ ଗାଣିତକ ସୂତ୍ରର ବିକାଶ କରିଛନ୍ତି ତାହା 'କ୍ରିଏଟିଭ୍ ଡେଷ୍ଟ୍ରକସନ୍' ଉପରେ ଆଧାରିତ।

ଏକଥା ସତ ଯେ ନୂଆ ଉତ୍ପାଦ ଏବଂ ଉଦ୍ଭାବିତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଉତ୍ପାଦନ ଯେତେବେଳେ ବଜାରକୁ ଆସେ ତାହାର ଗ୍ରହଣୀୟତା ପୁରୁଣା ବ୍ୟବସ୍ଥାକୁ ବଦଳାଇବା ସକାଶେ ବାଧ୍ୟବାଧକତା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ନିରନ୍ତର ପ୍ରୟୋଗ ଓ ପ୍ରସାର ଲାଭ କରିଆସିଛି। ତାହାର ପ୍ରଭାବରେ ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିଛି। ଆଲୋଚନା ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରା ବ୍ୟବସ୍ଥାରେ କିଭଳି ଅସନ୍ତୁଳନ ସୃଷ୍ଟି କରିଛି ତାହାର ଉଲ୍ଲେଖ ମଧ୍ୟ ରହିଛି। ବିଶେଷକରି ତାଙ୍କ ଟାରିଫ ନୀତି ଫଳରେ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇଛି। ବିଶ୍ୱ ଉପଭୋକ୍ତାଙ୍କ ନିକଟରେ ନୂଆ ଉତ୍ପାଦ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶିକ୍ଷା ଓ ଗବେଷଣା ବ୍ୟାହତ ହେଲା ଭଳି ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶ ଏକ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବ ବୋଲି ଦର୍ଶାଯାଇଛି। ସେମାନେ ଯୁକ୍ତିଛଳରେ କହିଛନ୍ତି ଯେ ଗବେଷଣା ପ୍ରସୂତ ଜ୍ଞାନକୌଶଳ ଉପଯୋଗ କରିବାକୁ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଉ। ନିଜ ଦେଶରେ ତାହାର ଉତ୍ପାଦନ ପାଇଁ ୟୁନିଟ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନାହିଁ। ଆମେରିକାର ବିଚାରଗତ ପରିବର୍ତ୍ତନକୁ ସେମାନେ ନାପସନ୍ଦ କରିଛନ୍ତି।

ପ୍ରଚଳିତ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ନୂତନ ନକ୍ସା ପ୍ରସ୍ତୁତ କରିବାରେ ନୋବଲ ପୁରସ୍କାର ବିଜେତା ଏହି ତିନି ଅର୍ଥଶାସ୍ତ୍ରୀଙ୍କ ଗବେଷଣାମୂଳକ ତଥ୍ୟ ଓ ଅନୁଧ୍ୟାନ ନିଶ୍ଚୟ ସହାୟକ ହେବ। ଆମେରିକା ଓ ଚୀନର ଅଗ୍ରଗତି ପଛରେ ଥିବା ପଦ୍ଧତି ଓ ବିଚାରଗତ ନିଷ୍ପତ୍ତିକୁ ୟୁରୋପୀୟ ରାଷ୍ଟ୍ର ଅନୁଶୀଳନ ନ କଲେ ସେମାନେ ଅନ୍ୟମାନଙ୍କ ପଶ୍ଚାତଧାବନ କରିବାର ବାଧ୍ୟବାଧକତା ସୃଷ୍ଟି ହେବ। ସେମାନଙ୍କ ଗବେଷଣା ଓ ଅନୁଶୀଳନ ହେଉଛି ସଂଗୃହୀତ ଐତିହାସିକ ପୃଷ୍ଠଭୂମି। ତେଣୁ ବିଜେତାମାନଙ୍କ ପୁରସ୍କାର ବାବଦରେ ମିଳିବାକୁ ଥିବା ୧୦୨ ନିୟୁତ ଡଲାରର ଅର୍ଦ୍ଧେକ ରାଶି ମୋକିର ଓ ଅବଶିଷ୍ଟ ଅର୍ଥ ଦୁଇଜଣ ଅର୍ଥଶାସ୍ତ୍ରୀ ପାଇବେ।

## ଅଶାନ୍ତ ସହର ଓ ଜନପଦ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଲାଣି। ଲଗାମବିହୀନ ଆପରାଧିକ ତତ୍ତ୍ୱ ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଭିଆଇ ପୁଲିସର ପାରିବାର ପଣିଆକୁ ଖୋଲା ଆହ୍ୱାନ ଦେଇଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ପରିଲକ୍ଷିତ ଅପରାଧ ପାଇଁ କ୍ଷମତା କେନ୍ଦ୍ର କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି। ରାଜଧାନୀ ରାଜ୍ୟର ପ୍ରତିଛବି। କ୍ଷମତାରେ ଯିଏ ଥାଉନା କାହିଁକି ସେ ନିଶ୍ଚୟ ପରିସ୍ଥିତି ପ୍ରତି ସଜାଗ ଓ ସତର୍କ ରହିବାକୁ ପଡ଼ିବ। ଏକ୍ଷେତ୍ରରେ ସୁଦକ୍ଷ ଓ ସମର୍ଥ ଅଧିକାରୀଙ୍କ ନିପୁଣତା ଉପରେ କ୍ଷମତା ନିର୍ଭରଶୀଳ ରହିବା ସ୍ୱାଭାବିକ। ଯେତେବେଳେ ରାଜନୈତିକ ବାଛବିଚାର ଏକ୍ଷେତ୍ରରେ ପରିଲକ୍ଷିତ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଥୟ। ସଂପ୍ରତି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଶାସନଗତ ଅପରିପକ୍ୱତା ଓ ଅନଭିଜ୍ଞତା ବାରି ହୋଇପଡୁଛି। ନିଜ ଲୋକ ଓ ପାଖଲୋକ ବିଚାରରେ ଅବସ୍ଥାପିତ ଅଧିକାରୀ ପୋଷା ଯାଇଥିବା ସୁରକ୍ଷା ବଳୟରେ ଥିବା ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାରେ କିଛି ଅସ୍ୱାଭାବିକତା ନାହିଁ। ରାଜଧାନୀରେ ଅପରାଧତତ୍ତ୍ୱଙ୍କ କାର୍ଯ୍ୟକଳାପରୁ ଏହା ଅନ୍ତତଃ ପ୍ରମାଣିତ ହୋଇଛି।

ଗତ ସୋମବାର ପରିଲକ୍ଷିତ ଆପରାଧିକ କାର୍ଯ୍ୟକଳାପରୁ ଅସାମାଜିକଙ୍କ ନିଡରୁଆପଣ ବାରି ହୋଇପଡୁଛି। ଭୁବନେଶ୍ୱରର ସହରତଳି ଅଞ୍ଚଳ ସଂପ୍ରତି ଅପରାଧତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେମାନେ କ୍ରମାଗତ ଭାବେ ନିର୍ବାଧରେ ଅପରାଧ ଭିଆଇ ଚାଲିଛନ୍ତି। କଥା କଥାକେ ସେମାନେ ବନ୍ଧୁକ ଉଠାଉଛନ୍ତି। ବେଆଇନ ମାରଣାସ୍ତ୍ର ଚାଲାଣରେ ସଂପୃକ୍ତ ବିହାରୀ ଅପରାଧୀଙ୍କ ଉପରେ କଟକଣା ପ୍ରୟୋଗ କରାଯାଇପାରୁ ନଥିବାରୁ ଛୋଟକାଟର ଅପରାଧୀଙ୍କ ହାତରେ ମଧ୍ୟ ବନ୍ଧୁକ ରହିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁ ଦାଣ୍ଡରେ ଏମଏସ୍‌ରେ କାର୍ଯ୍ୟରତ ସୁଧାଂଶୁ ଖଣ୍ଡିଆଙ୍କୁ ଅଫିସ ଯିବା ବାଟରେ ଅପରାଧୀ ୫ ରାଉଣ୍ଡ ଗୁଳି ଚଳାଇ ହତ୍ୟା କଲେ। ସକାଳ ୮ ଟାର ଘଟଣା, ଜନଗହଳି ରାସ୍ତାରେ କେତେ ନିଡରୁଆ ହେଲେ ଏପ୍ରକାର ଅପରାଧ ଜଣେ ଭିଆଇ ପାରିବ! ଏହା ନିଶ୍ଚୟ ଚିନ୍ତାଜନକ। ଏହାର ପୃଷ୍ଠଭାଗରେ ପାରିବାରିକ ଜମି ବିବାଦ ଥିଲେ ମଧ୍ୟ ଦିବାଲୋକରେ ଗୁଳିମାଡ଼ କିଛି ଛୋଟ ଘଟଣା ନୁହେଁ। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୂନକୋଳି ବସ୍ତିରେ କିଛି ଦୁର୍ବୃତ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଠିକ୍ ସପ୍ତାହକ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମରେ ମଧ୍ୟ ଗୁଳିକାଣ୍ଡ ଘଟିଥିଲା। ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ହେଲା, ଟ୍ରେନରେ ରାଜଧାନୀକୁ ଆସିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଷ୍ଟେସନ୍ ବାହାରେ ଅଟୋକୁ ଅପେକ୍ଷା କରିଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲୁହାରଡରେ ପିଟି ମୋବାଇଲ ଛଡ଼ାଇ ନେଇଛନ୍ତି। ଇଏ ହେଲା ଠିକେ ଠିକେ କିଛି ଦିନର ରାଜଧାନୀ ଅପରାଧତତ୍ତ୍ୱଙ୍କ କାରନାମା।

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ହେଉ କି ଚୌଦ୍ୱାର ଜେଲର ସୁରକ୍ଷାବଳୟରୁ ୨ ଜଣ ବିହାର ଅପରାଧୀ ଚମ୍ପଟ ମାରିବା ଭଳି ଖବର ସହ ରାଜ୍ୟରେ ପୁଲିସ ଏସଆଇ ନିଯୁକ୍ତି ପଛରେ ବିପୁଳ ଆର୍ଥିକ କାରବାରକୁ ସଂଯୋଗ କରିଦେଲେ ମନେ ହେବ ସବୁକିଛି ଠିକ୍ ଠାକ୍ ଚାଲିନି। ଚୌଦ୍ୱାର କାରାଗାର ସଂପର୍କରେ ଜେଲ ଡିଆଇଜିଙ୍କ ରିପୋର୍ଟକୁ ଅନୁଶୀଳନ କଲେ ଅସୁରକ୍ଷିତ ବାତାବରଣ ନେଇ ସରକାରଙ୍କ ଅସହାୟତା ବାରି ହୋଇ ପଡ଼ିବ। ଏହା ଶାସନଗତ ଅକ୍ଷମତା ଓ ଅପାରଗତାର ନିଦର୍ଶନ କୁହାଯାଇ ପାରେ।

# ଭାରତ-ମଙ୍ଗୋଲିଆ ସମ୍ପର୍କ: ସହଯୋଗର ନୂତନ ଦିଗ

**ଡକ୍ଟର ସୁଶାନ୍ତ କୁମାର ପରିଡ଼ା**




ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ମଙ୍ଗୋଲିଆ ଅନେକ ମାଇଲ ଦୂରରେ ଅବସ୍ଥିତ। ତେଣୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରେ ମାନସିକ କିମ୍ବା ସାଂସ୍କୃତିକ ସଂଯୋଗ କମ୍ ଥିବ। କିନ୍ତୁ ଇତିହାସ ଅନ୍ୟ କିଛି କହେ। ଏହି ଦୁଇ ଦେଶର ସମ୍ପର୍କର ଭିତ୍ତି ରହିଛି ଧର୍ମ ଓ ଦର୍ଶନରେ, ବିଶେଷକରି ବୌଦ୍ଧଧର୍ମରେ। ଏହି ଆଧ୍ୟାତ୍ମିକ ଯୋଗ ଏବେ ଆସି ୭୦ ବର୍ଷର ରାଜନୈତିକ ଯାତ୍ରାରେ ରଣନୈତିକ ସହଯୋଗର ଆକାର ନେଇଛି। ଚଳିତ ମାସ ଅକ୍ଟୋବର ୧୩ ରୁ ୧୬ ପର୍ଯ୍ୟନ୍ତ ମଙ୍ଗୋଲିଆର ରାଷ୍ଟ୍ରପତି ଉଖନା ଖୁରେଲସୁଖଙ୍କ ଭାରତ ଭ୍ରମଣ ଏହି ଦୀର୍ଘସମ୍ପର୍କରେ ଏକ ନୂଆ ଅଧ୍ୟାୟ ଲେଖିଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଶିକ୍ଷା, ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ସଂସ୍କୃତି, ଖଣିଜ ଓ ସୁରକ୍ଷା ସହଯୋଗରେ ନୂତନ ପଥ ଖୋଲିଛି। ଏଥିରୁ ଜଣାଯାଉଛି ଯେ ସମ୍ପର୍କ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଏବେ ବହୁବିଧ ଦ୍ୱିପାକ୍ଷିକ ସହଯୋଗର ନୂଆ ଅଧ୍ୟାୟ ଗଢ଼ିବାକୁ ଯାଉଛି।

ଭାରତ-ମଙ୍ଗୋଲିଆକୁ ବାନ୍ଧି ରଖିଥିବା ଆତ୍ମିକ ସେତୁ ହେଉଛି ବୌଦ୍ଧ ଧର୍ମ। ଭାରତରୁ ଉତ୍ପତ୍ତି ବୌଦ୍ଧ ଧର୍ମ ମଙ୍ଗୋଲିଆର ଆତ୍ମାର ଅଂଶ। ଆଜି ମଧ୍ୟ ମଙ୍ଗୋଲିଆର ଅଧିକାଂଶ ଜନତା ବୌଦ୍ଧ ଧର୍ମାନୁସାରୀ ଏବଂ ଭାରତର ବୌଦ୍ଧ ପବିତ୍ର ସ୍ଥଳୀମାନଙ୍କୁ ନିଜ ସଂସ୍କୃତିର ଅଂଶ ଭାବେ ସମ୍ମାନ କରନ୍ତି। ଗୌତମ ବୁଦ୍ଧଙ୍କ ଦୁଇ ଶିଷ୍ୟ ସାରିପୁତ୍ତ ଓ ମୌଦ ଗଲାୟାନଙ୍କ ପବିତ୍ର ଅସ୍ଥି ଅବଶେଷ ୨୦୨୬ରେ ମଙ୍ଗୋଲିଆକୁ ପଠାଯିବାର ଯୋଜନା ରହିଛି। ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିକୁ ଆହୁରି ସୁଦୃଢ଼ କରୁଛି।

ମଙ୍ଗୋଲିଆ ଚୀନ୍ ଓ ରୁଷିଆ ମଧ୍ୟରେ ଅବସ୍ଥିତ ଏକ ଭୂ-ଆବଦ୍ଧ ଦେଶ। ଏହାର ଭୌଗୋଳିକ ସ୍ଥିତି ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଚୀନ୍ ମଙ୍ଗୋଲିଆର ସର୍ବାଧିକ ବ୍ୟବସାୟିକ ସାଥୀ ହେଲେ ମଧ୍ୟ ମଙ୍ଗୋଲିଆର ବିଦେଶ ନୀତି - 'ଥାର୍ଡ ନେଇବର' (ତୃତୀୟ ପଡ଼ୋଶୀ) ମାଧ୍ୟମରେ ଭାରତ, ଜାପାନ ଓ ଆମେରିକା ଭଳି ଦେଶମାନଙ୍କ ସହ ସମତୁଳିତ ସମ୍ପର୍କ ଗଢ଼ିବାକୁ ଚାହୁଁଛି। ଭାରତ ପାଇଁ ମଙ୍ଗୋଲିଆ ଉତ୍ତର-ଏସିଆର ପ୍ରବେଶ ଦ୍ୱାର, ଯେଉଁଠି ରାଜନୈତିକ ସଂଲଗ୍ନତା ଓ ରଣନୀତିକ ସମତୁଳନ ଏକାଧାରରେ ଚାଲିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି' ଓ 'କନେକ୍ଟ ସେଣ୍ଟ୍ରାଲ୍ ଏସିଆ' ନୀତି ମଙ୍ଗୋଲିଆର ବୈଦେଶିକ ନୀତି ସହ ସାମଞ୍ଜସ୍ୟ ରଖେ। ଏହି ଭାବେ ଦୁଇଦେଶ ମିଳିତ ଭାବରେ ଏକ ଶାନ୍ତିପୂର୍ଣ୍ଣ ଓ ବହୁଧ୍ରୁବୀୟ ଏସିଆ ଗଢ଼ିବା ଦିଗରେ ବ୍ରତୀ ଅଛନ୍ତି। ଉତ୍ତର-ଏସିଆରେ ନିଜ ଉପସ୍ଥିତି ଜାହିର କରିବା ଏବଂ ଚୀନ୍‌କୈନ୍ଦ୍ରିକ ରାଜନୈତିକ ଆଧିପତ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିହତ କରିବା ଦିଗରେ ଭାରତ ପାଇଁ ଏହା ଏକ ସୁଯୋଗ।

ଭାରତ-ମଙ୍ଗୋଲିଆ ସମ୍ପର୍କର ସବୁଠାରୁ ପ୍ରତୀକାତ୍ମକ ଅଭିନବ ପ୍ରକଳ୍ପ ହେଉଛି ଡର୍ନୋଗୋଭି ତୈଳ ବିଶୋଧନାଗାର, ଯାହା ଭାରତର ୧.୭ ବିଲିୟନ୍ ଡଲାର ଲାଇନ୍ ଅଫ୍ କ୍ରେଡିଟ୍‌ରେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୨୮ ରେ ସମାପ୍ତ ହେଲେ, ମଙ୍ଗୋଲିଆ ପାଇଁ ଏହା ଉର୍ଜା ସ୍ୱାଧୀନତାର ପ୍ରଥମ ପଦକ୍ଷେପ ହେବ। ଚୀନ୍ ଓ ରୁଷିଆ ଉପରେ ନିର୍ଭରଶୀଳତାରୁ ମୁକ୍ତ ହୋଇ ଅର୍ଥନୈତିକ ସ୍ୱତନ୍ତ୍ରତା ମିଳିବ। ଏହାସହିତ, ଦୁଇ ଦେଶ ଡିଜିଟାଲ ଟେକ୍ନୋଲୋଜି, ଶିକ୍ଷା, ଖଣିଜ ସମ୍ପଦ ଓ ପୁନର୍ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିଛନ୍ତି। ଭାରତୀୟ ଆଇଟି କମ୍ପାନୀ ଓ ଶିକ୍ଷା ସଂସ୍ଥାଗୁଡ଼ିକ ମଙ୍ଗୋଲିଆରେ ନିଜ ଉପସ୍ଥିତି ବୃଦ୍ଧି କରୁଛନ୍ତି, ଯାହା 'ଡିଜିଟାଲ ଡିପ୍ଲୋମେସି'ର ନୂତନ ଆକାର।

୨୦୦୪ ଠାରୁ ଚାଲୁଥିବା 'ନୋମାଡିକ୍ ଏଲିଫାଣ୍ଟ'ଯୁକ୍ତ ସେନା ଅଭ୍ୟାସ ଭାରତ-ମଙ୍ଗୋଲିଆ ରକ୍ଷା ସମ୍ପର୍କର ଭିତ୍ତିସ୍ତମ୍ଭ। ୨୦୨୫ର ସଂସ୍କରଣରେ ସାଇବର ସୁରକ୍ଷା ଓ ସୀମା ବଳ ପ୍ରଶିକ୍ଷଣକୁ ଯୋଡ଼ାଯାଇଛି। ଭାରତ ମଙ୍ଗୋଲିଆନ ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ଆରମ୍ଭ କରିଛି, ଯାହା ଆଧ୍ୟାତ୍ମିକ ପର୍ଯ୍ୟଟନ, ଶିକ୍ଷା ଓ ଲୋକସଂଯୋଗକୁ ବଢ଼ାଇବ। ଲଦାଖ ସ୍ୱୟଂଶାସିତ ପରିଷଦ ଓ ମଙ୍ଗୋଲିଆର ଆରଖାଙ୍ଗାଇ ପ୍ରାନ୍ତ ମଧ୍ୟରେ ହୋଇଥିବା ବୌଦ୍ଧ ସାଂସ୍କୃତିକ ସହଯୋଗ ଦୁଇ ଦେଶର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କକୁ ଆହୁରି ନିବିଡ଼ କରୁଛି। ଏହା ଏକ ଜନକୈନ୍ଦ୍ରିକ କୂଟନୀତି, ଯେଉଁଠି ମାନବିକ ସମ୍ପର୍କ ବୈଦେଶିକ ରଣନୀତିକୁ ଶକ୍ତି ଦେଉଛି।

ଆଞ୍ଚଳିକ ପରିପ୍ରେକ୍ଷାପଟରେ ଭାରତ-ମଙ୍ଗୋଲିଆ ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରେ। ଚୀନ୍ ଯେପରି ଏସିଆରେ ନିଜ ପ୍ରଭାବକ୍ଷେତ୍ର ବିସ୍ତାର କରୁଛି ଏବଂ ରୁଷିଆ ଏକ ପୁରୁଣା ସାମ୍ରାଜ୍ୟ ଭାବେ ନିଜ ସ୍ଥାନ ରକ୍ଷା କରୁଛି, ସେହି ଦୃଷ୍ଟିରୁ ଭାରତ-ମଙ୍ଗୋଲିଆ ସମ୍ପର୍କ ଏକ ଶାନ୍ତି ଆଧାରିତ ରଣନୈତିକ ବିକଳ୍ପ ଭାବେ ଆତ୍ମପ୍ରକାଶ କରିଛି। ଭାରତ ଏକ ବିଶ୍ୱାସଯୋଗ୍ୟ ଗଣତାନ୍ତ୍ରିକ ସହଯୋଗୀ ଭାବେ ଉତ୍ତର-ଏସିଆରେ ନୂତନ ନେତୃତ୍ୱ ନେଉଛି, ଯେଉଁଠି ମଙ୍ଗୋଲିଆ ସହ ଆଧ୍ୟାତ୍ମିକ ସଂଯୋଗ ରଣନୀତିକ ସମ୍ପର୍କକୁ ଗଭୀର କରୁଛି। କିପରି ଧର୍ମ, ଦର୍ଶନ ଓ ରାଜନୀତି ଏକସଙ୍ଗରେ ଚାଲିପାରେ, ଭାରତ-ମଙ୍ଗୋଲିଆ ସମ୍ପର୍କ ତାହାର ଏକ ଉତ୍ତମ ଉଦାହରଣ। ଏହି ସମ୍ପର୍କ ଭାରତର ବସୁଧୈବ କୁଟୁମ୍ବକମ୍ ଦୃଷ୍ଟିକୋଣର ପ୍ରତୀକ, ଯେଉଁଠି ଆଧ୍ୟାତ୍ମିକ ମୂଲ୍ୟ ଓ ରଣନୀତିକ ବାସ୍ତବତା ଏକ ସାଧାରଣ ସୂତ୍ରରେ ଗଢ଼ିଉଠିଛି। ୭୦ ବର୍ଷର ଏହି ସମ୍ପର୍କ ଭାରତ ଓ ମଙ୍ଗୋଲିଆ ପାଇଁ କେବଳ ଇତିହାସ ନୁହେଁ, ଭବିଷ୍ୟତ ସଂକଳ୍ପର ଭିତ୍ତି।

ମଙ୍ଗୋଲିଆ-ଭାରତ ସମ୍ପର୍କର ନୂତନ ପରିଚୟ କେବଳ ରାଜନୈତିକ କିମ୍ବା ଆର୍ଥିକ ସଂଯୋଗରେ ସୀମିତ ନୁହେଁ। ଏହା ଭୌଗୋଳିକ ସମତୁଳନ, ଆଧ୍ୟାତ୍ମିକ ଶକ୍ତି, ଉର୍ଜା ଓ ଅର୍ଥନୀତିକ ସହଯୋଗ, ସୁରକ୍ଷା ଓ ସାଂସ୍କୃତିକ ସଂଯୋଗର ସମ୍ମିଳିତ ରୂପ। ମଙ୍ଗୋଲିଆ ଛୋଟ ଦେଶ ହେଲେ ମଧ୍ୟ ତାଙ୍କର ସ୍ଥାନ, ସାମରିକ ଶକ୍ତି ଓ ସାଂସ୍କୃତିକ ପରମ୍ପରା ଭାରତ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ସଂଯୋଗର ନୂତନ ଅଧ୍ୟାୟ ଏକ ପ୍ରତୀକ ଯେ ଛୋଟ ଦେଶ ମଧ୍ୟ ଜ୍ଞାନ, ସଂସ୍କୃତି, ଧର୍ମ ଓ ରଣନୀତିକ ସମର୍ଥନ ମାଧ୍ୟମରେ ବିଶ୍ୱରେ ମହତ୍ତ୍ୱ ରଖିପାରିବ। ଏହି ସମ୍ପର୍କ ଦୃଢ଼ ରହିଲେ, ଏକ ଛୋଟ ଦେଶ ମଧ୍ୟ ମହାଶକ୍ତି ସହିତ ସମାନ ଭାବରେ ଆଲୋଚିତ ହୋଇପାରିବ।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା),
ମୋ: ୯୪୩୭୨୧୦୪୫୮

# ଗଣତନ୍ତ୍ର ଓ ଗଣଚେତନା

**ଡ ଚନ୍ଦ୍ରକଳା ନାୟକ**




ଦୁଇଶହ ବର୍ଷ ତଳେ ସଂଗଠିତ ଫରାସୀ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ପ୍ରତିଷ୍ଠା। ସାରା ପୃଥିବୀରେ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଗଣତନ୍ତ୍ର ଶାସନରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳ ଲକ୍ଷ୍ୟ।

ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଗଣତନ୍ତ୍ର ସେତେ ସୁଦୃଢ଼। ଦୋଷଗୁଣ, କାର୍ଯ୍ୟକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା, ସଚ୍ଚୋଟପଣିଆ ଓ ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟରଙ୍କ କର୍ତ୍ତବ୍ୟ। ଆମ ଦେଶର ଅଭିଜ୍ଞତାରୁ ମନେ ହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୁସୁମ ଚିଲିକା ମାଛ' ପରି ସ୍ୱପ୍ନିଳ।

ଯେଉଁ ଦେଶର ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଆସିଛନ୍ତି। ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଗଣତନ୍ତ୍ର ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ ପ୍ରପୀଡ଼ିତ ବ୍ୟବସ୍ଥା କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ କାମୁଡ଼ି ଧରିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ବଦଳିଗଲା। ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ଓ ଯାବତୀୟ ଆନୁସଙ୍ଗିକ ଅସମାନତାକୁ ଦୂର କରିବାର ସେହି ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା। କେବଳ କ୍ଷମତା ଲୋଭରେ ଜନପ୍ରତିନିଧି ହେବାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ମିଛ ପ୍ରତିଶ୍ରୁତି ଛାଡ଼ି, ଧନ ଆଶ୍ରୟ ନେଇ, ଲୋକଙ୍କୁ ଭୟ ଦେଖାଇ, ଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଆରମ୍ଭ ହୋଇଗଲା।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ଅପପ୍ରଚାରର ହିଁ ଜୟ ହୁଏ। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ସଜ ମାଛରେ ବି ପୋକ ପକାଇପାରିବେ। ତା' ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜ ହାତରେ କ୍ଷମତା ପାଇ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ମାଙ୍କଡ଼ ଓ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ ଚାଲିଛି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ଜଳକା ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ 'ବାଉଁଶରାଣୀ'ର ଖେଳ ପରି ଦିଗ ପରିବର୍ତ୍ତନ ବି କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର। ବ୍ୟବଧାନ କେବଳ ସମୟ। ଯେଉଁ ଲୋକପ୍ରତିନିଧି କିଛି ଅର୍ଥ, ଉପହାର, ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣିଥାଏ ସେହି ପ୍ରତିନିଧି କିପରି ସଚ୍ଚୋଟପଣିଆକୁ ଆପଣେଇ ପାରିବ ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ?

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ନିଜେ ହିଁ ଦାୟୀ। ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରୁଛି। ଗଣଶିକ୍ଷା ଓ ଗଣଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା।

(ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ)
ଛତିଆ, ମୋ: ୯୪୩୭ ୯୫୭ ୭୧୭

# ପୁତନା ମନ୍ଦିର

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପୌରାଣିକ କଥା ଅନୁସାରେ ପୁତନା ପୂର୍ବଜନ୍ମରେ ଦାନବୀର ରାଜା ବଳିଙ୍କ ପୁତ୍ରୀ ରତ୍ନମାଳା ଭାବେ ଜନ୍ମ ନେଇଥିଲେ। ବଳି ବଧ ପାଇଁ ଶ୍ରୀବିଷ୍ଣୁ ଗ୍ରହଣ କରିଥିବା ବାମନ ଅବତାର ଦର୍ଶନ କରି ତାଙ୍କୁ ପୁତ୍ର ଭାବେ ପ୍ରାପ୍ତ କରିବା ପାଇଁ ରତ୍ନମାଳା ବରଦାନ ମାଗିଥିଲେ। ରତ୍ନମାଳାଙ୍କ ବାତ୍ସଲ୍ୟ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ ଯେ, ଦ୍ୱାପର ଯୁଗରେ ସେ ବାଳକୃଷ୍ଣଙ୍କ ମାତା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ ପୁତନା କିଛିକ୍ଷଣ ପାଇଁ ବାଳକୃଷ୍ଣଙ୍କୁ ମାତା ଭାବେ ସ୍ତନ୍ୟପାନ କରାଇବାର ସୁଯୋଗ ଲାଭ କରିଥିଲେ।

ଦ୍ୱାପର ଯୁଗରେ ବାଳକୃଷ୍ଣଙ୍କୁ ବଧ କରିବା କଂସ ପୁତନା ନାମ୍ନୀ ରାକ୍ଷସୀକୁ ଗୋପପୁର ପଠାଇଥିଲା। ପୁତନା ରୂପସୀର ଛଦ୍ମବେଶ ଧାରଣ କରି ଆସିଥିଲା। ଶ୍ରୀକୃଷ୍ଣଙ୍କୁ ମର୍ତ୍ତ୍ୟମଣ୍ଡଳରେ ଦର୍ଶନ କରିବା ସହିତ ବାଳକୃଷ୍ଣଙ୍କୁ ସ୍ତନ୍ୟପାନ କରିବାକୁ ସୁଯୋଗ ଦେବାକୁ ସେ ମାତା ଯଶୋଦାଙ୍କୁ ଅନୁରୋଧ କଲେ। ମାତା ଯଶୋଦା ବାଳକୃଷ୍ଣଙ୍କୁ ପୁତନାଙ୍କ କୋଳକୁ ଦେଇଥିଲେ। ପୁତନା ତାଙ୍କ ସ୍ତନରେ ଥିବା କାଳକୂଟ ବିଷ ଦ୍ୱାରା ବାଳକୃଷ୍ଣଙ୍କ ବଧ କରିବେ ବୋଲି ଯୋଜନା କରିଥିଲେ। କିନ୍ତୁ ବାଳକୃଷ୍ଣ କ୍ଷୀର ସହ ପୁତନାଙ୍କ ପ୍ରାଣ ହରଣ କରି ନେଲେ। ଏହାପରେ ରାକ୍ଷସୀ ପୁତନା ଚିତ୍କାର କରି ନିଜ ବିକଟାଳ ରୂପ ଧାରଣ କରି ମୃତ୍ୟୁବରଣ କଲେ। ଗୋପପୁରବାସୀ ଏହା ଦେଖିବା ପରେ ଭୟଭୀତ ହେବା ସହିତ ବାଳକୃଷ୍ଣଙ୍କୁ ପୁତନାଙ୍କ ଛାତି ଉପରୁ ଉଠାଇ ଆଣିଲେ ଏବଂ ପୁତନାଙ୍କ ଦାହ ସଂସ୍କାର କରିଥିଲେ। ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇଥିବାରୁ ସଂସ୍କାର ସମୟରେ ପୁତନାଙ୍କ ଶରୀରରୁ ଚନ୍ଦନର ସୁଗନ୍ଧ ବାହାରିଥିଲା। ତେଣୁ ପୁତନାଙ୍କୁ ଗୋପବାସୀ ଦେବୀତୁଲ୍ୟ ବିଚାର କରିଥିଲେ। ଯେଉଁ ସ୍ଥାନରେ ପୁତନା ମୋକ୍ଷ ଲାଭ କରିଥିଲେ, ସେହି ସ୍ଥାନରେ ପୁତନାଙ୍କ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରରେ ବର୍ତ୍ତମାନ ସମୟରେ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶେଷ ଭାବେ ସନ୍ତାନମାନଙ୍କର ମଙ୍ଗଳକାମନା କରି ସେଠାରେ ପୁତନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥା'ନ୍ତି।

ଉତ୍ତରପ୍ରଦେଶର ମଥୁରା(ଗୋପପୁର) ଅନ୍ତର୍ଗତ ମହାବନ୍ ଅଞ୍ଚଳରେ ପୁତନା ମନ୍ଦିର ଅଛି। ଏଠାରେ ରାକ୍ଷସୀ ରୂପରେ ପୁତନାଙ୍କର ଏକ ବିଶାଳ ଶୟନମୁଦ୍ରାର ପ୍ରତିମା ରହିଛି, ଯାହାର ଛାତି ଉପରେ ବାଳକୃଷ୍ଣ ସ୍ତନ୍ୟପାନ କରୁଥିବା ଦେଖାଯାଏ। ସେଠାରେ ପୁତନାଙ୍କୁ ମା' ରୂପରେ ପୂଜା କରାଯାଉଛି। ଯମୁନା ତଟବର୍ତ୍ତୀ ଏହି ମନ୍ଦିର 'ପୁତନା ଉଦ୍ଧାର ସ୍ଥଳ' ଭାବେ ମଧ୍ୟ ପରିଚିତ। ପଶ୍ଚିମବଙ୍ଗ ଅଞ୍ଚଳରେ ଅନ୍ୟ ଏକ ପୁତନା ମନ୍ଦିର ରହିଥିଲେ ମଧ୍ୟ ମଥୁରାର ପୁତନା ମନ୍ଦିରକୁ ମୁଖ୍ୟ ମନ୍ଦିରର ମାନ୍ୟତା ମିଳିଛି। ପଶ୍ଚିମବଙ୍ଗର ହୁଗୁଳିଠାରେ ଥିବା ପୁତନା ମନ୍ଦିରକୁ 'ରାକ୍ଷସୀବାଡ଼ି' କୁହାଯାଏ। ଏଠାରେ ରାଧାକୃଷ୍ଣଙ୍କ ସହିତ ପୁତନାଙ୍କର ମୂର୍ତ୍ତି ପୂଜା ପାଇଥା'ନ୍ତି। ଅଧିକାରୀ ପରିବାରର ବହୁ ପୁରୁଣା ଘରେ ସ୍ଥିତ ଏହି ମନ୍ଦିରରେ କ୍ରମାଗତ ଚାରିପିଢ଼ି ଧରି ପୂଜା କରି ଆସୁଛନ୍ତି। ଏହି ମନ୍ଦିରରେ ମଧ୍ୟ ସନ୍ତାନମାନଙ୍କ କଲ୍ୟାଣାର୍ଥେ ପୂଜାର୍ଚ୍ଚନା କରାଯାଏ।

ଏତଦ୍‌ବ୍ୟତୀତ ଭାରତୀୟ ଚିକିତ୍ସା ପଦ୍ଧତି ଅନ୍ତର୍ଗତ କେତେକ ଗ୍ରନ୍ଥ ଓ ସୁଶ୍ରୁତ ସଂହିତାରେ ପୁତନାଙ୍କୁ କଳାବର୍ଣ୍ଣଯୁକ୍ତ, ବଡ଼ ଓ ଖୋଲା ପାଟି, ଆଗକୁ ବାହାରିଥିବା ଆସୁରିକ ଦାନ୍ତଯୁକ୍ତ, ଖୋଲା କେଶ, ମଇଳା ବସ୍ତ୍ର ପରିଧାନଯୁକ୍ତ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ଭଙ୍ଗାଘରେ ରହୁଥିବା ଶିଶୁରୋଗ ସୃଷ୍ଟିକାରୀ ଦୁଷ୍ଟ ମାତୃକାଗଣ ଓ ଗ୍ରାହିଣୀ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ପୁତନାଙ୍କ ଉଦ୍ଦେଶ୍ୟରେ ଗୋବର, ମାଛ, ଚାଉଳରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପେଡ଼ା ହୋଇଥିବା ତେଲ ଓ ମଦିରା ଅର୍ପଣ କରି ଶିଶୁରୋଗ ମୁକ୍ତ କରିବା ପାଇଁ ଅନେକ ସ୍ତୁତି, ଶ୍ଳୋକ ଓ ପୂଜପଦ୍ଧତି ରହିଛି। ଆୟୁର୍ବେଦର ଏକ ଶାଖା 'କୁମାର ତନ୍ତ୍ର' ଅନୁସାରେ ଶିଶୁଙ୍କୁ ଦୁଗ୍ଧ ସମ୍ବନ୍ଧୀୟ ରୋଗର ଚିକିତ୍ସା ନିମନ୍ତେ ପୁତନାଙ୍କ ଉଦ୍ଦେଶ୍ୟରେ ସ୍ତୁତିପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'କୁମାରତନ୍ତ୍ର'ରେ ଉଲ୍ଲେଖ ଅଛି ଯେ, ଶିଶୁକୁ ଜନ୍ମର ତୃତୀୟ ଦିନ କିମ୍ବା ତୃତୀୟ ମାସ କିମ୍ବା ତୃତୀୟ ବର୍ଷ ଯାହା କିଛି ରୋଗ ହୁଏ, ତାହା କେବଳ ପୁତନା ଗ୍ରାହିଣୀ ପାଇଁ ହୋଇଥାଏ। ତେଣୁ ଆୟୁର୍ବେଦୀୟ ଅନୁଷ୍ଠାନ ଦ୍ୱାରା ପୁତନାଙ୍କ ପୂଜା କରି ଶିଶୁକୁ ରୋଗମୁକ୍ତ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଲିସର ବେପରୁଆ ପାର୍କିଂ ନେଲା ୨ ଜୀବନ

ବାହାନଗା, ୧୬।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ପୁଲିସର ବେପରୁଆ କାର୍ଯ୍ୟ ପାଇଁ ଆଜି ୨ଟି ଜୀବନ ଅକାଳରେ ଝରିପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ଲାଗି ଥାନା ସମ୍ମୁଖରେ ପୁଲିସ ଜବତ ଗାଡ଼ି ପାର୍କିଂ କରୁଥିବାରୁ ଆଜି ଏପରି ଏକ ଅଘଟଣ ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଖନ୍ତାପଡ଼ା ଥାନା ପରିସରରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ପୁଲିସ ବିଭିନ୍ନ ସମୟରେ ଜବତ କରୁଥିବା ଦୁର୍ଘଟଣାଗ୍ରସ୍ତ ଏବଂ ଚୋରା ଲଘୁ ଖଣିଜ

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ ସଂକଟାପନ୍ନ

ପଦାର୍ଥ ପରିବହନ ଗାଡ଼ିଗୁଡ଼ିକୁ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଛିଡ଼ା କରୁଛି। ଏପରିସ୍ଥଳେ ଗତ ୧୪ତାରିଖରେ ୨ଟି ବାଲି ଡମ୍ପର୍ ଏବଂ ଗୋଟିଏ ଟ୍ରାକ୍ଟର୍‌କୁ ଜବତ କରି ଥାନା ସମ୍ମୁଖ ରାସ୍ତା ଉପରେ ରଖିଥିଲା। ପୁରୀ ବୁଲିବାକୁ ଆସିଥିବା ପୂର୍ବମେଦିନୀପୁର ଅଞ୍ଚଳର ୪ଜଣ ଆଜି ଦିନ ପ୍ରାୟ ୧୧ଟାରେ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଉକ୍ତ ଡମ୍ପର୍‌କୁ ସେମାନଙ୍କ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକ ଏବଂ ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଛି। ପୁଲିସ ଶବଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସର ବେପରୁଆ ପାର୍କିଂ ପାଇଁ ୨ଜଣଙ୍କ ଜୀବନ ଯାଇଥିବାରୁ ସାଧାରଣରେ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# 'ଲଢ଼େଇ' ରିଲିଜ୍‌ରେ ସେନସର୍ ରୋକ୍

ଭୁବନେଶ୍ୱର, ୧୬।୧୦ (ସମିସ): ନବାଗତ ଅଭିନେତାଙ୍କୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଲଢ଼େଇ'ର ରିଲିଜ୍‌କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଅଧୀନ ଓଡ଼ିଶା ସେନସର୍ ବୋର୍ଡ ସ୍ଥଗିତ କରିଛି। ଦୀପାବଳି ଉପଲକ୍ଷେ

- ସମୀକ୍ଷା ପାଇଁ ମୁମ୍ବାଇ ପଠାଗଲା
- ପକ୍ଷପାତ ଅଭିଯୋଗ ଆଣିଲେ ପ୍ରଯୋଜକ, ନିର୍ଦ୍ଦେଶକ

ଆସନ୍ତାକାଲି ଅର୍ଥାତ୍ ୧୭ତାରିଖରେ ରିଲିଜ୍ ହେବାକୁ ଥିବା ଏହି ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନସର୍ ବୋର୍ଡ ଏହାକୁ 'ଏ' ବର୍ଗର ସାର୍ଟିଫିକେଟ୍ ନ ଦେବା ସହ ଏହାର ସମୀକ୍ଷା ପାଇଁ ମୁମ୍ବାଇ ପଠାଇଛି। ଫଳରେ ସିନେମାର ରିଲିଜ୍ ସ୍ଥଗିତ ରହିଥିବା ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିନେମାର ମୁକ୍ତିଲାଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସେନସର୍ ବୋର୍ଡର ଏହି ନିଷ୍ପତ୍ତି ଦର୍ଶକଙ୍କୁ ନିରାଶ କରିଛି ବୋଲି କହିଛନ୍ତି ପ୍ରଯୋଜକ ଦେବାଶିଷ ପଟ୍ଟନାୟକ।

ସେ କହିଛନ୍ତି, ନିକଟ ଅତୀତରେ ମୁକ୍ତିଲାଭ କରିଥିବା 'ଆନିମଲ୍' ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ହିଂସାତ୍ମକ ଦୃଶ୍ୟ ରହିଛି। ଅତ୍ୟଧିକ ହିଂସା ଦୃଶ୍ୟ ଥିବା ସତ୍ତ୍ୱେ ହିନ୍ଦୀ, ତେଲୁଗୁ, କନ୍ନଡ଼ ଆଦି ଚଳଚ୍ଚିତ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ



ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍‌ରୁ ଅନୁମତି ପାଇଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ଚଳଚ୍ଚିତ୍ରଗୁଡ଼ିକ ଆମ ରାଜ୍ୟର ଦର୍ଶକଙ୍କଠାରୁ କୋଟିକୋଟି ଟଙ୍କା ଆୟ ମଧ୍ୟ କରିଛନ୍ତି। ହେଲେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ ଓଡ଼ିଆ ସିନେମା 'ଲଢ଼େଇ'କୁ 'ଏ' ବର୍ଗର ସାର୍ଟିଫିକେଟ୍ ନଦେଇ ସମୀକ୍ଷା ପାଇଁ ମୁମ୍ବାଇ ପଠାଇ ଦିଆଯିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କୁ ଆଶ୍ଚର୍ଯ୍ୟ ଓ ନିରାଶ କରିଛି।

ନିର୍ଦ୍ଦେଶକ ଅଶୋକ ପତି ପ୍ରଶ୍ନ କରିଛନ୍ତି ଯେ ହିନ୍ଦୀ, କନ୍ନଡ଼, ତେଲୁଗୁ ସିନେମା ଅତ୍ୟଧିକ ହିଂସା ଦୃଶ୍ୟ ଥାଇ ମଧ୍ୟ କିପରି ଓଡ଼ିଶାରେ ସେହି ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତି ପାଇ ପ୍ରଦର୍ଶିତ ହୋଇପାରୁଛି। ଏପରି ପକ୍ଷପାତିତା ଯୋଗୁଁ ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗିଯାଉଛି ବୋଲି ବିଶିଷ୍ଟ ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି।

ବରିଷ୍ଠ ସାମ୍ବାଦିକ, ସିନେସମୀକ୍ଷକ ଏବଂ ଜାତୀୟ ମିଡିଆ ଫାଉଣ୍ଡେସନ୍ (ଏନଏମଏଫ୍)ର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ସଂସ୍ଥା ଭାରତ ବର୍ଷରେ ସେନ୍ସର୍ ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ। କାରଣ ଭେଦଭାବ ଓଡ଼ିଆ ପ୍ରଯୋଜକଙ୍କୁ କ୍ଷତି ପହଞ୍ଚାଇବ। ତେବେ 'ଲଢ଼େଇ' ନିର୍ଦ୍ଧାରିତ ସମୟରେ ମୁକ୍ତିଲାଭ କରିପାରୁନଥିବାରୁ ପ୍ରଯୋଜକ ଏଥିପାଇଁ ଦର୍ଶକଙ୍କୁ କ୍ଷମା ମାଗିଛନ୍ତି।

# ନିଯୁକ୍ତି ଆବେଦନ ପାଇଁ ଫି' ଦେବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୫।୧୦ (ସମିସ): ନିଯୁକ୍ତି ପାଇଁ ଆବେଦନ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଣିକି ଫି' ଦେବାକୁ ପଡ଼ିବ। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ଫି' ନିର୍ଦ୍ଧାରଣ

- ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି
- ପରୀକ୍ଷାରେ ଉପସ୍ଥିତ ରହିଲେ ଫି' ଫେରସ୍ତ
- ଏସ୍‌ସି/ଏସ୍‌ଟି ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା
- ପରୀକ୍ଷା ପରିଚାଳନାରେ ସଂସ୍କାର ପାଇଁ ପଦକ୍ଷେପ

କରାଯିବ। ତେବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗ ସହ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ଫି' ଦେଇଥିବା ପ୍ରାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଲେ, ତାଙ୍କ ଫି' ଫେରସ୍ତ କରାଯିବ। ଏନେଇ ଏକ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ କରୁଥିବା ବହୁ ଆଶାୟୀ ପରୀକ୍ଷା ଦେଉନାହାନ୍ତି। ଏପରିକି, ଅଧାରୁ ଅଧିକ ପ୍ରାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଏପରି ଖାମଖିଆଲ ମନୋଭାବ ରଖି ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମନ୍ଥର ହେଉଛି। ପରୀକ୍ଷା ବ୍ୟବସ୍ଥା କରିବାକୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ହେଉଥିବା ବେଳେ ଏହା ସମୟସାପେକ୍ଷ ମଧ୍ୟ। ତେଣୁ ଆବେଦନ ସମୟରେ ଫି' ଲାଗୁ ହେଲେ ଏସବୁ ସମସ୍ୟାରେ ସୁଧାର ଆସିପାରିବ। ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କୁ କୌଣସି ଆର୍ଥିକ ବୋଝ ରହିବ ନାହିଁ। ପରୀକ୍ଷାରେ ଉପସ୍ଥିତ ରହିଲେ ଶତପ୍ରତିଶତ ଫି' ଫେରସ୍ତ କରାଯିବ। ଆବେଦନ କରି ପରୀକ୍ଷା ଦେଉ ନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି' ଫେରସ୍ତ କରାଯିବ ନାହିଁ ବୋଲି କୁହାଯାଉଛି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ସମେତ ଅନ୍ୟ ସମସ୍ତ ସଂସ୍ଥା ଏହି ଆଧାରରେ ଫି' ନିର୍ଦ୍ଧାରଣ କରି ବିଜ୍ଞପ୍ତି ପ୍ରକାଶ କରିବେ।

ପୂର୍ବରୁ ପରୀକ୍ଷା ସଂସ୍କାର ପାଇଁ ଏକକ ମାର୍ଗଦର୍ଶିକା ଜାରି ହୋଇଥିବା ବେଳେ ଏହି ଗେଜେଟ୍ ବିଜ୍ଞପ୍ତି ଆଶାୟୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ଗତ ଜାନୁଆରୀରୁ ସାଧାରଣ ସ୍ନାତକ ପିଲାଙ୍କ ପାଇଁ କୌଣସି ନିଯୁକ୍ତି ବାହାରି ନଥିବାରୁ ଏବେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା ବାନ୍ଧିଛନ୍ତି। ବିଶେଷକରି, ଦୀର୍ଘଦିନରୁ ଅପେକ୍ଷିତ ଥିବା ଓଡ଼ିଶା ସିଜିଏଲ୍, ଏଏସ୍‌ଓ, ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, କମ୍ୟୁନିକେସନ୍ କନେଷ୍ଟବଲ ଓ ଜେଇଏ ପରି ପଦରେ ନିଯୁକ୍ତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶାୟୀମାନେ ଆଶା ବାନ୍ଧିଛନ୍ତି।

# ଏକାଧିକ ଥର ଟ୍ରାଫିକ୍ ନିୟମ ଭାଙ୍ଗିଲେ ଗାଡ଼ି ବ୍ଲାକ୍ ଲିଷ୍ଟ

ଭୁବନେଶ୍ୱର,୧୬।୧୦(ସମିସ): ଏକାଧିକ ଥର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକ ଏବେ ସାବାଡ଼ ହେବେ। ସେମାନଙ୍କୁ ଖୋଜି ଖୋଜି ଚିହ୍ନଟ କରି ବ୍ଲାକ୍ ଲିଷ୍ଟ କରିବ ଟ୍ରାଫିକ୍ ପୁଲିସ। ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦହେବ ଗାଡ଼ି ରେଜିଷ୍ଟ୍ରେସନ୍ ନମ୍ବର। ଏଭଳି ୨୫୮ଟି ଗାଡ଼ିକୁ ଚିହ୍ନଟ କରିଛି କମିଶନରେଟ ଟ୍ରାଫିକ୍ ପୁଲିସ। ୨୫୮ଟି ଗାଡ଼ିର ରେଜିଷ୍ଟ୍ରେସନ୍ ନମ୍ବର, ଫିଟ୍‌ନେସ୍ ସାର୍ଟିଫିକେଟ ରଦ୍ଦ ପାଇଁ ପରିବହନ ବିଭାଗକୁ ଚିଠି ଲେଖିଛି। ଏହି ଚିଠି ଆଧାରରେ ଖୁବ୍‌ଶୀଘ୍ର ଚିହ୍ନଟ ଗାଡ଼ିର ରେଜିଷ୍ଟ୍ରେସନ ନମ୍ବର ରଦ୍ଦ କରାଯିବ।

- ନିୟମ ଭାଙ୍ଗିଥିବା ୨୫୮ ଗାଡ଼ିକୁ ଚିହ୍ନଟ କଲା ଟ୍ରାଫିକ୍ ପୁଲିସ
- ରେଜିଷ୍ଟ୍ରେସନ୍ ନମ୍ବର ରଦ୍ଦ ପାଇଁ ପରିବହନ ବିଭାଗକୁ ଚିଠି

ରାସ୍ତାରେ ଅମାନିଆ ଗାଡ଼ି ଚାଳକଙ୍କ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଅନେକ ଲୋକଙ୍କ ଜୀବନ ଯାଉଛି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ରାଜ୍ୟରେ ହାରାହାରି ୫ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ଯେଉଁଥିପାଇଁ ଅନେକ ପରିବାର ଛାରଖାର ହେଉଛି। ଏବେ ଏସବୁରେ ରୋକ ଲଗାଇବା ପାଇଁ ଟ୍ରାଫିକ୍ ପୁଲିସ ଅଭିନବ ବ୍ୟବସ୍ଥା ଆରମ୍ଭ କରିଛି। ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଅମାନିଆଙ୍କୁ ଚିହ୍ନଟ କରି ପୁଲିସ ଅନ୍‌ଲାଇନ୍‌ରେ ଚାଲାଣ କାଟୁଥିଲେ। କିନ୍ତୁ ତାହା ସେମାନଙ୍କ ଉପରେ କିଛି ବି ପ୍ରଭାବ ପକାଇ ପାରୁ ନ ଥିଲା। ଗୋଟିଏ ଗାଡ଼ି ଉପରେ ୨୦ରୁ ଅଧିକ ଚାଲାଣ ରହିଛି। ସେମାନେ ନା ଜରିମାନା ପୈଠ କରୁଛନ୍ତି ନା ଟ୍ରାଫିକ୍ ନିୟମ ମାନୁଛନ୍ତି। ଖୁଲମ୍‌ଖୁଲା ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଅନ୍ୟମାନଙ୍କୁ ଅସୁବିଧାରେ ପକାଉଛନ୍ତି। ଯାହାଫଳରେ ସହରରେ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଏସବୁରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଏଥର କମିଶନରେଟ ପୁଲିସ ଅଣ୍ଟା ଭିଡ଼ିଛି।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାର ଶୂନ୍ୟ: ବିଜେଡି

ଭୁବନେଶ୍ୱର୧୬।୧୦(ସମିସ): ଗୁରବାର ନୂଆପଡାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହୋଇଛି; ଚିରାଚରିତ ଢଙ୍ଗରେ ସେ କେବଳ ଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ ବୋଲି କହିଛି ବିଜେଡି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଆଜି ମନୋନୟନ ପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା ; କିନ୍ତୁ ତାହା ହୋଇ ପାରିଲା ନାହିଁ। ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ । ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାର ଶୂନ୍ୟ ଥିଲା। କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନଥିଲା। ପ୍ରବାଦ ପୁରୁଷ ବିଜୁ ବାବୁ

- ଗତ ୧୬ ମାସରେ ଡବଲ ଇଞ୍ଜିନ ସରକାର ଫେଲ ମାରିଛି
- ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ହତାଶଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି
- ହୋଇ ପାରିଲାନି ବିଜେପି ପ୍ରାର୍ଥୀଙ୍କ ମନୋନୟନ ପତ୍ର ଦାଖଲ

ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡା ଜିଲ୍ଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା। ସେହିପରି ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି। ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତିକରଣକୁ ସେ ଅଞ୍ଚଳରେ ଦୃଢ କରିଥିଲେ। ଏହା ଦ୍ୱାରା ସେଠାରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ଅନୁପାତ ୧୦୨୦କୁ ବୃଦ୍ଧି ପାଇଥିଲା । ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଡ. ମହାନ୍ତି ଦୃଢୋକ୍ତି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ପର୍ଯ୍ୟନ୍ତ...

ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନବୀନ ମଧ୍ୟ ସେମାନଙ୍କୁ ନିରାଶ କରି ନ ଥିଲେ। ଚିରାଚରିତ ଭାବେ ମୁହଁରେ ସ୍ମିତହାସ୍ୟ ସହ ହାତ ହଲାଇ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ ନବୀନ। ଆୟୋଜିତ ସଭାରେ ନବୀନ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଉପସ୍ଥିତ ଛୋଟଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ।

ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ ,ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟର ମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗତ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ଏହା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ଗ୍ରାମରେ...

କେକ୍ କାଟିଥିଲେ। ପିଲାମାନେ ମଧ୍ୟ ନିଜ ପ୍ରିୟ ମଣିଷ, ଜୀବନର ଆଦର୍ଶଙ୍କୁ ପାଖରେ ପାଇ ଅଭିଭୂତ ହୋଇଥିଲେ। ପିଲାଙ୍କ ସହ ଜନ୍ମଦିନ ପାଳନ କରି ମୁଁ ବହୁତ ଖୁସି ବୋଲି ନବୀନ କହିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ସହ ଜୀବନରେ ଭଲ ମଣିଷ ହେବାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏସଓଏସ ଶିଶୁ ଗ୍ରାମରେ ନବୀନ ଏବଂ ଛୋଟ ପିଲାମାନଙ୍କ ଏହି ଯୁଗଳବନ୍ଦୀ ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚା ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଭୁବନେଶ୍ୱର ଏସଓଏସ ଶିଶୁ ଗ୍ରାମରେ ନବୀନ ପହଞ୍ଚିବା ମାତ୍ରେ ପିଲାମାନେ ନବୀନଙ୍କୁ ଘେରି ଯାଇଥିଲେ। ନବୀନଙ୍କ ଜନ୍ମଦିନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଫଟୋଚିତ୍ର, କାର୍ଡ ଏବଂ ବିଭିନ୍ନ ହାତଲେଖା ଶୁଭେଚ୍ଛା ବାର୍ତ୍ତା ନବୀନଙ୍କୁ ପ୍ରଦାନ କରିଥିଲେ। ନବୀନ ମଧ୍ୟ ସେମାନଙ୍କୁ ଚକୋଲେଟ ସହ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କେକକୁ ନବୀନ କାଟିବା ସହ ନିଜର ୭୯ତମ ଜନ୍ମଦିନ ପାଳନ କରିଥିଲେ ନବୀନ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ସହ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନଙ୍କ ଗସ୍ତ ନେଇ ଏସଓଏସର ନିର୍ଦ୍ଦେଶକ ଅବିନାଶ ହୋତା କହିଛନ୍ତି ଯେ ନବୀନ ସାର୍‌ଙ୍କ ଗସ୍ତ ସୂଚନା ପାଇବା ପରେ ପିଲାମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡ଼ିଥିଲେ। ନିଜ ପ୍ରିୟ ମଣିଷଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ସେମାନେ ସ୍ୱତପ୍ରବୃତ୍ତ ଭାବେ ନିଜକୁ ପ୍ରସ୍ତୁତ କରିଥିଲେ। ସାର୍‌ଙ୍କ ଆଶୀର୍ବାଦ ସବୁବେଳେ ପିଲାମାନଙ୍କ ଉପରେ ଏମିତି ରହିଥାଉ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ସୁଅ ଛୁଟିଛି। ନବୀନ ୭୯ ତମ ଜନ୍ମ ଦିନରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଫୋନ୍ ଯୋଗେ ନବୀନଙ୍କ ସହ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସରେ ଉଲ୍ଲେଖ କରି ନବୀନଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ନବୀନଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହିତ ମହାପ୍ରଭୁଙ୍କ ପାଖରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହାସହିତ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଜୁଏଲ୍ ଓରାମଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଅନ୍ୟ ବହୁ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040 ତା. 12.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ. - 01) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
| --- | --- |
| ତା.24.10.2025 ରିଖ 1200 ଘଟିକାରେ | ତା.04.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-135/CI/25-26

**AFFIDAVIT**

By virtue of an Affidavit before Notary Public, Malkangiri, I, **Deepa Majhi**, aged about 20 years, W/o.: Binod Majhi,D/o.: Nepal Saha resident of Village: M.V.23, PO.: Mariwada, P.S: Korukanda, Dist: Malkangiri, Odisha-764045, declare by this Affidavit No.: 2069/2025, Dated: 16.10.2025 that I have changed my name from Deepa Saha to **Deepa Majhi**. Henceforth I shall be known as **Deepa Majhi** for all future purposes.

**AFFIDAVIT**

I, Kuntala Kumari Dash, W/o- Nrusinha Prasad Das, Resident of At/PO: Old LIC Building, Pujariput, Koraput, Koraput, Dist.: Koraput, Odisha, PIN-764020, declared by this Affidavit No:1215/2025 Dated: 16.10.2025. That now onwards I shall be known as **KUNTALA KUMARI DAS** for all future Purposes.

**AFFIDAVIT**

By virtue of an Affidavit before the Executive Magistrate, Bhadrak, Affidavit No-2721, dated 15.10.2025, I Krushna Chandar Das, Resident of Vill- Padhuan, P.S-Basudevpur, Dist- Bhadrak, Odisha - 756125 declare that I have Changed my name from Bablu Das to Krushna Chandar Das. Henceforth I shall be known as KRUSHNA CHANDAR DAS for all future purposes.

**KRUSHNA CHANDAR DAS**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Parmashwari, W/o- Lalit Bhatter, At- Traffic Square, P.O. Baripada, Dist- Mayurbhanj (Odisha), declare by affidavit No- 1096, dated 15/10/25, that now onwards I shall be known as **Parmashwari Bhatter** for all future purposes.

**NAME CHANGE**

**By virtue of an Affidavit sworn before Executive Magistrate, Bhubaneswar CF.NO. 52, on Dated 15.10.2025, I, UMARANI MOHAPATRA, W/o Balaram Mohapatra, permanent resident of At- Rasika, Po- Rajaloka, Ps- Jharpokharia, Dist- Mayurbhanj, Odisha, Pin- 757086 declare that I have changed my name from UMAMANI MOHAPATRA (Old Name) to UMARANI MOHAPATRA (New Name). Henceforth, I shall be known as UMARANI MOHAPATRA for all future purposes.**

**Sd- (UMARANI MOHAPATRA)**

**AFFIDAVIT**

By virtue of an affidavit no. 2625, dtd. 15.10.2025 before the Executive Magistrate, Phulbani, Dist.- Kandhamal, I, Amiya Kanhar, At-Pabingia, Po- Pabingia, Ps-Phiringia, District- Kandhamal, Odisha, Pin-762011 have changed my minor son's name from Ankiti Kanhar to Ankit Kanhar. Henceforth he will be known as **Ankit Kanhar** for all purposes.

**Sd/- Amiya Kanhar**

**AFFIDAVIT**

By virtue of an affidavit C.F.NO - 92, dated on 06.08.2025 in the court of the Executive Magistrate Bhubaneswar , Address Nayagarh Dist : Nayagarh. I Rajalaxmi Panda have changed my name from Laxmi Priya Panda to Rajalaxmi Panda . Hence Forth he will be known as Rajalaxmi Panda instead of Laxmi Priya Panda for all purposes.

**Sd/- Rajalaxmi Panda**

**SALE**

1 Number of TATA INTRA V-30 HD (SCV) / 2023, Registration No.- OD-01-AT-6551, Model- 2023, ENGINE NO – 15CR09HWXSA1170, CHASSIS NO - MAT535348PYH37249, For Details, contact- 9437560894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE - 756001, PH. NO- 06782-266657

**AFFIDAVIT**

I, Abhisek Tripathy, S/o. Ashok Kumar Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31 Bhubaneswar-751010, Dist - Khordha, Odisha declare by this Affidavit No. 52, dtd.13.10.2025, that now onwards I shall be known as **ABHISHEK TRIPATHY** for all future purposes.

**AFFIDAVIT**

I, Papuna Khan, S/o- Late Rasid Khan, resident of At- Gayabandha, Po- Damanabhumi, Ps- Jankia, Dist- Khordha, PIN- 752020, Odisha declared by this affidavit No. 566, dtd- 15/10/2025 that now onwards I shall be known as **PAPUN KHAN** for all future purposes.

**AFFIDAVIT**

By virtue of an affidavit Sl. No. 2626, dtd. 15.10.2025 in the court of the Executive Magistrate, Phulbani, Dist.- Kandhamal, I, Samanta Kanhar, At- Ladadi, Po- Jajespanga, Ps.- Phiringia, Dist.- Kandhamal - 762011 have changed my minor daughter's name from Lovely Kanhar to Pallabi Kanhar. Henceforth she will be known as Pallabi Kanhar for all purposes.

**Sd/- Samanta Kanhar**

**AFFIDAVIT**

I, Satyasikha Tripathy, W/o. Sri Abhishek Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31, Bhubaneswar-751010, Dist - Khordha, Odisha declare by this Affidavit No. 53, dtd.13.10.2025, that now onwards I shall be known as **SATYASHIKHA TRIPATHY** for all future purposes.

**AFFIDAVIT**

I, Subhakant Swain, S/o- Ashok Kumar Swain, resident of Plot No- 367/3293, Flat no-B-202, 2nd Floor, Sishu Vihar, Infocity, Kalarahanga, Dist- Khurda PIN-751024, Odisha declared by this affidavit No-838, dtd- 15/10/2025 that now onwards I shall be known as **SUBHAKANTA SWAIN** for all future purposes

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 2102, dtd. 16/10/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Ananda Barman**, aged about 42 years, S/o.: Basudeb Barman, resident of Village: M.V.28, PO.: Kamwada, P.S: Korukanda, Dist: Malkangiri, Odisha, declare by this Affidavit No.: 12456/2025, Dated: 16.10.2025 that I have changed my name from Anand Barman to **Ananda Barman**. Henceforth I shall be known as **Ananda Barman** for all future purposes.

**ବିଜ୍ଞପ୍ତି**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (SEIAA) ଓଡ଼ିଶା, ଭୁବନେଶ୍ୱର, EC ପରିଚୟ ନମ୍ବର EC25C3801OR5555677N ତା. 14.10.2025 ଅନୁଯାୟୀ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଓଡ଼ିଶାରେ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ଗ୍ରାମ: କୁଲା, ଜିଲ୍ଲା: ସୁନ୍ଦରଗଡ଼ରେ ଅବସ୍ଥିତ 38256.69 ବର୍ଗମିଟର (9.45 ଏକର) ପ୍ଲଟ୍ ଅଞ୍ଚଳ ଉପରେ G+3 ରୁଙ୍ଗଟା ଆବାସିକ କଲୋନୀ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ଏହି ମଞ୍ଜୁରୀର ଏକ କିତା ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ, ଭୁବନେଶ୍ୱର କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ପରିବେଶ ପୋର୍ଟାଲ୍ (www.parivesh.nic.in) ୱେବସାଇଟ୍ ରେ ମଧ୍ୟ ଦେଖାଯାଇପାରିବ । ପରିବେଶ ମଞ୍ଜୁରୀ ପତ୍ରର ଏକ କିତା ନକଲ କମ୍ପାନୀର ୱେବସାଇଟ୍ ଅର୍ଥାତ୍ www.rungtamines.com ରେ ମଧ୍ୟ ଉପଲବ୍ଧ ।

**LOST**

I, **Rakesh Kumar Biswal,** aged about 36 years, S/o Maheswar Biswal, resident of At- Bhagabat Sandhan, Laxmisagar, Po- Budheswari Colony, Ps- Laxmisagar, Bhubaneswar, Dist: Khordha, PIN- 751006, Odisha declare that on dtd. 13/10/2025, while I was coming from Laxmi Sagar market area to my resident at 6.50 am, I have lost the Sale Deed bearing No. 4180, dtd- 06/04/2005 and ROR of the schedule of property under Mouza Godagopinathprasad, Bhubaneswar Sahar Unit No.37, bearing Khata No. 423/1216, Plot No. 1210/2031/2627 & Plot No. 1210/1988/2628, 1210/1990/2626, pervious owner name Rabindra Kumar Mishra from my custody along with other documents which was kept in my hand bag somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim within 7 days from the date of publication and after that the documents will lose its legal force and we will not be responsible for any claim what-so-ever on the property after 5 days.

**Advocate: Debabrata Padhy**
**Mob: 9040778197**

**NAME CHANGE**

By virtue of an affidavit sworn before the Executive Magistrate, Astarang, CF. No. 2299, on dated 13/10/2025, I **JAYAKRUSHNA ROUT**, S/o Sarbeswar Rout, resident of Village At- Nanapur, Po- Jhadaling, Ps - Astarang, Dist- Puri, State- Odisha, declare that I have changed my name from **JAYAKRISHNA ROUT** (Old Name) to **JAYAKRUSHNA ROUT** (New Name). Henceforth, I shall be known as **JAYAKRUSHNA ROUT** for all future purposes.

(Sd- **JAYAKRUSHNA ROUT**)

**muthoot MICROFIN** A Muthoot Pappachan Group Company

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍

ସି ଆଇ ଏନ:L65190MH1992PLC066228

ରେଜିଷ୍ଟର୍ଡ କାର୍ଯ୍ୟାଳୟ: ୧୩ ତମ ମହଲା, ପାରିନୀ କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର - ୪୦୦୦୫୧

ପ୍ରଶାସନିକ କାର୍ଯ୍ୟାଳୟ: ୫ମ ମହଲା, ମୁଥୁଟ୍ ଟାୱାର, ଏମ୍.ଜି. ରୋଡ୍, କୋଚି, କେରଳ – ୬୮୨ ୦୩୫

ଟେଲିଫୋନ୍: +୯୧-୪୮୪-୪୨୭୭୫୦୦;ଫ୍ୟାକ୍ସ: +୯୧-୪୮୪-୨୩୫୧୪୯୪;ଇମେଲ: info@muthootmicrofin.com

**ଶାଖା ବନ୍ଦ ଏବଂ ମିଶ୍ରଣ ପାଇଁ ସାଧାରଣ ସୂଚନା - ରେଜି.**

ଏହା କମ୍ପାନୀର ଗ୍ରାହକ, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (MML) ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ କାର୍ଯ୍ୟକ୍ଷମ ସୁବିଧା ଏବଂ ନିରନ୍ତର ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ, ଏହି ସୂଚନାର ତିନି (3) ମାସ ପରେ, ଓଡ଼ିଶା ରାଜ୍ୟ ମଧ୍ୟରେ ଏହାର ତିନୋଟି (3) ଶାଖାକୁ ବନ୍ଦ କରି ରାଜ୍ୟର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଥିବା MMLର ବିଦ୍ୟମାନ ଶାଖା ସହିତ ମିଶ୍ରଣ କରାଯିବ ଏବଂ ଏହି ଶାଖାଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଯାଉଛି:

| ନଂ | ବନ୍ଦ ଶାଖା (ପୁରୁଣା ଠିକଣା) | ସ୍ଥାନାନ୍ତର ଶାଖା (ନୂତନ ଠିକଣା) |
| --- | --- | --- |
| ୧ | [illegible] | [illegible] |
| ୨ | [illegible] | [illegible] |
| ୩ | [illegible] | [illegible] |

ବନ୍ଦ/ସ୍ଥାନାନ୍ତରର କାର୍ଯ୍ୟକାରୀ ତାରିଖ: 17/01/2026

ଉପରୋକ୍ତ ବନ୍ଦ ଶାଖାର ସମସ୍ତ ଗ୍ରାହକ ଆକାଉଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମ୍ପୃକ୍ତ ସ୍ଥାନାନ୍ତର ଶାଖାକୁ ସ୍ଥାନାନ୍ତରିତ ହୋଇଯିବ, ଯାହା ପ୍ରତି ଗ୍ରାହକଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଅଧିକ ସହାୟତା ପାଇଁ, ଦୟାକରି ଆମର ସରକାରୀ ୱେବସାଇଟ୍ www.muthootmicrofin.com ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର ୧୮୦୦ ୧୦୨୭ ୬୩୧ ରେ ଡାଏଲ୍ କରନ୍ତୁ କିମ୍ବା info@muthootmicrofin.com ରେ ଆମକୁ ଇମେଲ୍ କରନ୍ତୁ କିମ୍ବା ଆପଣଙ୍କର ନିକଟସ୍ଥ ଏମଏମଏଲ ଶାଖା ପରିଦର୍ଶନ କରନ୍ତୁ।

ସ୍ଥାନ: ଓଡ଼ିଶା
ତାରିଖ: 17/10/2025

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ପାଇଁ
ସହି/-
ଥୋମାସ ମୁଥୁଟ୍
ନିର୍ଦ୍ଦେଶକ (ଡି ଆଇ ଏନ: ୦୦୦୮୨୦୫୫)

**AFFIDAVIT**

By virtue of an affidavit sworn before the Executive Magistrate, Angul, dated:16.10.2025, I, **Smrutiranjan Jena,** S/o: Late Dillip Jena, Permanent/Current Address resident At: Badabahal, PO.: Kumurisingha, PS.: Angul Sadar, Dist.: Angul, Odisha- 759129 declare that I have changed my name from **"Sruti Ranjan Jena"** to Smrutiranjan Jena. Henceforth I shall be know as **Smrutiranjan Jena** for all purposes.

# ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




## ଗାନ୍ଧୀ ନଗର କ୍ଲଷ୍ଟର

**ଝାରସୁଗୁଡ଼ା, ୧୬।୧୦(ସମିସ)**

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗାନ୍ଧୀ ନଗର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲିମାଳ କ୍ଲଷ୍ଟର ଅଧୀନ ୯ଟି ବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବେଲପାହାଡ଼ ମ୍ୟୁନିସିପାଲିଟି ଅଧୀନ ୱାର୍ଡ ନଂ୧ର ୱାର୍ଡ ମେମ୍ବର ଆର୍ଜିନା ବେଗମ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ଼ ମ୍ୟୁନିସିପାଲିଟି ଅଫିସର ଭାଇସ ଚେୟାରମ୍ୟାନ ଗୀତା ସୁନା ଏବଂ ବିଦ୍ୟାଳୟର ଏସଏମସି ସଭାପତି ସୁନିତା ବାପ ମୁଖ୍ୟ ଅତିଥି ଭାବେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଅମୂଲ୍ୟ କୁମାର ମଲ୍ଲିକ ଏବଂ ବିଦ୍ୟାଳୟର ସରକାରୀ ଶିକ୍ଷକ ବିଜୟ କୁମାର ଭୋଇ ଏହାକୁ ପରିଚାଳନା କରିଥିଲେ। ଗାନ୍ଧୀନଗର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତା ରାଣୀ ଦାସଙ୍କ ସମେତ ପରମେଶ୍ୱରୀ ଚୌହାନ, ସରୋଜିନୀ ସା, ଗୀତାଞ୍ଜଳି ଦୁଙ୍ଗର ସମେତ କ୍ଲଷ୍ଟର ସ୍ଥିତ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ଝାରସୁଗୁଡ଼ା:** ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ସରପଞ୍ଚ ଆରତି ପ୍ରଧାନ, ମୁଖ୍ୟ ବକ୍ତା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ ପଟେଲ, ସଭାପତି ଅଧକ୍ଷା ସଙ୍ଗୀତା ସାହୁ, ସମ୍ମାନିତ ଅତିଥି ଭାବେ ଲଖନପୁର ସିଆରସିସି ଘନଶ୍ୟାମ ଗଡ଼ତିଆ, ପ୍ରଧାନଶିକ୍ଷକ ଉମାକାନ୍ତ ନେଗି, ଅନିରୁଦ୍ଧ ଡନସେନା, କ୍ଷିତି ଭୂଷଣ ପ୍ରଧାନ, ହେମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗଦୀଶ ତନ୍ତି, ସବିତା ତାଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ଗଦାଧର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୨ ବିଦ୍ୟାଳୟରୁ ପ୍ରଥମରୁ +୨ ପର୍ଯ୍ୟନ୍ତ ପ୍ରାୟ ୨୨୫ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରତିଯୋଗିତାର ପରିଚାଳନା କରିଥିଲେ। ସିଆରସିସି ଘନଶ୍ୟାମ ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଆରତୀ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମସାଗର ଚୌଧୁରୀ, ଦାମୋଦର ବଡ଼େଇ, ସଙ୍ଗୀତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ମୁରଲିଧର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲଖନପୁର କ୍ଲଷ୍ଟରର ଦାମୋଦର ଧୁଆ, ହେମାନନ୍ଦ ଖଣ୍ଡା, ଗଦାଧର ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ସବ୍ୟସାଚୀ ବିଶ୍ୱାଳ, ସବିତା ତାଣ୍ଡିଆ, ପ୍ରଭାସିନୀ ସାହୁ, ଭଗବାନ ପସାୟତ, ରାହୁଲ ପ୍ରଧାନ, ଗୋପାଳ ସାହୁ, ସୁମନ୍ତ ସାଗର, କ୍ଷୀରୋଦ ଭୋଇ, ଅଶୋକ ସାହୁ, ଉତ୍ତମ ବାଣୀ, ସନ୍ଧ୍ୟାରାଣୀ କଣ୍ଟା, କିଶୋରୀ ମାଝୀ, ସବ୍ୟସାଚୀ ବୁଢ଼ୁଲା, ଦିପକ ସାହୁ, ରେଣୁକା ପ୍ରଧାନ, ସାଗରିକା ସାହୁ, ସାଗରିକା ସେଟ୍, ରାଜଶ୍ରୀ ପ୍ରଧାନ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ।

## ସାହାସପୁର କ୍ଲଷ୍ଟର

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସାହାସପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ୨୦୨୫ ଖୁନ୍ତାମାଳ ଆଶ୍ରମ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସାହାସପୁର କ୍ଲଷ୍ଟର ସିଆରସିସି ପ୍ରଦୀପ ନାଏକଙ୍କ ଅଧ୍ୟକ୍ଷତାରେ ସାହାସପୁର ଜେଆର୍ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବାରିକ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ପ୍ରଦୀପ ମେହେର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଡଲି ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ଦେଓ, ପ୍ରଧାନଶିକ୍ଷକ ଛତ୍ରଲାଲ କିସାନ ପ୍ରମୁଖ ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ.ଏପିଜେ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ମଧ୍ୟ ପାଳନ କରାଯାଇଥିଲା। ମୋଟ ୧୬ଟି ବିଦ୍ୟାଳୟରୁ ୬୫ ଜଣ ଛାତ୍ରଛାତ୍ରୀ ବକ୍ତୃତା, ରଚନା, ଚିତ୍ରାଙ୍କନ, ନାଚ ଓ ଗୀତରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଠ ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ



ହିମାଂଶୁ ବାଗ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ମଦନ ମୋହନ ସେଠ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଡଲି ଗୁରୁ, ପ୍ରଶାନ୍ତ ଦେଓ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଭୁବନେଶ୍ୱର ମାଝୀ ପରିଚାଳନା କରିଥିବା ବେଳେ ବସନ୍ତ କିସାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତିଳେଇମାଳ କ୍ଲଷ୍ଟର

**ଦେବଗଡ଼:** ବାରକୋଟ ବ୍ଲକ ତିଳେଇମାଳ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନିରଞ୍ଜନ ସାହୁଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କ୍ଷୀରୋଦ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିନୋଦ ବିହାରୀ ନାୟକ, ମୁଖ୍ୟବକ୍ତା ଲଳିତ ମୋହନ ପ୍ରଧାନ ଓ ସମ୍ମାନିତ ବକ୍ତା ହୃଦାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ତିଳେଇମାଳ କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ସବ ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ମୋଟ ୧୦୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ୨୬ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ଉପରେ ଅତିଥିଗଣ ସବିଶେଷ ଆଲୋକପାତ କରିଥିଲେ। ସୁରଭିରେ ପ୍ରବନ୍ଧ, ବକ୍ତୃତା, ଇଲୋକୁସନ, ଚିତ୍ରାଙ୍କନ, କୁଇଜ୍, ଶ୍ରୁତଲିଖନ, ନୃତ୍ୟ ଅଭିନୟ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଛାତ୍ରଛାତ୍ରୀ ବିଷୟ ଭିତ୍ତିକ ବିଭିନ୍ନ ରଙ୍ଗାରଙ୍ଗ ନୃତ୍ୟାଭିନୟ ପରିବେଷଣ କରିଥିଲେ। କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ବାରକୋଟ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାର ସ୍ଥିର କରାଯାଇଛି। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ଡିଲେଶ୍ୱର ନାଏକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୀତବାସ ସାହୁ, ବିଭୂତି ଭୂଷଣ ସାହୁ, ପ୍ରମୋଦ ପ୍ରଧାନ, କାଞ୍ଚନ ପ୍ରଭା ପ୍ରଧାନ, ନେହେରୁ ସାମଲ, ଇନ୍ଦ୍ରଜିତ ସାମଲ, ପରମାନନ୍ଦ ପ୍ରଧାନ, ଲଳିତ ମୋହନ ପ୍ରଧାନ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଭେଷଜ ଭୋଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟା କ୍ଲଷ୍ଟର

**ଇବଥର୍ମାଲ:** ଲଖନପୁର ବ୍ଲକ ତୃତୀୟ ଜୋନ୍ ଅଧୀନ ଫଟା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରଣ୍ଡାମାଲ ମନୋଜ ପାଢ଼ୀ ହାଇସ୍କୁଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମନୋଜ ପାଢ଼ୀ ହାଇସ୍କୁଲ ପ୍ରଧାନଶିକ୍ଷକ କେଶବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗ ଦେଇଥିଲେ। ସରଣ୍ଡାମାଲ ପଞ୍ଚାୟତର ସରପଞ୍ଚ ଝରଣା ସେଠ୍, ସିଆରସିସି ଲଳିତ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟର, ସବ ଜୁନିୟର ଓ ସିନିୟର ଦଳରେ ମୋଟ ୨୧ ଟି ପ୍ରତିଯୋଗିତା ହୋଇଥିଲା। କୃତୀ ପିଲାଙ୍କୁ ପୁରସ୍କୃତ ତଥା ମାନପତ୍ର ଦିଆଗଲା। ମଞ୍ଚ ପରିଚାଳନା କରିଥିଲେ ଶ୍ରୀପତୀ ଓରାମ ଓ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧବାହାଲ କ୍ଲଷ୍ଟର

**ଇବଥର୍ମାଲ:** ଲଖନପୁର ବ୍ଲକ ବନ୍ଧବାହାଲ କ୍ଲଷ୍ଟର ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ଉମାକାନ୍ତ ପଣ୍ଡା, ସନ୍ତୋଷ ପଧାନ ଓ ଧ୍ରୁବଚରଣ ପଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଧ ପାଣ୍ଡେ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ମୋଟ ୧୧ଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଛର୍ଲା ସ୍କୁଲର ଛାତ୍ରୀ ମାନେ ପ୍ରଥମ ସ୍ଥାନ, ବନହରପାଲି ସ୍କୁଲ ଦ୍ୱିତୀୟ ସ୍ଥାନ ଓ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ଛର୍ଲା ସ୍କୁଲ ବ୍ଲକ ସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଭୀଷ୍ମଦେବ ପାତ୍ର ଏବଂ ଉଦ୍‌ଯାପନୀ ସମାରୋହରେ ଛର୍ଲା ସ୍କୁଲର ପ୍ରଧାନଶିକ୍ଷକ ସୁରେଶ ପଧାନ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପତି ଆୟୋଜନ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତିଲିଆ କ୍ଲଷ୍ଟର

**ଇବଥର୍ମାଲ:** ଲଖନପୁର ଶିକ୍ଷା ବ୍ଲକ ଅଧୀନସ୍ଥ ତିଲିଆ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତୁଳସୀ ସାହୁ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତିଲିଆ କ୍ଲଷ୍ଟର ସିଆରସିସି ଶିବନାଥ ଭୁଏଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପଧାନ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଫକୀର ସାହୁ, ଦାଶରଥୀ ପଧାନ, ତିଲିଆ ସମିତି ସଭ୍ୟା ଶକୁନ୍ତଳା ବିଶ୍ୱାଳ, ରମ୍ଭେଲା ସରପଞ୍ଚ ବିମଳା କିସାନ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧୀନସ୍ଥ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୧୬୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ କରକମଳରେ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସଭା କାର୍ଯ୍ୟକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ମହାକୁଡ ପରିଚାଳନା କରିଥିବା ବେଳେ ଶିକ୍ଷକ ଶିବାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।






### କଣ୍ଢେଲ ଗଜଲକ୍ଷ୍ମୀ ପୂଜା

# ମାଁଙ୍କ ସୁନା ଲକେଟ ୮୦ ହଜାରରେ ନିଲାମ

**ଦେବଗଡ଼/କଣ୍ଢେଲ, ୧୬।୧୦(ସମିସ):** ଜିଲ୍ଲାର ପ୍ରସିଦ୍ଧ କଣ୍ଢେଲ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ବିଭିନ୍ନ ସଂସ୍କୃତିକ



କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ୧୦ ଦିନ ଧରି ବେଶ୍ ଧୁମଧାମରେ ପାଳିତ ହୋଇଥିବା ଲକ୍ଷ୍ମୀ ପୂଜାରେ ହଜାର ହଜାର ଶ୍ରଦ୍ଧାଳୁ ମାଁଙ୍କ କୃପା ଲାଭ କରିଥିଲେ। ଏହି ଅବସରରେ ପ୍ରତିଦିନ ଦର୍ଶକ ମେଲୋଡି, ଅନ୍ନ ପ୍ରସାଦ, ମୀନାବଜାର ସାଙ୍ଗକୁ ଅପେରା ଓ ଫୁଟବଲ ମ୍ୟାଚ୍‌ର ମଜା ଉଠାଇଥିଲେ। ଆଜି ଅନ୍ତିମ ଦିନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଙ୍ଘର ପରାମର୍ଶ ଦାତା ତଥା ଦେବଗଡ଼ ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଓ ବାରକୋଟ ଜୋନ ୩ ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣି ଯୋଗ ଦେଇ ଅନ୍ନ ପ୍ରସାଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଥମ ଥର ପାଇଁ ହେଉଥିବା ମାଁ ଲକ୍ଷ୍ମୀଙ୍କ ଆଶୀର୍ବାଦ ସ୍ୱରୂପ ସୁନା ଲକେଟ ନିଲାମ କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେରେ ଉଦ୍‌ଘାଟନ କରିଥିଲେ। ଶେଷରେ ମାଁଙ୍କ ଆଶୀର୍ବାଦ ସ୍ୱରୂପ ଲକେଟକୁ କଲା ଗାଁର ସତ୍ୟନାରାୟଣ ପାଣି ଓ ଗୀତାଞ୍ଜଳି ପାଣି ତାଙ୍କ ୪ ମାସର ସୁପୌତ୍ର ଶୁଭ ପାଣିଙ୍କ ଉଦ୍ଦେଶ୍ୟରେ ୮୦ ହଜାର ଏକ ଶହ ଟଙ୍କାରେ ଗ୍ରହଣ କରିଥିଲେ।

# ସ୍କାଏ ଡାଇଭିଂରେ ନବୀନଙ୍କୁ ଜନ୍ମଦିନ ଶୁଭେଚ୍ଛା

**ଝାରସୁଗୁଡ଼ା, ୧୬।୧୦ (ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିଆରା ଭାବେ ଝାରସୁଗୁଡ଼ା ସହର ପୁରୁଣାବସ୍ତିର ଯୁବକ ଦିଲୀପ ସାହୁ ଜନ୍ମଦିନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଦେଶ ମାଟିରେ ହଜାର ହଜାର ଫୁଟ ଉପରୁ ଆକାଶରୁ ଏକାଧିକବାର ଡେଇଁ ଦେଶ ଓ ରାଜ୍ୟ ପାଇଁ ଗର୍ବ ଦିଲୀପ ଗୌରବ ଆଣିଛନ୍ତି। ରାଜ୍ୟର ପୂର୍ବ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ପୁଣି ସେ ଏହି ଦୁଃସାହସିକ କାର୍ଯ୍ୟ କରି ଦେଖାଇଛନ୍ତି। ଦିଲୀପ ମରିଶସ ଦେଶକୁ ଯାଇ ସେଠାରେ ଆକାଶରୁ ଡେଇଁ ନବୀନଙ୍କୁ ଆକାଶରେ ଉଡିବା ଅବସ୍ଥାରେ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଥାଇଲାଣ୍ଡ ଏବଂ ଦୁବାଇରେ ସେ ସ୍କାଏ ଡାଇଭିଂ ପ୍ରଦର୍ଶନ କରିଥିବା ବେଳେ ଇଣ୍ଡୋନେସିଆ ନୂସା ପେନିଡା ଠାରେ ବଞ୍ଜି ଜମ୍ପିଂ କରିଥିଲେ। ସେଠାରେ ସେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଚିତ୍ର ଥିବା ପୋଷାକ ପରିଧାନ କରିଥିଲେ। ଏଥର ଦିଲୀପ ମରିଶସ୍ ଦେଶକୁ ଯାଇ ସେଠାରେ ବିମାନ ଯୋଗେ ଉଚ୍ଚ ଆକାଶରୁ ଉଭୟଦେଶର ଜାତୀୟ ପତାକା ସହ ନିଜ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଚିତ୍ର ଧାରଣ କରି ଡେଇଁଛନ୍ତି। ଏହା ସହିତ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।




# ବରପାଲି ଜଙ୍ଗଲରେ ୨ ହାତୀ



**ଝାରସୁଗୁଡ଼ା, ୧୬।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅଧୀନ ଚାନ୍ଦିନୀମାଲ ପଞ୍ଚାୟତ ବରପାଲି ଗ୍ରାମାଞ୍ଚଳ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ୨ଟି ହାତୀକୁ ତବଲାମାଲ ପଡ଼ାବାସୀ ଦେଖିବାକୁ ପାଇଛନ୍ତି। ଉଭୟ ହାତୀଙ୍କୁ ଗତକାଲି ଗୌଡମାଲ ପଞ୍ଚାୟତର ରଣକଟା-ବଡଯୋବ ଗ୍ରାମ୍ୟ ଜଙ୍ଗଲରେ ଦେଖିବାକୁ ମିଳିଥିଲା। ବନ ବିଭାଗ ଖବର ପାଇବା ପରେ ହାତୀଙ୍କୁ ଘଡାଇବା ଦ୍ୱାରା ହାତୀ ୨ଟି ଚାନ୍ଦିନୀମାଲ-ଖୁଣ୍ଟପାଣି ଦେଇ ବରପାଲି ଗ୍ରାମ୍ୟ ଜଙ୍ଗଲକୁ ପ୍ରବେଶ କରିଥିଲେ। ତେବେ ସେଠାରେ ସେମାନେ ଗର୍ଜନ କରୁଥିବା ଶୁଣି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବ୍ରଜରାଜନଗର ରେଞ୍ଜର ରେସନା ଜାମଡାଲିୟାଙ୍କ ନେତୃତ୍ୱରେ ୨ଟି ଦଳ ଗଠନ କରାଯାଇ ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ରାଜପୁର ଫରେଷ୍ଟର ସରୋଜ ଭୋଇ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ବନରକ୍ଷୀ କିଶୋର ଷଣ୍ଢ, ସଞ୍ଜୀବ ଚୌଧୁରୀ ପ୍ରମୁଖ ଏଥିରେ ସାମିଲ ହୋଇ ଜଙ୍ଗଲର ଆଖପାଖ ଅଞ୍ଚଳର ଗାଁ ଗୁଡିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛନ୍ତି। ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଜଙ୍ଗଲ ବିଭାଗଙ୍କ ପରାମର୍ଶରେ ସନ୍ଧ୍ୟା ୭ଟା ସମୟରୁ ତିଳେଇମାଳ ଓ ବରପାଲି ଗାଁରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇ ଥିବା ଜଣାପଡ଼ିଛି।

# ବ୍ରଜରାଜନଗର ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ଦିବସ

**ଝାରସୁଗୁଡ଼ା, ୧୬।୧୦(ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ (୧୭ ସେପ୍ଟେମ୍ବର ରୁ ୧୬ ଅକ୍ଟୋବର) ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ଭାଗିରଥି ତ୍ରିପାଠୀ, ଅଧ୍ୟାପକ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଇତିହାସ ବିଭାଗ ମୁଖ୍ୟା ଡ.ରତ୍ନୁପର୍ଣ୍ଣା ମହାନ୍ତି ମଞ୍ଚାସୀନ ଥିଲେ। ଅତିଥି ମାନେ ପୋଷଣ ଦିବସ ପାଳନ ଉପରେ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଲଗୁ ଚରଣ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନବୀନଙ୍କ ଜନ୍ମ ଦିବସରେ ଜିଲ୍ଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼, ୧୬।୧୦(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ବିଜେଡି ପାଳନ କରିଛି। ଏହି ଅବସରରେ ଦେବଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଲାଲୁସାହି ସ୍ଥିତ ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ମୋଟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହିଥିବା ବେଳେ ବିଜେଡି ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର ରୋଗୀଙ୍କୁ ରକ୍ତ ଯୋଗାଇବାରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଅନୀତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ପ୍ରତାପ ଦେବ, ଭବାନୀଶଙ୍କର ସାହୁ, ଶୁକଦେବ ଭଞ୍ଜ, ବାବୁଲାଲ ପୃଷେଠ, ନଗେନ ପଣ୍ଡା, ଚନ୍ଦ୍ର ଭୁକ୍ତା, ମନୋଜ ପ୍ରଧାନ, ସମୀର ପ୍ରଧାନ, ସୁଶାନ୍ତ ବାଙ୍କ, ଅନନ୍ତ ମେହେର, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ

**ଦେବଗଡ଼, ୧୬।୧୦(ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦେବଗଡ଼ ଆନୁକୂଲ୍ୟରେ ଗୁରୁବାର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ଛାତ୍ରଛାତ୍ରୀଙ୍କର କ୍ରୀଡା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ୩ଟି ବ୍ଲକର ଛାତ୍ରଛାତ୍ରୀ ମାର୍ଚ୍ଚପାଷ୍ଟ ମାଧ୍ୟମରେ ଅଭିବାଦନ ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର କାର୍ଯ୍ୟକ୍ରମ ରୂପରେଖ ସହିତ ବିବରଣୀ ପଠନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା କରିଥିବା ବେଳେ ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ବ୍ରହ୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ୩ଟି ବ୍ଲକ ୬ଟି ଜୋନରେ ଆୟୋଜିତ ଚୟନ ପ୍ରକ୍ରିୟାରେ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ ଦିନ ଧରି ଫୁଟବଲ, ଖୋଖୋ, କବାଡି, କ୍ରିକେଟ, ଯୋଗ, ଆଥଲେଟିକ ପ୍ରତିଯୋଗିତା ମାନ ହୋଇଥିଲା। ସେଥିରୁ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ପ୍ରତିଯୋଗିତା ପ୍ରତିନିଧିତ୍ୱ କରିବା ନିମନ୍ତେ ଖେଳାଳି ଚୟନ କରାଯିବ। ଖେଳ ଗୁଡିକୁ ଡିଲେଶ୍ୱର ସ୍ୱାଇଁ, ରଞ୍ଜିତା ମିଶ୍ର, କୁନିତା ସାହୁ, କିରଣ ଟପନୋ, ଦମୟନ୍ତୀ ଦାସ, ଶ୍ୟାମ ସୁନ୍ଦର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ମାନସ ଦାସ, ଜୟନାରାୟଣ ସାହୁ, କରୁଣାକର ପାଣ୍ଡା, ଜଗଦୀଶ ଭୋଇ, ସଞ୍ଜୟ ପ୍ରଧାନ, ରିଣ୍ଟୁ ବିଶ୍ୱାଳ, ଟିପଟନ ସାହୁ, ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ। କ୍ରୀଡା ଚୟନ ଶିବିରରେ ୩ଟି ବ୍ଲକରୁ ୨୭୯ ଜଣ ବାଳକ, ୨୨୦ ବାଳିକା ଓ ୬୩ ଜଣ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

■ କାଉନସିଲର କପ୍ ଫୁଟବଲ ଖେଳରେ ଖେଳାଳି ମୃତ୍ୟୁ ଘଟଣା

# ସହାୟତା ଘୋଷଣାର ୨ମାସ ପରେ ବି ମିଳିଲାନି କାଣିଚାଏ

**ଦେବଗଡ଼, ୧୬।୧୦(ସମିସ)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତାରେ ଫୁଟବଲ ମ୍ୟାଚ୍ ଖେଳୁଥିବା ବେଳେ ଗତ ଅଗଷ୍ଟ ୨୪ ତାରିଖ ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡ ଭୂୟାଁ ସାହିର ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ଅଗଷ୍ଟ ୨୫ ତାରିଖ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ଘୋଷଣାକୁ ବେଶ୍ ପ୍ରଚାର ପ୍ରସାର କରାଯାଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୨ ମାସ ବିତିଥିଲେ ମଧ୍ୟ ମୃତକଙ୍କ ପରିବାରକୁ କାଣିଚାଏ ମଧ୍ୟ ସହାୟତା ମିଳିନାହିଁ। ଅନ୍ୟପକ୍ଷରେ ନିଜ ଏକମାତ୍ର ଯୁବ ପୁତ୍ରକୁ ହରାଇ ପରିବାର ଆଜି ମଧ୍ୟ ଶୋକ ମଧ୍ୟରେ ବୁଡ଼ି ରହିଛି। ତେବେ ଛାତିରେ କୋହକୁ ଚାପି ରୋଜଗାରିଆ ପୁତ୍ର ହରାଇ ଥିବା ପିତା ଏକାଧିକ ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହାୟତା ରାଶି ସମ୍ପର୍କରେ ପଚାରିବାରୁ ବିଭାଗୀୟ କିରାଣୀ ଠାରୁ ସନ୍ତୋଷଜନକ ଉତ୍ତର ପାଇ ନାହାନ୍ତି। ବାରମ୍ବାର ଏନେଇ ନିରାଶ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା ବାସ୍ତବିକ ନା ପ୍ରହେଳିକା ବୋଲି ସେ ପ୍ରଶ୍ନ ପଚାରିଛନ୍ତି।



ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅଗଷ୍ଟ ୨୧ରୁ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଗଷ୍ଟ ୨୪ ତାରିଖ ୱାର୍ଡନଂ-୨ ଓ ୱାର୍ଡ ନଂ-୭ ମଧ୍ୟରେ ମ୍ୟାଚ୍ ଚାଲିଥିବାବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ତେବେ ପ୍ରତିଯୋଗିତା ଆୟୋଜନ ପୂର୍ବରୁ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ପଡ଼ିଆରେ ଡାକ୍ତରୀ ଟିମ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ସୂଚନା ଦିଆଯାଇଥିଲେ ମଧ୍ୟ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ପଡ଼ିଆରେ ଗୁରୁତର ଖେଳାଳିଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହର ଠୁଁ ୬ କିମି ଦୁରବର୍ତ୍ତୀ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବାରେ ବିଳମ୍ବ ହେବାରୁ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ମୃତ ଖେଳାଳିଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରି ନିଜ ଦାୟିତ୍ୱ ସାରି ଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଶୋକ ଓ ସହାୟତା ରାଶି ପ୍ରହେଳିକା**

# ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

**ଜୟପାଟଣା, ୧୬ ।୧୦ (ସମିସ):** ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ କୌଣସି ଖୋଜ ଖବର ମିଳୁନଥିବାରୁ ସ୍ତ୍ରୀ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଜୟପାଟଣା ଥାନା ଅନ୍ତର୍ଗତ ବଡ଼ପୁଝାରିଗୁଡା ପଞ୍ଚାୟତ କୁଲିହାମୁଣ୍ଡା ଗ୍ରାମର କୋକିଳ ମାଝୀ



ଦଲାଲ ସାଜି ଗ୍ରାମର ଦେବେନ୍ଦ୍ର ମାଝୀ(୩୦), ସୁରେଶ ମାଝୀ, ଘନ ମାଝୀଙ୍କୁ ଗୁଜୁରାଟ ସୁରେନ୍ଦ୍ର ନଗରରେ କାମ କରିବାକୁ ନେବି ବୋଲି ସେମାନଙ୍କୁ ଗତ ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ଯାଏଁ ନେଲା । ଖୋର୍ଦ୍ଧାରେ ଟ୍ରେନ ବସାଇ ଦେଇ କୋକିଳ ଗୁଜୁରାଟ ନଯାଇ ନିଜ ଘରକୁ ଫେରିଆସିଲା । ଯିବା କିଛି ଦିନ ପରେ ଦେବେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ ବିଚ୍ଛିନ୍ନ ହେଲା ପରେ ଦେବେନ୍ଦ୍ରଙ୍କ ସାଙ୍ଗରେ ଯାଇଥିବା ସୁରେଶ ଏବଂ ଘନଙ୍କୁ ପଚାରିବାରୁ ଦେବେନ୍ଦ୍ର ଗୁଜରାଟ ରେ କେଉଁଠି ନିଖୋଜ ହୋଇଯାଇଛି ବୋଲି କହୁଛନ୍ତି । କୋକିଳକୁ ପଚାରିଲେ ଦେବେନ୍ଦ୍ର କେଉଁଠି ହଜିଗଲା ବୋଲି କହୁଛ ।ଏନେଇ ଦେବେନ୍ଦ୍ରଙ୍କ ସ୍ତ୍ରୀ କଳାବତୀ ମାଝୀ ସ୍ୱାମୀ ହଜିଯିବା ସମ୍ପର୍କରେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ରାଜ୍ୟ ସରକାର ଦେବେନ୍ଦ୍ରଙ୍କୁ ସନ୍ଧାନ କରିବାରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

### ବିଦ୍ୟୁତ୍ ତାର ଲାଗି ମହିଳା ମୃତ ଘଟଣା

# ମାନବାଧିକାର କମିଶନରେ ଅଭିଯୋଗ

**ଥୁଆମୂଳରାମପୁର, ୧୬ ।୧୦(ସମିସ):** ଥୁଆମୂଳରାମପୁର ଥାନା ମାଳିଗାଁ ପଞ୍ଚାୟତର ଡି ଚେପଟାଘାଟ ଗାଆଁର ୪୫ ବର୍ଷୀୟା ମହିଳା ଗୁରୁବାରି ଝୋଡିଆ ଗତ ୧୫ ଅକ୍ଟୋବର ଦିନ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି । ଏହି ମାମଲାରେ ୧୬ ତାରିଖ ଦିନ ଅନ୍ତୋଦୟ ଅନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ଜଣାଇଛନ୍ତି । ଏହା ସହିତ ଅବହେଳା କରିଥିବା ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ସହିତ ସେମାନଙ୍କ ବିରୋଧରେ ହତ୍ୟା ମକଦ୍ଦମା ରୁଜୁ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ମାନବ ଅଧିକାର କମିଶନଙ୍କ ନିକଟରେ ଅନୁରୋଧ କରିଛନ୍ତି । ସୂଚନା ଯୋଗ୍ୟ ଯେ ଡି ଚେପଟାଘାଟ ଗାଁର ଗୁରୁବାରି ଝୋଡ଼ିଆ ନିଜ ବାଡିରେ ଅମୃତଭଣ୍ଡା ତୋଳିବା ବେଳେ ଝୁଲି ରହିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ । ଗାଆଁ ନିକଟରେ ଯାଉଥିବା ତାର ଖୋଲା ନରଖି କେବୁଲ ତାର ବ୍ୟବହାର କରିବା ନିୟମ ଥିଲେ ମଧ ବିଭାଗ ତରଫରୁ ଏ ନେଇ କୌଣସି ପଦକ୍ଷେପ ନିଆ ଯାଉନାହିଁ ।ଝୁଲି ରହିଥିବା ତାର ଗୁଡ଼ିକୁ ନିର୍ଦ୍ଧାରିତ ଉଚ୍ଚତା ରେ ରଖିବା ପାଇଁ ତତ୍ପରତା ପ୍ରକାଶ ପାଉ ନଥିବାରୁ ଜୀବନହାନି ଘଟୁଛି ଯାହାକି ମାନବ ଅଧିକାରର ଖୋଲାଖୋଲି ଉଲ୍ଲଂଘନ । ଦିଲ୍ଲୀପ କୁମାର ଦାସଙ୍କ ଅଭିଯୋଗକୁ କମିଶନ କେସ ଡାଏରୀ ନମ୍ବର ୨୪୬୨୯/ଆଇ ଏନ୍/୨୦୨୫ ଭାବରେ ଗ୍ରହଣ କରିଛନ୍ତି ।

### ସିଲେଟପଡ଼ା ରାସ୍ତା ପାଲଟିଛି ମରଣଯନ୍ତା

# ଖବର ପ୍ରକାଶ ପରେ ବି ପ୍ରଶାସନ ଦୃଷ୍ଟି ଦେଉନି



**ଭବାନୀପାଟଣା, ୧୬ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ା ଠାରୁ କୁସୁର୍ଲା ହରଗୋରି ମନ୍ଦିର ଛକ ୫୯ ଜାତୀୟ ରାଜପଥ ଏନ୍ଏଚକୁ ସଂଯୋଗ କରୁଥିବା ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି ।୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ମରାମତି କିମ୍ବା ନୂତନ କାର୍ଯ୍ୟ ହୋଇପାରି ନଥିବାରୁ ତିନି ବର୍ଷ ଧରି ରାସ୍ତା ବିପଦପୂର୍ଣ୍ଣ ହୋଇ ପଡ଼ିଛି ।ବର୍ଷା ମାସରେ ବର୍ଷା ଯୋଗୁଁ ବିପଦ ଅବସ୍ଥାରେ ରହିଛି । ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ଆଖ ପାଖ ଅଞ୍ଚଳ ଗାଁ ଲୋକେ ପ୍ରତି ଦିନ ଦୁର୍ଘଟଣା ଶିକାର ହେଉଛନ୍ତି ।ଏନେଇ ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ, କଲେକ୍ଟରଙ୍କୁ ଏବଂ ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ଜିଲ୍ଲା ପରିଷଦ ସୁରେଶ ଚୌଧୁରୀ ତତ୍କାଳିନ ୫-ଟି ସଚିବଙ୍କୁ ଲିଖିତ ଦାବି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ କେସିଙ୍ଗା ଆରଡ଼ି ଅଫିସର ଅଧିକ୍ଷଣ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ ଭୁବନେ ଶବରଙ୍କୁ ଚିଠି ଲେଖି ଏହାର ମରାମତି ପାଇଁ ଏକ କୋଟି ଷାଠିଏ ଲକ୍ଷ୍ୟ ଟଙ୍କାର ଆବଶ୍ୟକତା ଥିବା ର ଉଲେଖ୍ୟ କରିଥିଲେ । କିନ୍ତୁ ଆଜି ଯାଏ କୌଣସି କାର୍ଯ୍ୟ ହୋଇପାରୁନି, ଏଥିପ୍ରତି ପ୍ରଶାସନକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

### କଳାହାଣ୍ଡିରେ ସାଇବର୍ କ୍ରାଇମ୍

# ଦୁଇ ବର୍ଷରେ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

**ଭବାନୀପାଟଣା, ୧୬ ।୧୦(ସମିସ)**

ଅଳ୍ପ ସମୟରେ ଅଧିକ ଉପାର୍ଜନର ନିଶାରେ ଅନେକ ବ୍ୟକ୍ତି ଏବେ ସର୍ବସ୍ୱାନ୍ତ ହେଉଥିବା ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲାର ୧୩ଟି ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ୧୪୪ଟି ସାଇବର୍ ଅପରାଧ ଘଟଣା ରେଜିଷ୍ଟ୍ରେସନ ହୋଇଥିବା ବେଳେ ସାଇବର ଥାନାରେ ୩୦ଟି ମକଦ୍ଦମା ରୁଜୁ ହୋଇଛି । ପ୍ରାୟ ଦୁଇବର୍ଷରେ ୫କୋଟି ଟଙ୍କା ସାଇବର୍ ଲୁଟ ହୋଇଥିବା ଜଣାପଡ଼ିଛି । ଗ୍ରାମାଞ୍ଚଳର ସାଧାରଣ ମହିଳା ଓ ଗ୍ରାହକ ସେବା କେନ୍ଦ୍ରକୁ ହ୍ୟାକରମାନେ ଟାର୍ଗେଟ କରି ଟଙ୍କା ଲୁଟୁଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି । ଅନ୍ୟପଟେ ବେଆଇନ ଅନଲାଇନ ଟ୍ରେଡ଼ିଂ ମହା ବିପଦର କାରଣ ସାଜିଛି । ଭବାନୀପାଟଣାର ଜଣେ ଶିକ୍ଷିତ ଯୁବକ ବେଆଇନ ଟ୍ରେଡ଼ିଂରେ ମାତି ୭୭ଲକ୍ଷ ଟଙ୍କା ହରାଇଥିଲେ । ପରବର୍ତ୍ତୀ ସମୟରେ ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଜରିଆରେ ପୁଲିସ ଜାଣିଥିଲେ । କଳାହାଣ୍ଡିରୁ ବିଭିନ୍ନ ସ୍ଥାନ ଗସ୍ତ କରିବା ସହିତ ଏହି ମାମଲାରେ ଆକାଉଣ୍ଟ ସବୁ ଫ୍ରିଜ କରି ଶେଷରେ ୫୭ଲକ୍ଷ ଟଙ୍କା ଉଦ୍ଧାର କରିବାରେ ସାଇବର୍ ପୁଲିସ ସଫଳ ହୋଇଛି । ଉଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ଦ୍ୱାରା ଉକ୍ତ ଟଙ୍କା ମିଳିବା ସମ୍ଭବ ହୋଇପାରିଛି । ସେହିପରି ଜୁନାଗଡ଼ର ଜନୈକା ଡାକ୍ତରାଣୀଙ୍କ ୱେବସାଇଟକୁ ହ୍ୟାକ କରି ୧୫ଲକ୍ଷ ଟଙ୍କା ଚତୁରତାର ସହ ହ୍ୟାକରମାନେ ଲୁଟିଥିବା ପ୍ରକାଶ । କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ଏବଂ ଯୁବତୀଙ୍କ ସହ 'ହ୍ୟାଲୋ ହାଏ'ରୁ ସମ୍ପର୍କ ଯୋଡି କୌଶଳକ୍ରମେ ଆକାଉଣ୍ଟକୁ ହ୍ୟାକ କରିଛନ୍ତି । ଜିଲ୍ଲାରେ ଅନ୍ୟୁନ ୪୦ରୁ ଉର୍ଦ୍ଧ୍ୱ ଝିଅ ସୋସିଆଲ ମିଡିଆରେ ଶିକାର ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି । ଏତଦବ୍ୟତୀତ ବର୍ତ୍ତମାନ ଗ୍ରାମାଞ୍ଚଳ ମହିଳାମାନେ ମାତ୍ର ଦୁଇ ହଜାର



ଟଙ୍କା ପାଇଁ ନିଜ ଆକାଉଣ୍ଟ ଓ ବ୍ୟାଙ୍କ ଡିଟେଲସ ଭଡା ସୂତ୍ରରେ ଦେଇଥିବା ଘଟଣା ସମସ୍ତଙ୍କୁ ଚମକାଇ ଦେଇଛି । ହ୍ୟାକର ମହିଳାଙ୍କୁ କିଛି ଟଙ୍କା ଦେଇ ବ୍ୟାଙ୍କ ଆକାଉଣ୍ଟ ନିଜ ଅକ୍ତିଆରକୁ ନେବାପରେ ମହିଳାଙ୍କ ମୋବାଇଲ ନମ୍ବର ବ୍ୟାଙ୍କ ଟ୍ରାଞ୍ଜାକ୍ସନରେ ସୁବିଧା ଦୃଷ୍ଟିରୁ ପରିବର୍ତ୍ତନ କରୁଛନ୍ତି । ପରେ ମହିଳାଙ୍କ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କାର କାରବାର ଚଳାଉଥିବା ଘଟଣା ସାଇବର ପୁଲିସର ନଜରକୁ ଆସିଛି । ପ୍ରାୟତଃ ମନି ମ୍ୟୁଲ୍(ଖଚର) ଆକାଉଣ୍ଟକୁ ଆଧାର କରି ଅପରାଧିମାନେ ଏବେ ଅପରାଧର ସାମ୍ରାଜ୍ୟ ଚଳାଉଛନ୍ତି । ସେହିକ୍ରମରେ ଗ୍ରାହକ ସେବାକେନ୍ଦ୍ର ତଥା ଜନସେବା କେନ୍ଦ୍ର ଗୁଡିକରେ ମଧ ହ୍ୟାକର ଗୋଷ୍ଠିର ସଦସ୍ୟମାନେ ଚାଲାକିରେ ଅପରେସନ ଚଳାଇ ସଫଳ ହେଉଥିବା ପ୍ରକାଶ । ବିଶେଷଭାବେ ଏମ.ରାମପୁର ଥାନା ଅଞ୍ଚଳ ସାଇବାର ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି । ବ୍ୟାଙ୍କର ସମସ୍ତ ତଥ୍ୟ ନିଜ କବଜାରେ ରଖି କୋଟି କୋଟି ଟଙ୍କାର କାରବାର ଚଳାଉଥିବା ପ୍ରମାଣ ରହିଛି । ତେବେ ହ୍ୟାକରଙ୍କ ନିକଟସ୍ଥ ହେବାପାଇଁ ଶିକାର ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଠିକଣା ସମୟରେ ସେତିକି ଯୋଗାଯୋଗ ମିଳୁନାହିଁ । କାରଣ ଗୋଟିଏ ପଟେ ଲୋଭ ଏବଂ ଅନ୍ୟଦିଗରେ ଲୋକଲଜ୍ୟା

**ହ୍ୟାକରଙ୍କ ଟାର୍ଗେଟରେ ଅଶିକ୍ଷିତ ମହିଳା ଆଉ ଗ୍ରାହକ ସେବାକେନ୍ଦ୍ର**

ଭୟରେ ଅନେକ ମୁହଁ ଖୋଲୁନାହାନ୍ତି ।ପୁଲିସ ନିଜ ଥାନାର କେସ ବୁଝିବା ଭିତରେ ସାଇବର କେସ ପ୍ରତି ସମୟଦେବା କଷ୍ଟକର ହୋଇପଡୁଛି । ତେଣୁ ଜିଲ୍ଲାରେ ଘଟୁଥିବା ସାଇବର ଅପରାଧ ଗୁଡିକ ଉପରେ ପୁଲିସ ତଦନ୍ତ କରି ଅପରାଧୀଙ୍କ ପିଛା କରିବା ସମୟ ସାପେକ୍ଷ ବୋଲି କୁହାଯାଉଛି । ତଥାପି ସାଇବର ଥାନାରେ ରୁଜୁ ହୋଇଥିବା ମକଦ୍ଦମା ମଧ୍ୟରୁ ୬୦ପ୍ରତିଶତ କେସ ସମାଧାନ କରିବାରେ ବିଭାଗ ସଫଳତା ଲାଭ କରିଛି । ଗତବର୍ଷ ଡାକ୍ତର, ଇଞ୍ଜିନିୟର ଓ ଶିକ୍ଷକ ଏଭଳିକି ବଡ ଅଧିକାରୀ ମଧ ସେଥିରୁ ବାଦ ପଡ଼ିନଥିଲେ । କଳାହାଣ୍ଡି ଭଳି ଏକ ଜିଲ୍ଲାରେ ସାଇବର ଅପରାଧିମାନେ କାୟା ବିସ୍ତାରକରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି । ଅପରାଧିଙ୍କ ବିଭିନ୍ନ ନୂଆ କୌଶଳ ଅବଲମ୍ବନ ଦ୍ୱାରା ଅସଚେତନ ମଣିଷଙ୍କୁ ଆଖିପିଛୁଳାକେ ଲକ୍ଷ ଲକ୍ଷ ଟଙ୍କା ହରାଇବାକୁ ପଡୁଛି । ଗତବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଏହି ଜିଲ୍ଲାରୁ ୩କୋଟି ୩୬ଲକ୍ଷ ୬୧ହଜାରରୁ ଊ୧ହଜ ଟଙ୍କା ଠକେଇ ହୋଇଥିବା ସମୟରେ ଚଳିତ ବର୍ଷ ପ୍ରାୟ ୨କୋଟି ଟଙ୍କା ଲୁଟ ହୋଇଛି । ଟଙ୍କା ଇନଭେଷ୍ଟ କରି ରାତା ରାତି କୋଟିପତି ହେବା ନିଶାରେ ଲକ୍ଷ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଜଣାପଡ଼ିଛି । ସବୁଠାରୁ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରି ଟାର୍ଗେଟରେ ଥିବା ବ୍ୟକ୍ତିଙ୍କୁ ନାନା ପ୍ରକାର ଭୟଭୀତ କରିବା ସହିତ ଶେଷରେ ଡିଜିଟାଲ ଆରେଷ୍ଟ କରି ମାନସିକ ଚାପରେ ରଖୁଛନ୍ତି । ମୁମ୍ବାଇରୁ ଆରମ୍ଭ କରି କଲିକତା ଓ ରାଜସ୍ଥାନ ଦୁବାଇ, ସିଙ୍ଗାପୁର ଏମିତି ବିଦେଶର ଅନେକ ଦେଶ ପର୍ଯ୍ୟନ୍ତ ସାଇବର କ୍ରାଇମର ଶକ୍ତିଶାଳୀ ଚେର ଲମ୍ବିଛି । କେବଳ ତାହା ନୁହେଁ ଏହି ଅପରାଧ ଘଟଣାରେ ଅପରାଧିମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସହାୟତା ନିଆଯାଇଥିବା ସାଇବର କ୍ରାଇମ ପୋଲିସ ଠାରୁ ସୂଚନା ମିଳିଛି । କଳାହାଣ୍ଡି ଜିଲ୍ଲାରେ ଅପରାଧୀଙ୍କ ମାୟାଜାଲରେ ଛନ୍ଦି ହୋଇ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବା ଘଟଣା ସବୁଠାରୁ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ନୂଆ ନୂଆ ତରିକାରେ ଚାଲିଛି ଠକେଇ ।ସାଇବର କ୍ରାଇମ ଦ୍ୱାରା ଶିକାର ନହେବା ପାଇଁ ଅଧିକରୁ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଜରୁରୀବୋଲି ବୁଦ୍ଧିଜୀବୀ ମହଲରେ ସରକାରଙ୍କୁ ନିବେଦନ କରାଯାଇଛି ।

# ଭୂର୍ଷାଗୁଡାରେ ଦଶରା ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ

**କୋକସରା, ୧୬ ।୧୦(ସମିସ):** କୋକସରା ବ୍ଲକ ମହିମା ପଞ୍ଚାୟତ ଭୂର୍ଷାଗୁଡା ଗ୍ରାମରେ ମାଁ ଠାକୁରାଣୀ ଦେବୀଙ୍କ ବାର୍ଷିକ ଦଶହରା ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।କୋକସରା ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ କରିଥିଲେ । ମହିମା ସରପଞ୍ଚ ଈଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ୱାର୍ଡ ସଭ୍ୟା ଭୂମିସୂତା ମାଝୀ, ୱାର୍ଡ ସଭ୍ୟ ଦୈତାରୀ ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଉପସଭାପତି ଟଙ୍କଧର ନାଏକ, ମହିମା ଗୌନ୍ତିଆ ଦୀନକୃଷ୍ଣ ପାତ୍ର, ଗରୁଡଧ୍ୱଜ ମାଝୀ, ଔରତ ମାଝୀ, ଭୋଜରାଜ କୋଚିଆ, ଦୁର୍ଜନ ମାଝୀ, ନକୁଲ ନାଏକ, ଗ୍ରାମ ପୂଜାରୀ ପୁରୁନ ପୂଝାରୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ




ଯୋଗଦେଇଥିଲେ । ପ୍ରତିଯୋଗିତାରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରଥମ ପୁରସ୍କାର ମା' କାଳୀମାଉଳି ଡ୍ୟାନ୍ସ ଗ୍ରୁପ୍ କୋଟପାଡି, ଦ୍ୱିତୀୟ ବିଆର ଡ୍ୟାନ୍ସ ଗ୍ରୁପ୍ ଭୂର୍ଷିଗୁଡା, ତୃତୀୟ ଯୁବିଏମ ଡ୍ୟାନ୍ସ ଗ୍ରୁପ୍ କଲମପୁର, ଚତୁର୍ଥ ମାଁ ଠାକୁରାଣୀ ଡ୍ୟାନ୍ସ ଗ୍ରୁପ୍ ଭାଲିଆଯୋର ଓ ପଞ୍ଚମ ପୁରସ୍କାର ମିସ୍ ପଲ୍ଲବୀ ଡାବୁଗାଁ ପ୍ରାପ୍ତ କରିଥିଲେ । ଆୟୋଜନ କମିଟିର ସଭାପତି ପଦ୍ମଲୋଚନ ମାଝୀ, ସମ୍ପାଦକ ଜିତେନ୍ଦ୍ର କୁମାର ଠାକୁର, କୋଷାଧ୍ୟକ୍ଷ ଡମ୍ବରୁଧର ନାଏକ, ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ସଭାପତି ଶିବାନ ମାଝୀ, ସମ୍ପାଦକ କ୍ଷୀରୋଦ କୁମାର ନାଏକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ସମେତ ଭୂର୍ଷାଗୁଡା ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଜିତେନ୍ଦ୍ର କୁମାର ଠାକୁର ମଞ୍ଚ ସଂଯୋଜନା କରିଥିଲେ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା, ୧୬ ।୧୦(ସମିସ):** କୋକସରା ଥାନା ଧଅାଁରପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି । ଜଣେ କଲେଜ ପଢୁଆ ଛାତ୍ରର ମୃତଦେହ ଜଙ୍ଗଲ ପାଖ ଜମି ହୁଡାରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଧଅାଁରପୁର ଗ୍ରାମର ମହେନ୍ଦ୍ର ପୋଟାଙ୍କ ପୁଅ ଘନଶ୍ୟାମ ପୋଟା (୧୮) ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ବୁଧବାର ରାତିରୁ ଘନଶ୍ୟାମ ନିଖୋଜ ହୋଇଥିବା ବେଳେ ଗୁରୁବାର ସକାଳେ ଗ୍ରାମର କିଛିଲୋକ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାପରେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ । କୋକସରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା



ସହ ଗଛରୁ ଘନଶ୍ୟାମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲେ । ପରେ ଶବ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଅନ୍ୟପଟେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ । କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି । ଏନେଇ କୋକସରା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

# ଭମରମାଲ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି'

**କେସିଙ୍ଗା, ୧୬ ।୧୦(ସମିସ):** ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ । ଏକ ବିକଶିତ ଦେଶକୁ ଆଗେଇ ନେବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ମାଧ୍ୟମ । ସେଥି ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଭମରମାଲ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଶିଲ କୁମାର ଦାସ ଙ୍କ ସଂଯୋଜନାରେ ସରକାରୀ



ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରଲସିଙ୍ଗା ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ କୃତାଞ୍ଜଳ ଗଉଡ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମାଧବ ମହଲା, ଶିକ୍ଷକ ପ୍ରଭାତ ମହଲା, କ୍ଲଷ୍ଟର ସଂଯୋଜକ ଶୁଶିଲ କୁମାର ଦାସ୍, ପରଲସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସାହୁ, ସାମ୍ବାଦିକ ଦିଲେଶ୍ୱର ମିଶ୍ର ଅତିଥି ଭାବେ ଯୋଗଦେଇ ଥିଲେ ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ବିଭୁତି ପ୍ରଧାନ ଖୁସିରାମ ସାହୁ, ପ୍ରିୟମ୍ବଦା ପରିଡ଼ା, ମାଧବୀ ସାଠୁଆ, ଲଳିତା ପାତ୍ର, ବିଭୁତି ପ୍ରଧାନ, ପ୍ରଶାନ୍ତ ନନ୍ଦ ବାଗ, ସତ୍ୟବତୀ ମକ୍ଷହାର, ଅଙ୍କ ମାଝୀ, ଏବଂ କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ଦେବଗିରି ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଚୟନ

# ସଞ୍ଜୟ ସଭାପତି, ସୁନୀଲ ସାଧାରଣ ସମ୍ପାଦକ

**ଭବାନୀପାଟଣା, ୧୬ ।୧୦ (ସମିସ):** ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଅନୁଷ୍ଠାନର ସଭାଗୃହରେ ଗୁରୁବାର ସନ୍ଧ୍ୟାରେ ଏନେଇ ଆୟୋଜିତ ବୈଠକର ସଭାପତିତ୍ୱ କରିଥିଲେ ପୂର୍ବତନ ସଭାପତି ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ । ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାବେ





ପୁନର୍ବାର ବିଜୟ କୁମାର ଧଙ୍ଗଡ଼ାମାଝୀଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଛି ।ସର୍ବସମ୍ମତିକ୍ରମେ ସଭାପତି ଭାବେରେ ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ, ଉପସଭାପତି ଭାବେ ଜୟଦ୍ରଥ ଜାଲ, ସାଧାରଣ ସମ୍ପାଦକ ଭାବେ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ଯୁଗ୍ମ ସମ୍ପାଦକ ଭାବରେ ସୁଧୀର କୁମାର ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଭାବେ ସୁରେଶ କୁମାର ଧଙ୍ଗଡ଼ାମାଝୀ, ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଧଙ୍ଗଡ଼ାମାଝୀ ଓ ସଂଗଠନ ସମ୍ପାଦକ ଭାବେ ପ୍ରକାଶ ଧଙ୍ଗଡ଼ାମାଝୀ ମନୋନୀତ ହୋଇଛନ୍ତି । ଆଗକୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ଓ ବାର୍ଷିକ ଉତ୍ସବ ପାଳନ ନେଇ ତାରିଖ ଘୋଷଣା ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି ।

### କ୍ଷିରବତୀ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ୧୯ରେ ରାସ୍ତାରୋକ

**କେସିଙ୍ଗା, ୧୬ ।୧୦(ସମିସ)**

ଗତ ସେପ୍ଟେମ୍ବର ମାସ ୧୦ ତାରିଖରେ କେସିଙ୍ଗା ଥାନା ଭମରମାଲ ଗ୍ରାମରେ ହୋଇଥିବା ଚର୍ଚ୍ଚିତ କ୍ଷୀରବତୀ ହତ୍ୟା ମାମଲାକୁ ନେଇ ସମଗ୍ର ସାହୁ ସମାଜରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅସନ୍ତୋଷ ବଢ଼ିବାର କାରଣ ଲିଖିତ ଅଭିଯୋଗରେ ଲେଖାଯାଇଥିବା ଅନ୍ୟ ୩ ଜଣଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ଧରିବାରେ ସଫଳ ହୋଇନାହିଁ । ଏଠାରେ ପ୍ରକାଶ ଠାଉକି କ୍ଷୀରବତୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କେସିଙ୍ଗା ଥାନା ରେ ଯୌତୁକ ନିର୍ଯାତନା ବଧୂ ହତ୍ୟା ଅଭିଯୋଗ ଆଣି କ୍ଷୀରବତୀଙ୍କ ସ୍ୱାମୀ, ଶଶୁର, ଶାଶୂ ଓ ନଣନ୍ଦ ନାମରେ ଲିଖିତ ଅଭିଯୋଗ କରିଥିଲେ । ଘଟଣା ଦିନ ସ୍ୱାମୀ ଜଗନ୍ନାଥଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିସାରିଥିବା ବେଳେ ବର୍ତ୍ତମାନ ମାସେରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ସୁଦ୍ଧା ଅନ୍ୟ ୩ ଜଣଙ୍କ ଟେର ପାଉନି ପୁଲିସ । ଏହାକୁ ନେଇ ଗତ ସେପ୍ଟେମ୍ବର ମାସ ୨୪ ତାରିଖରେ ମଧ କ୍ଷୀରବତୀଙ୍କ ବାପ ଘର ମ.ରାମପୁର ଥାନା ବାଞ୍ଜିପଦର ଗ୍ରାମବାସୀ ଓ ସାହୁ ସମାଜର ଅନେକ କର୍ମକର୍ତ୍ତା ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ କେସିଙ୍ଗା ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ବିରୋଧ ପ୍ରଦର୍ଶନ କରିଥିଲେ । ସେହି ସମୟରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ବିଶ୍ୱାଳ ପ୍ରଦର୍ଶନକାରୀଙ୍କ ସମ୍ମୁଖକୁ ଆସି ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ବୁଝାସୁଝା କରି ଆଉ କିଛି ଦିନ ସମୟ ମାଗିଥିଲେ । ଧାରଣାରେ ବସିଥିବା ସାହୁ ସମାଜର କର୍ମକର୍ତ୍ତାମାନେ ୧୦ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପୁଣି ଆନ୍ଦୋଳନ ଓ ରାସ୍ତାରୋକ କରାଯିବ ବୋଲି ପୁଲିସକୁ ଜଣାଇ ଥିଲେ ।ବର୍ତ୍ତମାନ ପ୍ରାୟ ୨୦ ଦିନ ବିତିଯାଇଥିଲେ ମଧ ପୁଲିସର ହାତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରି ନ ଥିବାରୁ ବାଞ୍ଜିପଦର ଗ୍ରାମ୍ୟ କମିଟି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଆସନ୍ତା ୧୯ ତାରିଖ ସକାଳ ୧୦ ଘଣ୍ଟା ସମୟରୁ ମଦନପୁର ରାମପୁର ଥାନା ଯୋରାଡବରା ଛକ ଏନ୍ଏଚ ୫୯ ଯାହା ଆଗକୁ ବୌଦ୍ଧ, ଫୁଲବାଣୀ, ବ୍ରହ୍ମପୁରକୁ ଯୋଡୁଛି ତାହାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ କରିବାକୁ ସାହୁ ସମାଜ ପକ୍ଷରୁ ଗଣମାଧ୍ୟମକୁ ଓ ସ୍ଥାନୀୟ ପ୍ରଶାସନକୁ ସୂଚନା ଦିଆଯାଇଛି ।ଆମେ ଉକ୍ତ ବିଷୟ ଉପରେ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲୁ ଅଧିକାରୀଙ୍କ କହିବା ଅନୁଯାୟୀ ଆମେ ଉକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନେକ ସ୍ଥାନରେ ରେଡ କରୁଛୁ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରାଯାଇଛି ସମ୍ଭବତଃ ବହୁତ ଶୀଘ୍ର ଅନ୍ୟ ୩ ଜଣ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିବେ ବୋଲି ପ୍ରକାଶ କରିଥିଲେ ।

# ସିଙ୍ଘଝର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ସିନାପାଲି, ୧୬ ।୧୦(ସମିସ):** ଛାତ୍ରଛାତ୍ରୀଙ୍କ ପାଖରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅନନ୍ୟ ପ୍ରୟାସ୍ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ବ୍ଲକ ସିଙ୍ଘଝର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଙ୍ଘଝର କ୍ଲଷ୍ଟରସ୍ତରୀୟ ସୁରଭି



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଙ୍ଘଝର କ୍ଲଷ୍ଟର ସିଆରସିସି ସଞ୍ଜୟ କୁମାର ବୈଠାରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ କଶ୍ୟପ, ମୁଖ୍ୟବକ୍ତା ଭାବରେ ପୂର୍ବତନ ସିଆରସିସି ଜୟକୃଷ୍ଣ ଯୋଷୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ନାୟକ, ସିଙ୍ଘଝର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମାଝୀ, ସିଙ୍ଘଝର ଗ୍ରାମର ଗହଁଟିଆ ଧରଣୀଧର ମାଝୀ, ସୁଶୀଲ କୁମାର ଯୋଷୀ, ସମାଜସେବୀ ଗୌରୀଶଙ୍କର ମାଝୀ ଓ ପ୍ରଧାନଶିକ୍ଷକ ପଦ୍ମଲୋଚନ ନାୟକ ମଞ୍ଚାସୀନ ଥିଲେ । ଏଥିରେ ମଞ୍ଚ ପରିଚାଳନା କରିଥିଲେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌତମ ମେହେର ଓ ପରିଶେଷରେ ଶିକ୍ଷକ ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ରଚନା, ବକ୍ତୃତା, ନୃତ୍ୟ, ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ସମେତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ନିଷ୍ଠାର ସହିତ ବିଭିନ୍ନ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ଥିଲେ ।

# ଦୁର୍ଗମର ଅଭିଶପ୍ତ ଗାଁ ବଡ଼ମୂଳା
# ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ





## ଜଳ, ବିଦ୍ୟୁତ୍, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ ସବୁ ଅପହଞ୍ଚ

**ସିନାପାଲି, ୧୬ ।୧୦(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘାଟମାଳ ପଞ୍ଚାୟତର ଦୁର୍ଗମ ବଡ଼ମୂଳା ଗ୍ରାମରେ ମୌଳିକ ସମସ୍ୟା ଅପହଞ୍ଚ ହୋଇ ରହିଛି । ଜଳ, ବିଦ୍ୟୁତ୍, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ ସୁବିଧାରୁ ଦୁର୍ଗମ ଅଞ୍ଚଳବାସୀ ଆଜି ବି ବଞ୍ଚିତ ହୋଇ ରହିଛନ୍ତି । ଅନେକ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ କାଟୁଛନ୍ତି ।ପ୍ରଶାସନର ଦୂରଦୃଷ୍ଟି ଅଭାବ ସାଙ୍ଗକୁ ଉଦାସୀନତା ମନୋଭାବ ଯୋଗୁଁ ଗାଁ କୁ ବିକାଶ ଛୁଇଁ ପାରିନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରସାଶନର ନଜର ପଡୁନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ସରକାରୀ ଯୋଜନା ଠାରୁ ବହୁ ଦୂରରେ ଥିବା ପାହାଡି ଗାଁ ବଡମୂଳା ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ । ଏଠାରେ ଆଦିବାସୀ ଶ୍ରେଣୀର ଲୋକେ ବସବାସ କରୁଛନ୍ତି । ଏକ ଅଣ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଅନେକ ସମସ୍ୟା ରହିଛି । ସମସ୍ତେ ଗରୀବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନଯାପନ କରୁଛନ୍ତି । ବଣ ଜଙ୍ଗଲରେ ଆଶ୍ରୟ ନେଇ ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି । ଏହି ଗାଁର ଲୋକେ ଜଙ୍ଗଲ ଜମି କୁ ଦଖଲ କରି ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଚାଷବାସ କରି ଯାହା ଉପାର୍ଜନ କରନ୍ତି ସେଥିରେ ପରିବାର ବହୁ କଷ୍ଟରେ ଚଳୁଛି । ଗ୍ରାମର ଅନେକ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ ।ଯାହା ଫଳରେ ଭଙ୍ଗା ଦଦରା ଝାଟିମାଟି କୁଡିଆରେ ପଲିଥିନ ଢାଙ୍କି ଦୁଃସ୍ଥ ଜୀବନଯାପନ କରୁଛନ୍ତି । ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏଠାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉ ନ ଥିବା ବେଳେ ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ରହିଛି ।ଗୋଟିଏରେ ଆବଶ୍ୟକ ପାଣି ବାହାରୁ ନ ଥିବା ବେଳେ ଫ୍ଲୋରାଇଡ ଯୁକ୍ତ ଯୋଗୁଁ ବାଧ ହୋଇ ଜଙ୍ଗଲି ଝରଣା ପାଣି ବ୍ୟବହାର କରୁଥିବା ଲୋକେ ପ୍ରକାଶ କରିଛନ୍ତି । ଫ୍ଲୋରାଇଡ ବହୁଳ ଅଞ୍ଚଳ ହୋଇଥିବା ବେଳେ ବାଧ ହୋଇ ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି । ତାହାବି ଗ୍ରୀଷ୍ମ ଋତୁରେ ଶୋଷ ମେଣ୍ଟାଇ ପାରେନି । ଗ୍ରାମକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ । ଜଙ୍ଗଲି ମାଟି ପଥର ରାସ୍ତା ଉପରେ ନିର୍ଭର କରନ୍ତି । ଯାହାଫଳରେ ଅନେକ ସମୟରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମରେ ଅନେକ ଶିଶୁ ପ୍ରାକ୍ ଶିକ୍ଷା ରୁ ବଞ୍ଚିତ ହୋଇ ରହିଛନ୍ତି । ମିନି ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି ବୋଲି କ୍ଷୋଭର ସହ ଗ୍ରାମବାସୀ କହିଛନ୍ତି । ୪ କିଲୋମିଟର ଦୂରରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ଜଙ୍ଗଲି ରାସ୍ତାରେ ଶିଶୁମାନଙ୍କୁ ନେବା ଆଣିବା ଅସମ୍ଭବ ହୋଇ ପଡ଼ିଛି ।ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ । ଅନ୍ଧାରୀମୂଳକରେ ରହି ଅନ୍ଧାରୀ ଜୀବନ ବିତାଉଛନ୍ତି । ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ମୋବାଇଲ ସେବା ପାଇବାରେ ବଞ୍ଚିତ ହୁଅନ୍ତି । ଛତିଶଗଡ଼ ଓ ଓଡ଼ିଶାର ଶେଷ ସୀମାରେ ଅବସ୍ଥିତ ଏହି ଗାଁରେ ଅନେକ ସମସ୍ୟା ରହିଛି । ହେଲେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସମସ୍ୟା ଭିତରେ ବୁଡ଼ି ରହିଛନ୍ତି । ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଉପାନ୍ତ ବଡ଼ମୂଳାବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇ ପଡ଼ିଛି ବୋଲି ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଘାଟମାଳ ସରପଞ୍ଚ ଟେକରାମ ମାଝିଙ୍କୁ ପଚାରିବାରୁ ଏହି ଗାଁ ରାସ୍ତା ପାଇଁ ମନରେଗା ଯୋଜନାରେ ସାମିଲ କରାଯିବ ।ଏହି ଅଞ୍ଚଳ ବନବିଭାଗ ଅଧିନରେ ରହୁଥିବାରୁ ଅସୁବିଧା ହେଉଛି । ବନ ବିଭାଗ ଅନୁମତି ଦେଉ ନ ଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଛି । ଏହି ଅଞ୍ଚଳର ଅନେକ ରାସ୍ତା ଏଭଳି ସମସ୍ୟା ଯୋଗୁଁ ହେଇ ପାରୁ ନାହିଁ । ବାରମ୍ବାର ଅନୁମତି ପାଇଁ ବନବିଭାଗକୁ ମଧ୍ୟ ଜଣାଇ ସାରିଛି ବୋଲି କହିବା ସହ ପାନୀୟଜଳ ଦୂର ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଛି ବୋଲି କହିଛନ୍ତି ।

# ବଚସାରୁ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

**ଲାଞ୍ଜିଗଡ଼, ୧୬ ।୧୦ (ସମିସ):** ଲାଞ୍ଜିଗଡ଼ ଥାନା ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ରାୟଗଡ଼ା ଜିଲ୍ଲା ବିଷମକଟକ ଅନ୍ତର୍ଗତ ଭାଟଗୁଡା ଗ୍ରାମରେ ଟାଙ୍ଗିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛି । ଘଟଣାରେ ଗୁରୁବାର ଅଭିଯୁକ୍ତ କୁନାଲ ଲୋହୋରା(୨୧)କୁ କୋର୍ଟ ଚାଲାଣ କରିଛି ବିଷମକଟକ ପୁଲିସ । ସୂଚନାନୁସାରେ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି



ନିର୍ମାଣ କାର୍ଯ୍ୟ ଚାଲୁ ଥିବା ବେଳେ ଲାଞ୍ଜିଗଡ଼ ଥାନାବଳଭଦ୍ରପୁର ଗ୍ରାମର ଚାରିଜଣ ଯୁବକ ସେଠାରେ ଶ୍ରମିକ ଭାବେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ । ଚାରିଜଣ ଯୁବକ କୁନିଲ ଲୋହାରଓ, ଲଳିତ ମାଝୀ, ଦିଲ୍ଲୀପ ଲୋହାରଓ, କୁଣୁଯା ମାଝୀ ରହିଥିବା ଜଣାପଡ଼ିଛି । କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ବଳଭଦ୍ରପୁର ଗ୍ରାମର ସୀତା ଲୋହାରାଙ୍କ ପୁତ୍ର କୁନାଲ ଲୋହୋରା(୨୧) ସେମାନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲା । ଆକ୍ରମଣରେ ଗୋବିନ୍ଦ ଲୋହାରଓଙ୍କ ପୁତ୍ର ଦିଲ୍ଲୀପ ଲେକ୍ଷହରା (୨୮) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳ ଅରକ୍ଷିତ ମାଝୀଙ୍କ ପୁତ୍ର ଲଳିତ ମାଝି(୨୨) ଗୁରୁତର ଆହତ ହୋଇ ଚିତ୍କାର ହେଉଥିଲେ । ଚିତ୍କାର କଥା ଶୁଣି ଭାଟଗୁଡା ଗ୍ରାମର ସ୍ଥାନୀୟଲୋକେ ପହଞ୍ଚି ବିଷମକଟକ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରୁ ପହଞ୍ଚି ମୃତଦେହକୁ ଉଦ୍ଧାର କରି ମେଡିକାଲକୁ ପଠାଇବା ସହ ହତ୍ୟାକାରିକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଥିଲା । ଶବ ବ୍ୟବଛେଦ ପରେ ପରିବାର ଲୋକେ ବଳଭଦ୍ରପୁର ଗାଁକୁ ଆଣିବା ପରେ ଶବଦାହ କରାଯାଇଥିଲା । ଏହାକୁ ନେଇ ଥାନାରେ ପଚରା ଉଚୁରା ପରେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା କରିଥିବା ସ୍ୱୀକାର କରିଥିବା ବେଳେ ଅଭିଯୁକ୍ତ କୁନାଲ ଲୋହୋରାକୁ ଗୁରୁବାର କୋର୍ଟ ଚାଲାଣ କରିଥିବା ବିଷମକଟକ ଥାନାଧିକାରୀ ସୂଚନା ଦେଇଛନ୍ତି ।

# କଲମପୁର କ୍ଲଷ୍ଟରସ୍ତରୀୟ 'ସୁରଭି'କାର୍ଯ୍ୟକ୍ରମ




**କଲମପୁର, ୧୬ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଆଞ୍ଚଳିକ ସାଧନକେନ୍ଦ୍ର କଲମପୁର ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଗୁଡିକରେ କ୍ଲଷ୍ଟର ଅନ୍ତର୍ଗତ ୧୬ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ପ୍ରଥମ ଅଧିବେଶନ ସଭାରେ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାହୁଲ କୁମାର ସାହୁ ଅଧ୍ୟକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମ୍ମାନିତ ଅତିଥି ଭାବରେ ଅଶ୍ୱିନୀ କୁମାର ମୁଣ୍ଡ ପ୍ରଧାନ ଶିକ୍ଷକ ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ମାନିତ ବକ୍ତାଭାବେ ମନ୍ମଥ କୁମାର ମିଶ୍ର ପ୍ରଧାନଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାତ୍ରବସା, କାର୍ଯ୍ୟକ୍ରମର ସଭାପତି ଭାବେ ସନ୍ତୋଷ କୁମାର ଚୌଧୁରୀ ପ୍ରଧାନ ଶିକ୍ଷକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଣ୍ଡିଗାଁ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କଲମପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ, ସଭାପତି ଭାବେ ଦେବରାଜ ବେମାଲ ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଲମପୁର, ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ମାଝୀ ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୋଟେସ, ସମ୍ମାନିତ ବକ୍ତା ଭାବେ ନକୁଲ ଚନ୍ଦ୍ର ଶବର ଯୋଗ ଦେଇଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କଲମପୁର ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଅତିଥି, ବକ୍ତାଗଣ ଶିଶୁକଳା ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ପରିପ୍ରକାଶ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରିଶେଷରେ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଚୌଧୁରୀ ମଞ୍ଚ ପରିଚାଳନା କରି ସମସ୍ତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲମପୁର କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଅଧ୍ୟାପକଙ୍କ ପିତୃ ବିୟୋଗ

**ଭବାନୀପାଟଣା, ୧୬ ।୧୦(ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କ ପିତା ଗଗନବିହାରୀ ମୁଣ୍ଡ (୭୯)ଙ୍କ ବୁଧବାର



ପୋଲକାମୁଣ୍ଡାଗ୍ରାମସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି । ସ୍ୱର୍ଗତ ମୁଣ୍ଡ ବିଗତ କିଛି ମାସ ହେଲା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ ।ସ୍ୱର୍ଗତ ମୁଣ୍ଡ ଜଣେ ଅମାୟିକ ଧର୍ମପ୍ରାଣ ଓ ସମାଜ ସଂସ୍କାରକ ଥିଲେ । ପୋଲକାମୁଣ୍ଡା ଗ୍ରାମ ଶ୍ମଶାନରେରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।ଜ୍ୟେଷ୍ଠ ପୁତ୍ର ପ୍ରବୀଣ ମୁଖଗ୍ନି ଦେଇଥିଲେ ।ତାଙ୍କର ବିୟୋଗରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ଭବେନ୍ଦ୍ର ପଣ୍ଡା ହେଲେ ବିଜେପି ରାଜ୍ୟ ଉପସଭାପତି



**ଭବାନୀପାଟଣା, ୧୬ ।୧୦(ସମିସ):** ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଅନୁମୋଦନ କ୍ରମେ ଗୁରୁବାର ରାଜ୍ୟର ବିଭିନ୍ନ ଜିଲାର ୧୦ଜଣ ବରିଷ୍ଠ ନେତାଙ୍କୁ ରାଜ୍ୟ ଉପସଭାପତି ଭାବେ ନାମ ଘୋଷଣା କରାଯାଇଛି । ଏହି ତାଲିକାରେ କଳାହାଣ୍ଡି ଜିଲାରୁ ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡାଙ୍କ ନାମ ରହିଛି । ରାଜ୍ୟ ସଭାପତି ସାମଲ ଭବେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ଉପସଭାପତି ଭାବେ ଅନୁମୋଦନ କରିଥିବାରୁ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।

# ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

**କୋକସରା, ୧୬ ।୧୦(ସମିସ):** କୋକସରା ବ୍ଲକ ଆମପାଣି ବୁଢ଼ାରଜା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି । ପ୍ରଧାନଶିକ୍ଷକ ସୁରଜ୍ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୋଷାକ ବିତରଣ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ଲେଖାଏଁ ପୋଷାକ ବଣ୍ଟନ କରିଥିଲେ । ସ୍କୁଲ କମିଟିର ସଦସ୍ୟା କ୍ଷତିସୂତା ପଟେଲ, ଅଭିଭାବକ ଦୁଃଖେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ପ୍ରତାପ ତ୍ରିପାଠୀ ଯୋଗଦେଇଥିଲେ । ଶିକ୍ଷକ ଭାଗ୍ୟବାନ ବାଗ, ଲୋକନାଥ ରାଉତ, ଲୋକନାଥ ସାହୁ, ନମିତା ରାଣୀ ବାଗ, ସେବକ ଉଦିତ ପୁଝାରୀ ଓ ନବୀନ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।



# ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷାଙ୍କ ଘରୁ ଚୋରି

**କେସିଙ୍ଗା, ୧୬ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ କେସିଙ୍ଗା ବାସଭବନରୁ ଚୋରି





ହୋଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି ।ପ୍ରାପ୍ତ ସୂଚନା ଅନୁଯାୟୀ ବୁଧବାର ରାତିରେ କେସିଙ୍ଗା ୱାର୍ଡ ନଂ୧୦ରେ ରହୁଥିବା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁଙ୍କ ଘର କିଛି ଦୁର୍ବୃତ୍ତ କିଛି ଦୁର୍ବୃତ୍ତ ଘରର ପଛ ପଟ ଝରକା ଗ୍ରିଲ୍ ଭାଙ୍ଗି ଘରେ ପଶି ଦୁଇଟି ଆଲମୀରା ଭାଙ୍ଗି ସୁନା କାନଫୁଲ, କାମର ଝିକା, ଛୁଆଙ୍କ ଦୁଇଟି ସୁନା ଚେନ, ମଙ୍ଗଳସୂତ୍ର, ଦୁଇଟି ସୁନାମୁଦି, ରୂପାର ଚାରି ଗୋଟି ପାଉଁଜି, ତିନୋଟି ରୂପା ବଳା ଓ ବ୍ରେସଲେଟ ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ ଅଛି । ଲିଖିତ ଅଭିଯୋଗ ଅନୁଯାୟୀ ବୁଧବାର ରାତି ପ୍ରାୟ ୧୧ ଟା ବେଳେ ପରିବାରର ସମସ୍ତେ ଶୋଇବାକୁ ଯାଇଥିଲେ । ଗୁରୁବାର ଭୋର ୫ ଟା ରେ ଉଠିଲା ବେଳକୁ ଘର ଭିତରେ ଥିବା ସମସ୍ତଙ୍କ ଘର ସାମ୍ନାପଟୁ ବନ୍ଦ ପଡ଼ିଛି । ପରେ ତାଙ୍କ ଡ୍ରାଇଭର ଓ ଆଉ ଜଣେ ପୁଅ ଅନ୍ୟ ଘରେ ଶୋଇଥିବାରୁ ତାଙ୍କୁ ଫୋନ୍ କଲାପରେ ସେମାନେ ଆସି ଉପର ପଟୁ ଘର ଭିତରକୁ ଯାଇ ସମସ୍ତଙ୍କୁ ଉଦ୍ଧାର କରି ଥିଲେ । ଘରୁ ଚୋରି ହୋଇଛି ଜାଣି କେସିଙ୍ଗା ଥାନାକୁ ଫୋନ୍ କରିଥିଲେ । ପୁଲିସ ଓ ଭବାନୀପାଟଣା ସାଇନ୍ଟିଫିକ ଟିମ୍ ଆସି ମଧ୍ୟ ତଦନ୍ତ ଆରମ୍ଭ କରିଛି ।ତେବେ ପାଖରେ ଥିବା ଏକ ସିସିଟିଭି ରେ ଜଣେ ଚୋରକୁ ଦେଖିବାକୁ ମିଳୁଛି ମୁହଁରେ ଗାମୁଛା ବାନ୍ଧି ଘର ପାଖରେ ବୁଲୁ ଥିବା ସ୍ପଷ୍ଟ ଦେଖାଯାଉଛି ।

# ଲକ୍ଷ୍ମୀ ବିକାଶ ହାଇୟର ଏଡୁକେସନାଲ୍ ଇନ୍ଷ୍ଟିଚ୍ୟୁସନରେ ୱର୍କସପ୍

**ଭବାନୀପାଟଣା, ୧୬ ।୧୦(ସମିସ):** ୧୬ ଅକ୍ଟୋବର୨୦୨୫ ରୁ ୧୮ ଅକ୍ଟୋବର୨୦୨୫ ଲକ୍ଷ୍ମୀ ବିକାଶ ହାଇଅର୍ ଏଡୁକେସନାଲ୍ ଇନ୍ଷ୍ଟିଚ୍ୟୁସନ (ବିସିଏ ବିଭାଗ) ଦୁଇ ଦିନିଆ ୱର୍କଶପ୍ ଓ ହ୍ୟାକାଥନର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ନବୀନତା, ଶିକ୍ଷା



ଓ ସହଯୋଗିତାର ଏକ ସୁନ୍ଦର ସଂମିଳନ ରୂପେ ଛାତ୍ରଛାତ୍ରୀ ଓ ପ୍ରଯୁକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ର କରିଛି ।କାର୍ଯ୍ୟକ୍ରମର ମୁଖ୍ୟଅତିଥି ଡ଼ଃ ବସନ୍ତ କୁମାର ସ୍ୱାଇଁ, ଆସିଷ୍ଟାଣ୍ଟ ପ୍ରୋଫେସର, (କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ), ଗଭର୍ନମେଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ, କଳାହାଣ୍ଡି ଉପସ୍ଥିତ ଥିଲେ । ସେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ନବୀନତା ଓ ଉଦୟମାନ ପ୍ରଯୁକ୍ତି ବିଷୟରେ ଅତ୍ୟନ୍ତ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ । ତାପରେ ଟେକ୍ନିକାଲ୍ ସେସନଗୁଡ଼ିକ ଆୟୋଜିତ ହୋଇଥିଲା, ଯାହାକୁ ପରିଚାଳନା କରିଥିଲେ ପ୍ରସିଦ୍ଧ ରିସୋର୍ସ ପର୍ସନ୍ ଦିନେଶ କୁମାର ବାଲ୍କି, ଏଆଇ ଜେନେରାଲିଷ୍ଟ, ବ୍ରେନଭିଜନ୍ ଓ ସିଡିଭି. ଶିବ ପ୍ରସାଦ(ଏଆଇ/ଏମଏଲ୍ ଡିଭେଲପର୍ ଆଟ୍ ବ୍ରେନଭିଜନ୍) ସେମାନେ ଛାତ୍ରଛାତ୍ରୀଙ୍କୁ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ମେସିନ୍ ଲର୍ନିଂ ଓ ହ୍ୟାକାଥନ୍ ସମ୍ବନ୍ଧିତ ପ୍ରାୟୋଗିକ ଚ୍ୟାଲେଞ୍ଜ ବିଷୟରେ ଆକର୍ଷଣୀୟ ଓ ଆନ୍ତର୍କ୍ରିୟାନକ ଅଧିବେଶନ ମାଧ୍ୟମରେ ଶିକ୍ଷା ଦେଇଥିଲେ । ସେମାନଙ୍କ ଉପସ୍ଥାପନା ଛାତ୍ରମାନଙ୍କୁ ନବୀନ ଭାବରେ ଚିନ୍ତା କରିବା ଓ ବାସ୍ତବଜଗତର ସମସ୍ୟା ଦୃଷ୍ଟିରେ ସମାଧାନ ଖୋଜିବା ପାଇଁ ପ୍ରେରିତ କରିଥିଲା । କାର୍ଯ୍ୟକ୍ରମରେ ଡାଇରେକ୍ଟର ଡି. ରାମ କୁମାର, ପରିଚାଳନା ସଦସ୍ୟା ଡି.ପଦ୍ମିନୀ, ପ୍ରିନ୍ସିପାଲ୍ ଡା.ସୁଦୀପ୍ତ କୁମାର ଜାନା ଓ ଶିକ୍ଷକମାନେ ପୁଜାରାଣୀ ନାୟକ, ଜ୍ୟୋତି ପଣ୍ଡା ଓ କୁମାର ମନ୍ଥନ ସାହୁଙ୍କ ସମ୍ମାନିତ ଉପସ୍ଥିତି ରହିଥିଲା । ସେମାନଙ୍କ ନେତୃତ୍ୱ ଓ ସହଯୋଗ ଦ୍ୱାରା କାର୍ଯ୍ୟକ୍ରମ ସଫଳତା ଲାଭ କରିଥିଲା । ଛାତ୍ରମାନେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଅଧିକ ଉତ୍ସାହମୟ ଓ ସହଯୋଗିତାପୂର୍ଣ୍ଣ କରିଥିଲେ । ୱର୍କଶପ୍ ଓ ହ୍ୟାକାଥନ ଛାତ୍ରମାନଙ୍କ ପାଇଁ ତାଙ୍କର ଟେକ୍ନିକାଲ୍ ଦକ୍ଷତା ବିକଶିତ କରିବା, ସୃଜନଶୀଳ ଉପାୟ ଖୋଜିବା ଓ ଦଳୀୟ ମେଳମିଶାର ମାହାତ୍ମ୍ୟ ଅନୁଭବ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା । କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ଦଳମାନଙ୍କୁ ସମ୍ମାନିତ କରାଗଲା ଓ ସମସ୍ତ ଅଂଶଗ୍ରାହୀ ଓ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ସହିତ ଅନୁଷ୍ଠାନର ଶେଷ ହେଲା ।

# ଶାରଳା ପରିବାର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ରାଉରକେଲା, ୧୬।୧୦(ସମିସ):** ଶାରଳା ପରିବାର ପକ୍ଷରୁ ସେକ୍ଟର -୨୦, ଡି ବ୍ଲକ ସୋମନାଥ ମନ୍ଦିର ପରିସରକୁ ସଫେଇ




କରାଯାଇଥିଲା । ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ଟାଉନସିପକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଶାରଳା ପରିବାର ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶାରଳା ପରିବାରର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । କେବଳ ମନ୍ଦିର ପରିସରକୁ ନୁହେଁ ସମ୍ପୂର୍ଣ୍ଣ ଡି ବ୍ଲକକୁ ସଫା କରିବା ପାଇଁ ଶାରଳା ପରିବାର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଶାରଳା ପରିବାରର ସଭାପତି ପ୍ରଭାତ କିଶୋର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, କବିନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପତି, ପ୍ରଫୁଲ୍ଲ ଭୋଇ, ନିରଞ୍ଜନ ମହାପାତ୍ର, ସୁଧାଂଶୁ ସୁତାର, ମନ୍ଦିର କୋ-ଟ୍ରଷ୍ଟି ସନାତନ ଭଦ୍ର, ସଭାପତି ଅର୍ଜୁନ କୁମାର ଭୋଇଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ସଫେଇ କରିଥିଲେ ।

# ରାଉରକେଲା ଏବିଭିପିର ମହାନଗର ସମ୍ମିଳନୀ

**ରାଉରକେଲା, ୧୬।୧୦(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଉରକେଲା ମହାନଗର ତରଫରୁ ସେକ୍ଟର-୨ ସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟଠାରେ ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମହାନଗର ଉପସଭାପତି ସୌମ୍ୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହାନଗର ସମ୍ମିଳନୀରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ମହାନଗର କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା । ମୁଖ୍ୟଅତିଥି ଭାବରେ ଏବିଭିପିର ଜନଜାତି କାର୍ଯ୍ୟ ଅଖିଳ ଭାରତୀୟପ୍ରମୁଖ ପ୍ରମୋଦ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଉପସ୍ଥିତ ଥିଲେ । ରାଉରକେଲାର ୧୨ ଟି ଶିକ୍ଷା ଅନୁଷ୍ଠାନରୁ ୧୭୩ ଜଣ ବିଦ୍ୟାର୍ଥୀ ଉପସ୍ଥିତିରେ ଚଳିତ ବର୍ଷର ନୂତନ ମହାନଗର ସଭାପତି ଭାବେ ବିପିୟୁଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦେବାଶ୍ରୀତ ଦାସ ଓ ମହାନଗର ସମ୍ପାଦକ ଭାବରେ ମୁନ୍ସିପାଲ ମହାବିଦ୍ୟାଳୟର ଛାତ୍ରନେତା ପୃଥିବୀରାଜ ଝାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସୌମ୍ୟରଞ୍ଜନ ପ୍ରଧାନ, ସହ ସମ୍ପାଦକ ଭାବେ କୁନାଲ ବିଶ୍ୱକର୍ମା, ରବି ଗିରି, ସନ୍ତୋଷ ମହାତୋ, ଅଜୟ କୁମାର ଯାଦବ, ଶୁଭ୍ରାଂଶୁ ରଞ୍ଜନ ସାହୁ, ଟିଟନ ଭୂତୀୟା, ସିଡିଡି ପ୍ରମୁଖ ବିରଞ୍ଚି ବାରିକ, ଖେଳ ପ୍ରମୁଖ ଆଶୁତୋଷ ବେହେରା, ସାଂସ୍କୃତିକ ପ୍ରମୁଖ ନରୋତ୍ତମ ସାହୁ, ସେବା ପ୍ରମୁଖ ପ୍ରଜ୍ଞାନ ପରିଡ଼ା, ସାମାଜିକ ଗଣମାଧ୍ୟମ ପ୍ରମୁଖ ସାଇଶ୍ରୀ ମହାନ୍ତି ଆଦି ୩୦ ଜଣ ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଥିଲା । ବିଦ୍ୟୋତୋମା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁମିତ କୁମାର ରାଜ, ଆଶିଷ ଦାସ, ଅକ୍ଷୟ ପାତ୍ର, ପୁନାଲ ସାହୁ, ଜୀବନଜ୍ୟୋତି ରାଉତ, ଆଦିତ୍ୟ ଚୌଧୁରୀ, ଆରୁସୀ ସେନାପତି, ସସ୍ମିତା ସେଠୀ, ସୋନାଲି ଘୋରାଇ ପ୍ରମୁଖ ପରିଚାଳିତ କରିଥିଲେ ।



## ଜବତ କେନ୍ଦୁପତ୍ର ଛାଡିବାକୁ କୋର୍ଟର ନିର୍ଦ୍ଦେଶ
# କେନ୍ଦୁପତ୍ର ନଷ୍ଟ ଅଭିଯୋଗ କଲେ ଗ୍ରାମସଭା ସଦସ୍ୟ

**କୋକସରା, ୧୬ ।୧୨(ସମିସ)**

ଜଙ୍ଗଲ ଅଧିକାର ଆଇନ ୨୦୦୬ ପ୍ରାବଧାନ ଅନୁଯାୟୀ କୋକସରା ବ୍ଲକର ପିପଲଝାପର ଓ ବୋରପଦର ଗ୍ରାମସଭାଙ୍କ ଦ୍ୱାରା ସଂଗୃହିତ କେନ୍ଦୁପତ୍ର (୧୧୦ଟି କେନ୍ଦୁପତ୍ର ବସ୍ତା) ଗୁଡିକୁ କିଣି କମ୍ପାନୀ ଟ୍ରକ୍ ମାଧ୍ୟମରେ ଅନ୍ୟତ୍ର ଚାଲାଣ କରୁଥିବା ସମୟରେ ତାହାକୁ ବେଆଇନ ଚାଲାଣ ହେଉଥିବା ଦର୍ଶାଇ ଗତ ୦୨.୦୫.୨୦୨୫ ରେ ଧର୍ମଗଡ଼ ବନାଞ୍ଚଳ ଅନ୍ତର୍ଗତ ବେହେରା ସେକ୍ସନର ବନପାଳ ଦ୍ୱାରା ଜବତ କରାଯାଇଥିଲା ଏବଂ ବନାଞ୍ଚଳ ଅଧିକାରୀ ଧର୍ମଗଡ଼ ତାହାକୁ କୋର୍ଟ ଚାଲାଣ କରିଥିଲେ । ସେ ସମୟରେ ଏହି ଜବତକୁ ବେଆଇନ ଦର୍ଶାଇ କଳାହାଣ୍ଡି ଜିଲ୍ଲାର ଗ୍ରାମସଭାମାନେ ଏବଂ ସେମାନଙ୍କର ବ୍ଲକ ଓ ଜିଲ୍ଲାସ୍ତରୀୟ ଗ୍ରାମସଭା ମହାସଂଘ ତରଫରୁ



ଆମପାଣି ଠାରେ ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଥିଲେ । ବନ ବିଭାଗ ଦ୍ୱାରା ଜବତ କରା ଯାଇଥିବା ୧୧୦ଟି କେନ୍ଦୁପତ୍ର ବସ୍ତାକୁ କେନ୍ଦୁପତ୍ର କିଣିଥିବା କମ୍ପାନୀ ଶୀଘ୍ର ହସ୍ତାନ୍ତର କରିବା ପାଇଁ ମାନ୍ୟବର ଜେଏମଏଫସି କୋର୍ଟରେ ନିବେଦନ କରିଥିଲେ । ଏହାକୁ ବିଚାରକୁ ନେଇ ମାନ୍ୟବର ଜେଏମଏଫସି କୋର୍ଟ ଜବତ ହୋଇ ଥିବା ସମସ୍ତ ୧୧୦ଟି କେନ୍ଦୁପତ୍ର ବସ୍ତାଗୁଡିକୁ ସମ୍ପୃକ୍ତ ବ୍ୟବସାୟୀ/ କ୍ରେତାଙ୍କୁ ହସ୍ତାନ୍ତର କରିବା ପାଇଁ ତାଙ୍କ ପତ୍ର ସଂଖ୍ୟା ୧୧୩୪ ତା ୨୪.୦୯.୨୦୨୫ ରିଖ ମତେ ବନାଞ୍ଚଳ ଅଧିକାରୀ ଧର୍ମଗଡ଼ଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ଜବତ ୧୧୦ ବସ୍ତା କେନ୍ଦୁପତ୍ର ଗୁଡିକୁ ତୁରନ୍ତ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବା ପାଇଁ ଦକ୍ଷିଣ ବନଖଣ୍ଡ ଅଧିକାରୀ କଳାହାଣ୍ଡି (ପତ୍ର ସଂଖ୍ୟା - ୩୬୨, ତା ୧୦.୧୦.୨୦୨୫) ଧର୍ମଗଡ଼ ବନାଞ୍ଚଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ କେନ୍ଦୁପତ୍ର କିଣିଥିବା ବ୍ୟବସାୟୀଙ୍କୁ ବନ ବିଭାଗ ଦ୍ୱାରା ଜବତ କରାଯାଇ ଥିବା ସମସ୍ତ ୧୧୦ଟି କେନ୍ଦୁପତ୍ର ବସ୍ତାକୁ ହସ୍ତାନ୍ତର କରିଛନ୍ତି । ତେବେ ଦିର୍ଘ ମାସ ଧରି କେନ୍ଦୁପତ୍ର ଟ୍ରକ୍ ମଧ୍ୟରେ ପଡ଼ି ରହିବାରୁ ତାହା ନଷ୍ଟ ହୋଇଯାଇଥିବା ନେଇ ୨ ଗ୍ରାମସଭା ସଦସ୍ୟମାନେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯ - ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮ - ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯ -ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ଧୂପକାଠି ଧୂଆଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ




ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି । ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ । ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ’ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ , ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି , ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।




## ‘ନୋ ଏଣ୍ଟ୍ରି ୨’ ଛାଡ଼ିଲେ ବରୁଣ



‘ନୋ ଏଣ୍ଟ୍ରି ୨’ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। ‘ନୋ ଏଣ୍ଟ୍ରି ୨’ ୨୦୦୫ରେ ଆସିଥିବା ଫିଲ୍ମ ‘ନୋ ଏଣ୍ଟ୍ରି’ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନ୍‌ଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ ‘ଭେଡିୟା ୨’ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ ‘ନୋ ଏଣ୍ଟ୍ରି ୨’ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ ‘ବର୍ଡର ୨’ ଫିଲ୍ମରେ ନଜର ଆସିବେ।

## ସଞ୍ଜୀବନୀ

## ବିଶ୍ୱ ଆଘାତ ଦିବସ



**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ଶିଶୁ କର୍କଟ

### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ । ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ । ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା’ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

**ଲକ୍ଷଣକୁ ବୁଝନ୍ତୁ:** ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା’ ମାନେ ସ୍କ୍ରିନିଂ କରାଇ ପାରିବେ।

**କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ:** ତେଲ ଛଣା,ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା’ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିଠୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ସ୍ମାର୍ଟ ଡେଣ୍ଟାଲ ମେସିନ୍

## ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ




ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍ -ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।



■ ମହିଳା ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ

ବିଶାଖାପାଟଣା,୧୬।୧୦(ଏଜେନ୍ସି): ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଏହାର ଅଧା ବା ୨୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓପନର, ୱିକେଟ ରକ୍ଷକ ତଥା ଅଧିନାୟକ ଆଲିସା ହିଲି ୭୭ ବଲ୍‌ରେ ୨୦ ଚୌକା ସହ ୧୧୩ ଏବଂ ତାଙ୍କ ପାର୍ଟନର ଫୋଏବ୍ ଲିଚ୍‌ଫିଲ୍ଡ ୭୨ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ପ୍ରଥମ ୱିକେଟ ଭାଗୀଦାରିରୁ ୨୦୨ ରନ୍ ଉଠାଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ସଂଗ୍ରହ କରି ଟେବଲର ଶୀର୍ଷସ୍ଥାନରେ ରହିଛି। ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଜିତିଥିଲେ ମଧ୍ୟ ବାଂଲାଦେଶ ଇନିଂସରେ ୧୦ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୨ଟି ୱିକେଟ ନେଇଥିବା ଆଲାନ କିଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ବାଂଲାଦେଶ ଇନିଂସରେ ଶୋଭନା ମୋସ୍ତାରି ଅପରାଜିତ ୬୬ ଓ ରୁବେୟା ହାଇଦର ୪୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର, ଆନାବେଲ ସଦରଲାଣ୍ଡ, କିଙ୍ଗ୍ ଓ ଜର୍ଜିଆ ୱେରହାମ୍ ୨ଟି ଲେଖାଏଁ ୱିକେଟ ନେଇ ବାଂଲା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।



| ଆଜିର ମ୍ୟାଚ୍ |
|---|
| ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା |
| ସ୍ଥାନ- କଲମ୍ବୋ |
| ଖେଳ ଆରମ୍ଭ- ଅପରାହ୍ଣ ୩ଟା |
| ପ୍ରସାରଣ- ଷ୍ଟାରସ୍ପୋର୍ଟ୍ସ |

## ସୁପର କପ୍‌ରୁ ଓହରିଲା ରିଅଲ କାଶ୍ମୀର

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଦଳର ବିଦେଶୀ ଖେଳାଳିଙ୍କୁ ଭିସା ମିଳିବାରେ ବିଳମ୍ବ ହେବାରୁ ଶ୍ରୀନଗର ଭିତ୍ତିକ ଫୁଟବଲ କ୍ଲବ୍ ରିଅଲ କାଶ୍ମୀର ୨୦୨୫-୨୬ ଏଆଇଏଫ୍ଏଫ୍ ସୁପର କପ୍‌ରୁ ଓହରିଯାଇଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଏହି ଦଳ ଟୁର୍ଣ୍ଣାମେଣ୍ଟର ଆରମ୍ଭ ହେବାର ଅଳ୍ପଦିନ ପୂର୍ବରୁ ଓହରିଯାଇଛି। ରିଅଲ କାଶ୍ମୀର ଏଫ୍‌ସି ସ୍ଥାନରେ ଡେମ୍ପୋ ସ୍ପୋର୍ଟ୍ସ କ୍ଲବ୍ ଖେଳିବ ବୋଲି ଏଆଇଏଫ୍ଏଫ୍ ପକ୍ଷରୁ ଆଜି ଘୋଷଣା କରାଯାଇଛି। ଗ୍ରୁପ୍-ଏ'ରେ ଡେମ୍ପୋ ସହ ଚେନ୍ନାଇନ୍ ଏଫ୍‌ସି, ମୋହନ ବାଗାନ ସୁପର ଜାଏଣ୍ଟ ଓ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ସ୍ଥାନ ମିଳିଛି। ୨୫ରେ ଇଷ୍ଟ ବେଙ୍ଗଲ ସହ ଡେମ୍ପୋ ତାହାର ପ୍ରଥମ ମ୍ୟାଚ୍ ଖେଳିବ।

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୫୯ ରନରେ ଅଲଆଉଟ୍

କଟକ,୧୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହୋଇଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୯ରନରେ ଅଲଆଉଟ ହୋଇଛି। ଜବାବରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସାଇଦୀପ ମହାପାତ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଷୁଡ଼ି ପଡ଼ିଥିଲା। ଓପନର ପାନକଳ ଶଶାଙ୍କ ସର୍ବାଧିକ ୩୭ରନ କରିଥିଲେ। ହାଇଦ୍ରାବାଦର ଏମ ଶଶାଙ୍କ ଓ ପ୍ରଣବ ବର୍ମା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନିଜସ୍ୱ ଗ୍ରାଉଣ୍ଡରେ ଓଡ଼ିଶାକୁ କଡ଼ା ଜବାବ ଦେବାରେ ହାଇଦ୍ରାବାଦ ସଫଳ ହୋଇଛି। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଅଛନ୍ତି। ଓଡ଼ିଶାର ଆୟୁଷ ବାରିକ ୨ଟି ୱିକେଟ ଦଖଲ କରିଛନ୍ତି।

### ୩ ଦିନିକିଆ ଓ ୫ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା

# ୧୯ରୁ ଭାରତର ଅଷ୍ଟ୍ରେଲିଆ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):

ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆ ଏବେ ଭାରତର ନୂଆ ପ୍ରତିଦ୍ୱନ୍ଦ୍ୱୀ। ଏକଦା ଅଷ୍ଟ୍ରେଲିଆକୁ ହରାଇବା ଭାରତ ଲାଗି କଷ୍ଟକର ହେଉଥିଲାବେଳେ ଏବେ ସ୍ଥିତି ଭିନ୍ନ ହୋଇଛି। ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଭାରତ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜ୍‌ରେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତକୁ ପ୍ରତିହତ କରିବାରେ ଭାରତ ସମର୍ଥ ହୋଇ ନ ଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରି ବେଶ ଲୋକପ୍ରିୟତା ହାସଲ କରିଛି। ଟେଷ୍ଟ ଓ ଟି-୨୦ ଫର୍ମାଟରେ ଉଭୟଙ୍କ ମଧ୍ୟରେ ଅଧିକ କଡ଼ା ମୁକାବିଲା ହୋଇଛି। ମୋଟାମୋଟି କହିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳରେ ଏବେ ନୂଆ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମଥର ଆସନ୍ତା ୧୯ରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ଆହତ ସମସ୍ୟା ଯୋଗୁଁ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏହି ସିରିଜ୍‌ରେ ଖେଳିବେ ନାହିଁ। ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଉଭୟ ଦେଶ ମଧ୍ୟରେ ନେତୃତ୍ୱ କିଏ ନେଉଛି, କିଏ ଉପସ୍ଥିତ ବା ଅନୁପସ୍ଥିତ ରହୁଛି ତାହା ବଡ଼ କଥା ନୁହେଁ, ପଡ଼ିଆରେ କିଏ କେତେ ସଫଳ ହେଉଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ବିଶ୍ୱର ସବୁଠାରୁ ଅଭିଜ୍ଞ ଦୁଇ ଖେଳାଳି ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସମ୍ଭବତଃ ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳିବେ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଏଣୁ ଏହି ସିରିଜ୍ ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ସିରିଜ୍ ହେବ ଓ ଉଭୟ ଭାରତୀୟ ଦଳରେ ରହିବେ କି ନାହିଁ ତାହା ମଧ୍ୟ ସ୍ୱଷ୍ଟ ହେବ। ସମସ୍ତ ଦୃଷ୍ଟି କୋଣରୁ ତର୍ଜମା କଲେ ଏହି ସିରିଜ୍ ଅଷ୍ଟ୍ରେଲିଆ ଅପେକ୍ଷା ଭାରତ ଲାଗି ବେଶ ମହତ୍ତ୍ୱ ରଖୁଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍ ଏବେ ଭାରତର ଉଭୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଦାୟିତ୍ୱରେ ରହିଛନ୍ତି।



| ଖେଳ ଆରମ୍ଭ (ଭାରତୀୟ ସମୟ) |
|---|
| ଦିନିକିଆ : ସକାଳ ୯ଟା |
| ଟି-୨୦ : ଅପରାହ୍ଣ ୧ଟା ୪୫ ମିନିଟ୍ |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମୁକାବିଲା ପର୍ଥର ଫାଷ୍ଟ ପିଚ୍‌ରେ ଅକ୍ଟୋବର ୧୯ ତାରିଖ ବା ଆସନ୍ତା ରବିବାର ଖେଳାଯିବ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ପରେ ଲଢ଼େଇ ଲାଗି ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆରେ ଭାରତ ଶେଷଥର ୨୦୧୮-୧୯ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିଥିଲା। ଏହା ପରେ ଆଉ ଗୋଟିଏ ସିରିଜ୍ ଖେଳାଯାଇଛି ଓ ଏହାକୁ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏବେ ନୂଆ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ଯାଉଛି। ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ଆଇପିଏଲ୍‌ରେ ଖେଳିଛନ୍ତି। ଏଣୁ ଉଭୟ ଦଳର ଖେଳାଳିମାନେ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ ଅଛନ୍ତି। ଏଣୁ ପିଚ୍ ଓ ପରିବେଶକୁ ଭାରତୀୟ ଦଳ କିପରି ଖାପ୍ ଖୁଆଇବ ତାହା ଉପରେ ଖେଳର ସ୍ଥିତି ନିର୍ଭର କରୁଛି। ଶେଷଥର ଉଭୟଙ୍କ ମଧ୍ୟରେ ଏକ ସିରିଜ୍ ୨୦୨୩-୨୪ ସିଜନରେ ଭାରତରେ ଖେଳାଯାଇଥିଲା। ଘରୋଇ ମାଟିରେ ଭାରତ ଏହାକୁ ଜିତିବାରେ ସମର୍ଥ ହୋଇଥିଲା। ଏବେ ନୂଆ ଖେଳାଳି ଓ ନୂଆ ନେତୃତ୍ୱରେ ଏକ ଭିନ୍ନ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ରୋହିତ, କୋହଲି ଓ ଗିଲ୍‌ଙ୍କ ଉପରେ ନଜର:** ଚାମ୍ପିଅନ୍ସ ଟ୍ରଫି ପରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କର ଏହା ପ୍ରଥମ ପ୍ରତିଯୋଗିତାମୂଳକ କ୍ରିକେଟ ହେବ। ଏହି ଦୁଇ ଖେଳାଳି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳାଯିବ। ଏହା ମଧ୍ୟରେ ଟିମ୍ ସଜାଡିନେବାକୁ ସମସ୍ତ ଉଦ୍ୟମ କରିବ ଟିମ୍ ଇଣ୍ଡିଆ। ରୋହିତ ଓ କୋହଲିଙ୍କ ନେଇ ଭାରତ ବିଶ୍ୱକପ୍ ଖେଳିବ କିମ୍ବା ସେମାନଙ୍କୁ ବାଦ୍ ଦେବ ତାହାର ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ଏହି ସିରିଜ୍‌ରୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ କିଛି ସ୍ପଷ୍ଟ ସୂଚନା ମିଳିବ। ସେହିପରି ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଇଂଲଣ୍ଡରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଉଭୟ ବ୍ୟାଟିଂ ଓ ନେତୃତ୍ୱରେ ବେଶ ସଫଳତା ଲାଭ କରିଥିଲେ। ଏବେ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଗିଲ୍। ଏଣୁ ଏହି ସିରିଜ୍‌ରେ ଭାରତର ୩ ତାରକା ଖେଳାଳିଙ୍କ ଉପରେ ନିଶ୍ଚିତ ନଜର ରହିବ।

| ଖେଳ ସୂଚୀ- ଦିନିକିଆ | | |
|---|---|---|
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୧୯।୧୦ | ପ୍ରଥମ ଦିନିକିଆ | ପର୍ଥ |
| ୨୩।୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ୍ |
| ୨୫।୧୦ | ତୃତୀୟ ଦିନିକିଆ | ସିଡନୀ |

| ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ | | |
|---|---|---|
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

**ଭାରତର ଖେଳାଳି ଦଳ**

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଟି-୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଭାଇଙ୍କୁ ଗୁରୁଗ୍ରାମ ସମ୍ପତ୍ତି ହସ୍ତାନ୍ତର କଲେ କୋହଲି

ଗୁରୁଗ୍ରାମ୍, ୧୬।୧୦ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଗୁରଗ୍ରାମରେ ଥିବା ତାଙ୍କ ସମ୍ପତ୍ତି ଭାଇ ବିକାଶଙ୍କୁ ହସ୍ତାନ୍ତର କରିଛନ୍ତି। ସେ ବିକାଶଙ୍କ ନାମରେ ସବୁ ସମ୍ପତ୍ତି ଲେଖିଛନ୍ତି ଓ ପାୱାର ଅଫ୍ ଆଟର୍ଣ୍ଣି ଭାଇଙ୍କ ନାଁରେ କରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଗୁରୁଗ୍ରାମ୍‌ର ୱଜିରାବାଦ୍ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେ ତହସିଲ୍‌ରେ ଏକ ଘଣ୍ଟା ରହିଥିଲେ ଓ ଉପସ୍ଥିତ ସବୁ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସେ ଦିଲ୍ଲୀ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। କୋହଲି ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ପୁଅ-ଝିଅଙ୍କ ସହ ସହ ଲଣ୍ଡନରେ ଅବସ୍ଥାନ କରୁଛନ୍ତି। ସେ ଭାରତରେ କମ୍ ସମୟ ରହୁଛନ୍ତି। ସେଥିପାଇଁ ସେ ତାଙ୍କ ସମ୍ପତ୍ତିକୁ ଭାଇ ନାଁରେ କରିଛନ୍ତି। ଗୁରୁଗ୍ରାମ୍‌ରେ ଡିଏଲ୍ଏଫ୍ ସିଟିରେ କୋହଲିଙ୍କ ଏକ ଘର ଓ ଫ୍ଲାଟ ରହିଛି। ଉଲ୍ଲେଖଥାଉ କି, କୋହଲି ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ସେ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି।



## ଅଭିଷେକ, ମନ୍ଧାନା ସେପ୍ଟେମ୍ବରର ଶ୍ରେଷ୍ଠ ଆଇସିସି କ୍ରିକେଟର

ଦୁବାଇ, ୧୬।୧୦ (ଏଜେନ୍ସି): ଭାରତୀୟ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ସେପ୍ଟେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଗତମାସରେ ୟୁଏଇରେ ଅନୁଷ୍ଠିତ ଟି-୨୦ ଏସିଆକପ୍‌ରେ ସେ ଭାରତ ପାଇଁ ଇନିଂସ ଓପନ କରି ଧୂଆଁଧାର ବ୍ୟାଟିଂ କରିବା ସହ ୭ରୁ ୬ଟି ମ୍ୟାଚ୍‌ରେ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ୍ ୩୧୪ ରନ ସଂଗ୍ରହ କରି ଏହି ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ଅଭିଷେକ ନିଜର ଦେଶର ତାରକା ସ୍ପିନର କୁଲଦୀପ ଯାଦବ ଓ ଜିମ୍ବାୱେରେ ଓପନିଂ ବ୍ୟାଟର ବ୍ରାଏନ ବେନେଟଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଏସିଆକପ୍‌ରେ ୧୭ଟି ୱିକେଟ ଅକ୍ତିଆର କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।





ଏସିଆକପ୍‌ରେ ଅଭିଷେକ ୭ଟି ମ୍ୟାଚ୍ ଖେଳିଥିଲେ। ସେ ୨୦୦ ଷ୍ଟ୍ରାଇକ୍‌ରେଟ୍ ୬ଟି ମ୍ୟାଚ୍‌ରେ ୩୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସୁପର-୪ ପର୍ଯ୍ୟାୟରେ ସେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନର ଇନିଂସ ଖେଳିଥିଲେ। ଅନ୍ୟପଟେ ମହିଳା କ୍ରିକେଟରେ ଭରତୀୟ ବାହାହାତୀ ବ୍ୟାଟର ସ୍ମୃତି ମନ୍ଧାନା ମଧ୍ୟ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ପାକିସ୍ତାନର ସିଦ୍ରା ଅମିନ ଓ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍‌ଜଙ୍କୁ ପଛରେ ପକାଇ ସେପ୍ଟେମ୍ବର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଗତମାସରେ ସେ ୪ଟି ଦିନିକିଆ ଖେଳି ୭୭ ହାରରେ ୩୦୮ ରନ ସଂଗ୍ରହ କରିଥିଲେ।

## ୨୫ରୁ ମହିଳା କାୟାକିଂ ଓ କାନୋଇଂ ଲିଗ୍

କଟକ, ୧୬।୧୦ (ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ୨୫ରୁ ଖେଲୋ ଇଣ୍ଡିଆ ମହିଳା କାୟାକିଂ ଓ କାନୋଇଂ ଲିଗ୍ ଆରମ୍ଭ ହେବ। କେବଳ ମହିଳା ପ୍ରତିଯୋଗୀଙ୍କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ସମସ୍ତ ବୟସ ବର୍ଗର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏପରିକି ଓଡ଼ିଶାରେ ଚାକିରି କରିଥିବା ଅନ୍ୟ ରାଜ୍ୟର ଜଳକ୍ରୀଡ଼ାବିତ୍ ମାନେ ମଧ୍ୟ ଭାଗ ନେଇ ପାରିବେ। ରାଜ୍ୟ ସଂଘର ସମସ୍ତ ଅନୁବନ୍ଧିତ ୟୁନିଟକୁ ଏ ବାବଦରେ ସୂଚନା ଦିଆଯାଇଛି। ଏଭଳି ଲିଗ୍ ଆୟୋଜନ ଦ୍ୱାରା ଓଡ଼ିଶାରୁ କାୟାକିଂ ଓ କାନୋଇଂ ପ୍ରତିଭା ଚିହ୍ନଟ ହେବେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

**ବାରବାଟୀ ରଣଜୀ**

## ରାଜେଶ ଧୂପର୍ ଶତକରୁ ବଞ୍ଚିତ

କଟକ,୧୬।୧୦(ସମିସ):

ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବରୋଦାକୁ ଟକ୍କର ଦେବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶାର ପାଳି ୨୭୧ରନରେ ସୀମିତ ରହିବା ପରେ ବରୋଦା ୨ ୱିକେଟ ହରାଇ ୧୨୭ରନ କରିଛି। ଓପନର ଶିବାଲିକ ଶର୍ମା ୭୫ରନରେ ଅପରାଜିତ ରହିଛନ୍ତି। ହାତରେ ୮ ୱିକେଟ ବାକି ରଖି ୧୪୪ରନରେ ପଛୁଆ ଥିବା ବରୋଦା ଏଠାରେ ଇନିଂସ ଅଗ୍ରଣୀ ଦିଗରେ ଅଗ୍ରସର ହେଉଛି। ଶୁକ୍ରବାର ଖେଳର ୩ୟ ଦିବସ। ବରୋଦାର ପ୍ରଥମ ଇନିଂସକୁ ଯଥାଶୀଘ୍ର ସମାପ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିବ। ଓଡ଼ିଶାର ବୋଲିଂ ଆଗରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ବରୋଦା ପ୍ରଥମ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି। ଓଡ଼ିଶା ଇନିଂସରେ ରାଜେଶ ଧୂପର ସର୍ବାଧିକ ୯୪ ରନ୍‌ରେ ଆଉଟ ହୋଇଥିଲାବେଳେ ମାତ୍ର ୬ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଛନ୍ତି।

**ଓଡ଼ିଶା ୨୭୧/୧୦; ବରୋଦା ୧୨୭/୨**



ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ ୨୦୫/୫ରୁ ଗୁରୁବାର ଖେଳ ଆରମ୍ଭ ହୋଇଥିଲା। ୭୬ରନରେ ଅପରାଜିତ ଥିବା ରାଜେଶ ଧୂପରଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱିକେଟକିପର ଆଶୀର୍ବାଦ ସ୍ୱାଇଁ। ଉଭୟଙ୍କ ଭିତରେ ୪୫ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ତେବେ ୯୪ରନରେ ପହଞ୍ଚିଥିବା ରାଜେଶଙ୍କୁ ଏଲବିଡବ୍ଲ୍ୟୁ କରି ଅତୀତ ସେଠ୍ ଓଡ଼ିଶାକୁ ବଡ଼ ଝଟ୍‌କା ଦେଇଥିଲେ। ୨୫୨ବଲ ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ବଳରେ ରାଜେଶ ଏହି ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦଳୀୟସ୍କୋରରେ ଆଉ ୩ରନ୍ ଯୋଡ଼ି ହେବା ପରେ ଆଶୀର୍ବାଦ (୨୨ରନ) ପ୍ୟାଭିଲିୟନ ଫେରିଥିଲେ। ରାଜେଶ ମହାନ୍ତି ୮ରନ, ସୁନୀଲ ରାଉଳ ୯ରନ, ସୁମିତ ଶର୍ମା ଶୂନରେ ଆଉଟ ହେବା ସହ ଓଡ଼ିଶା ପାଳିର ପରିସମାପ୍ତି ଘଟିଥିଲା। ବରୋଦାର ଅତୀତ ୪ଟି ୱିକେଟ ହାସଲ କରିଥିବା ବେଳେ ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ରସିକ୍ ଓଡ଼ିଶାର ଶେଷ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଜ୍ୟୋତ୍ସ୍ନିଲ ସିଂହ ଓ ଶିବାଳିକ ଶର୍ମା ଓପନିଂ ଭାଗିଦାରୀରେ ୩୭ରନ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଧିମା ଗତିରେ ଖେଳୁଥିବା ଜ୍ୟୋତ୍ସ୍ନିଲ ୧୨ରନ କରିଥିବା ବେଳେ ରନଆଉଟ ହୋଇ କ୍ରିଜ ଛାଡ଼ିଥିଲେ। ପରେ କ୍ରିଜକୁ ଆସିଥିବା ଶାଶ୍ୱତ ରାଉତ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ ଜାଲରେ ଫସିଥିଲେ। ମାତ୍ର ୮ରନରେ ସେ ୱିକେଟକିପର ଆଶୀର୍ବାଦଙ୍କ ହାତରେ ଧରା ପଡ଼ିଥିଲେ। ୫୧ରନରେ ପ୍ରଥମ ଦୁଇ ୱିକେଟ ହରାଇଥିବା ବରୋଦା ଦଳ ଓଡ଼ିଶା ବୋଲରଙ୍କୁ ଆଉ ସୁଯୋଗ ନଦେଇ ଦଳୀୟସ୍କୋରକୁ ୧୨୭ରେ ପହଞ୍ଚାଇଛି। ଶିବାଲିକ ୭୫ରନ ଏବଂ ସୁକୀର୍ତ୍ତି ପାଣ୍ଡେ ୩୨ରନରେ ଅପରାଜିତ ଅଛନ୍ତି। ଶିବାଲିକ୍ ଏହି ସ୍କୋର କରିବାକୁ ୧୬୬ଟି ଓ ସୁକୀର୍ତ୍ତି ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଉଭୟ ଗୋଟିଏ ଲେଖାଏଁ ଛକା ମାରିଥିଲାବେଳେ ଶିବାଲିକ ୬ଟି ଓ ସୁକୀର୍ତ୍ତି ତାଙ୍କ ଇନିଂସରେ ୩ଟି ଚୌକା ମାରିଥିଲେ। ଓଡ଼ିଶାର ପ୍ରମୁଖ ବୋଲର ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କ ୱିକେଟ ଖାତା ଖାଲି ରହିଛି। କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଛି। ଜ୍ୟୋତ୍ସ୍ନିଲ ରନ୍ ଆଉଟ୍ ହୋଇଥିଲେ।

**ୟୁନିଲାଇଟ୍ କପ୍**

## ସେମିରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍

ଭୁବନେଶ୍ୱର, ୧୬।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମୁକାବିଲାରେ ଓଡିଏମ୍ ୬-୫ ଟାଇବ୍ରେକର ଗୋଲରେ ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲକୁ ପରାସ୍ତକରି ସେମିକୁ ଉଠିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଗଣ୍ଡରପୁରର ଓମ୍ ସାଇ ସତ୍ୟଜିତ ଦଳାଇ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲର ଆୟୁଷ ଖୋଗେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥି ଭାବେ ରାଜକମଲ ମଣ୍ଡଳ ଓ ଅରୁଣ କୁମାର ବଳିୟାରସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗଣ୍ଡରପୁର ଗୋଲରକ୍ଷକ ସତ୍ୟଜିତ ପଢିହାରୀଙ୍କୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ, ଆଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସରୋଜ ମହାରଣା, ଶେଖାୱତ ଖାନ୍, ଅମିତ ନାୟକ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଟି ମୋହନରାଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଗ୍ଲୋବାଲ ହାଇସ୍କୁଲ ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS